**- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାନସିକ ସ୍ୱାସ୍ଥ୍ୟର ଯତ୍ନ: ବର୍ତ୍ତମାନ ସମୟର ଆହ୍ୱାନ


ଡା. ସତ୍ୟକାମ ମହାପାତ୍ର

"ମାନସିକ ରୋଗ କହିଲେ ଲୋକେ ସାଧାରଣତଃ ପାଗଳାମି କିମ୍ବା ମେଣ୍ଟାଲ ରୋଗ ବୋଲି ଭାବିଥାନ୍ତି। ମାତ୍ର ତାହା ସମ୍ପୂର୍ଣ୍ଣ ଭୁଲ୍‌ଧାରଣା। ମାନସିକ ରୋଗରେ ଆକ୍ରାନ୍ତ ଲୋକ ସବୁବେଳେ ଯେ ମାରପିଟ, ଭଙ୍ଗାରୁଜା କରିବା, ଉତ୍ତ୍ୟକ୍ତ ହେବା ଆଦି ଲକ୍ଷଣ ଦେଖାଦେଇଥାଏ, ତାହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ମାନସିକ ରୋଗ ବିଭିନ୍ନ ପ୍ରକାରର ହୋଇପାରେ ଓ ତାହାର ଲକ୍ଷଣ ମଧ ବିଭିନ୍ନ ପ୍ରକାରର ହୋଇପାରେ। ଯେମିତିକି ବିଭିନ୍ନ ପ୍ରକାର ଆଙ୍ଗ୍‌ଜାଇଟି ରୋଗରେ ଲୋକକୁ ସବୁବେଳେ ଅତି ଛୋଟ ଛୋଟ କଥାରେ ଅତ୍ୟଧିକ ଛାନିଆ, ବ୍ୟସ୍ତ, ବିବ୍ରତ ଲାଗିପାରେ।"



ମାନସିକ ସୁସ୍ଥତା ଓ ମାନସିକ ରୋଗ ସମ୍ବନ୍ଧରେ ଆମ ଦେଶର ଲୋକଙ୍କ ମଧ୍ୟରେ ସଚେତନତାର ଘୋର ଅଭାବ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସାମ୍ପ୍ରତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସାରା ବିଶ୍ୱରେ ପ୍ରାୟ ୪୫ କୋଟି ଲୋକ ବିଭିନ୍ନ ମାନସିକ ସମସ୍ୟା ଦ୍ୱାରା ଆକ୍ରାନ୍ତ। ଭାରତବର୍ଷରେ ମାନସିକ ରୋଗୀଙ୍କ ସଂଖ୍ୟା ଅତି ଦ୍ରୁତଗତିରେ ବଢ଼ିବାରେ ଲାଗିଛି। କିନ୍ତୁ ଦୁର୍ଭାଗ୍ୟବଶତଃ ଆମ ଦେଶର ଲୋକଙ୍କ ମଧ୍ୟରେ ମାନସିକ ରୋଗ ଓ ତାହାର ଚିକିତ୍ସା ସମ୍ବନ୍ଧରେ ଅନେକ ଭୁଲ ଧାରଣା ଅଛି। ମାନସିକ ରୋଗ କହିଲେ ଲୋକମାନେ ସାଧାରଣତଃ ପାଗଳାମି କିମ୍ବା ମେଣ୍ଟାଲ ରୋଗ ବୋଲି ଭାବିଥାନ୍ତି। ମାତ୍ର ତାହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ମାନସିକ ରୋଗରେ ଆକ୍ରାନ୍ତ ଲୋକ ସବୁବେଳେ ଯେ ମାରପିଟ, ଭଙ୍ଗାରୁଜା କରିବା, ଉତ୍ତ୍ୟକ୍ତ ହେବା ଆଦି ଲକ୍ଷଣ ଦେଖାଦେଇଥାଏ, ତାହା ସମ୍ପୂର୍ଣ୍ଣ ଭୁଲ ଧାରଣା। ମାନସିକ ରୋଗ ବିଭିନ୍ନ ପ୍ରକାରର ହୋଇପାରେ ଓ ତାହାର ଲକ୍ଷଣ ମଧ ବିଭିନ୍ନ ପ୍ରକାରର ହୋଇପାରେ। ଯେମିତିକି ବିଭିନ୍ନ ପ୍ରକାରର ଆଙ୍ଗ୍‌ଜାଇଟି ରୋଗରେ ଲୋକକୁ ସବୁବେଳେ ଅତି ଛୋଟ ଛୋଟ କଥାରେ ଅତ୍ୟଧିକ ଛାନିଆ, ବ୍ୟସ୍ତ, ବିବ୍ରତ ଲାଗିପାରେ। ଫୋବିଆ ରୋଗରେ ଲୋକକୁ କେତେକ ନିର୍ଦ୍ଦିଷ୍ଟ ବସ୍ତୁ, ସ୍ଥାନ ଓ ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭାବରେ ଭୟ ଦେଖା ଦେଇପାରେ। ଡିପ୍ରେସନ ବା ଅବସାଦ ରୋଗରେ ମନ ଅଧିକାଂଶ ସମୟ ଦୁଃଖ ରହିଥାଏ। କାହା ସହିତ ମିଳାମିଶା କରିବାକୁ ଇଚ୍ଛା ହୁଏନାହିଁ। ସବୁବେଳେ ଏକୁଟିଆ ରହିବାକୁ ଭଲ ଲାଗେ। ଅବସେସିଭ କମ୍ପଲସିଭ ଡିସଅର୍ଡର (ଓସିଡି) ବା ଶୁଚିବାଇ ରୋଗ ବ୍ୟକ୍ତିର ମନରେ ଅନାବଶ୍ୟକ ଚିନ୍ତା ବାରମ୍ବାର ଆସିଥାଏ ଓ ରୋଗୀ କେତେକ କାମକୁ ବାରମ୍ବାର କରିଥାଏ ଯେମିତିକି ବାରମ୍ବାର ହାତ ଗୋଡ଼ ଧୋଇ ହେବା, ବାରମ୍ବାର ତାଲା ଚେକ କରିବା ଆଦି। ସୋମାଟୋଫର୍ମ ରୋଗ ଏକ ପ୍ରକାରର ମାନସିକ ରୋଗ ଅଛି ଯେଉଁଥିରେ ଦୀର୍ଘ ଦିନ ପର୍ଯ୍ୟନ୍ତ ବିଭିନ୍ନ ଶାରୀରିକ ଲକ୍ଷଣମାନ ଦେଖାଯାଇଥାଏ, କିନ୍ତୁ ସବୁ ପ୍ରକାରର ଶାରୀରିକ ପରୀକ୍ଷା ନିରୀକ୍ଷା ପ୍ରାୟତଃ ଠିକ୍ ଥାଏ। ସେହିପରି ବିଭିନ୍ନ ନିଶା ସେବନ, ଏହା ମଧ ଏକ ପ୍ରକାରର ମାନସିକ ସମସ୍ୟା। ଅନେକ ଲୋକ ନିଶା ସେବନକୁ ଏକ ଷ୍ଟାଇଲ ବା ବ୍ୟବହାରିକ ସମସ୍ୟା ବୋଲି ଭାବିଥାନ୍ତି। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା। ଠିକ୍ ସେହିପରି ଛୋଟ ପିଲାମାନଙ୍କଠାରେ ଦେଖା ଦେଉଥିବା ଅନେକ ବ୍ୟବହାରିକ ସମସ୍ୟା ବିଭିନ୍ନ ମାନସିକ ସମସ୍ୟା ହୋଇପାରେ। ଭୂତ ଲାଗିବା, କାଳିଶି ଲାଗିବା, ଠାକୁରାଣୀ ଆସିବା ଏସବୁ ମଧ୍ୟ ଏକ ମାନସିକ ସମସ୍ୟା ଓ ତାହାର ଚିକିତ୍ସା ମଧ ଆଜିକାଲିର ଆଧୁନିକ ଚିକିତ୍ସା ପଦ୍ଧତିରେ ସମ୍ଭବ।

ମାନସିକ ରୋଗର କାରଣ ସମ୍ବନ୍ଧରେ ମଧ ଲୋକଙ୍କର ଅନେକ ଭୁଲ ଧାରଣା ରହିଛି। ଲୋକମାନେ ଭାବିଥାନ୍ତି ଗୁଣିଗାରେଡି ଯୋଗୁ ସାଧାରଣତଃ ମାନସିକ ରୋଗ ହୋଇଥାଏ। ମାତ୍ର ମସ୍ତିଷ୍କରେ ଥିବା କେତେକ ନିର୍ଦ୍ଦିଷ୍ଟ ରାସାୟନିକ ପଦାର୍ଥ (ନିଉରୋଟ୍ରାନ୍ସମିଟର)ର ମାତ୍ରାରେ ଅସନ୍ତୁଳନ ଯୋଗୁ ମାନସିକ ରୋଗଗୁଡ଼ିକ ଦେଖାଦେଇଥାଏ। ଜିନ୍‌ଗତ କାରଣ, ସାମାଜିକ କିମ୍ବା ପରିପାର୍ଶ୍ୱିକ ଚାପ କାରଣରୁ ଏହି ରାସାୟନିକ ଅସନ୍ତୁଳନ ଘଟିପାରେ। ଅନେକ ଲୋକଙ୍କ କ୍ଷେତ୍ରରେ ଏହି ରୋଗ ବଂଶାନୁଗତିକ ହୋଇଥାଏ। ଅନେକ ଲୋକଙ୍କଠାରେ ନିଶାସେବନ ମୁଖ୍ୟତଃ ଗଞ୍ଜେଇ, ଭାଙ୍ଗ ଓ ମଦ ସେବନ ଦ୍ୱାରା ମାନସିକ ରୋଗ ଆରମ୍ଭ ହୋଇପାରେ।

ମାନସିକ ରୋଗର ଚିକିତ୍ସା ସମ୍ବନ୍ଧରେ ଲୋକଙ୍କଠାରେ ଅନେକ ଭୁଲ ଧାରଣା ଅଛି। ଅନେକ ଲୋକ ଭାବିଥାନ୍ତି ମାନସିକ ରୋଗର ଚିକିତ୍ସା ଆଦୌ ସମ୍ଭବ ନୁହେଁ ବା ମାନସିକ ରୋଗ କେବେ ଠିକ୍ ହୋଇପାରିବ ନାହିଁ। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା। ସମସ୍ତ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ। ଆଜିକାଲିର ଆଧୁନିକ ଚିକିତ୍ସା ବିଜ୍ଞାନରେ ସବୁ ମାନସିକ ରୋଗର ସଫଳ ଚିକିତ୍ସା କରାଯାଇ ପାରୁଛି। ପ୍ରାରମ୍ଭିକ ଅବସ୍ଥାରେ ରୋଗର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। ଆଜିକାଲି ବି ଅନେକ ଲୋକ ଅଛନ୍ତି ଯେଉଁମାନେ ଅନ୍ଧବିଶ୍ୱାସ ଯୋଗୁ ରୋଗର ଚିକିତ୍ସା ନ କରାଇ ଗୁଣିଗାରେଡି ପାଖକୁ ଯାଇ ଅଯଥାରେ ସମୟ ନଷ୍ଟ କରନ୍ତି। ଏହାଦ୍ୱାରା ରୋଗର ପ୍ରକୋପ ବଢ଼େ। ଡେରିରେ ଚିକିତ୍ସା ଆରମ୍ଭ କଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ ଏବଂ ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବାର ସମ୍ଭାବନା କମି ଯାଇଥାଏ। ସେହିପରି ବହୁ ଲୋକ ମାନସିକ ସମସ୍ୟା ଦେଖାଦେଲେ ସେମାନେ କେଉଁ ବିଭାଗର ଡାକ୍ତରଙ୍କୁ ପରାମର୍ଶ କରିବେ ତାହା ଜାଣି ନ ଥାନ୍ତି କିମ୍ବା କିଛି ଲୋକ ଜାଣିଥାନ୍ତି ଯେ ମାନସିକ ରୋଗର ଚିକିତ୍ସା ପାଇଁ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ, କିନ୍ତୁ ଯଦି ସେ ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଗଲେ ଅନ୍ୟମାନେ ସମାଜରେ ତାଙ୍କ ବିଷୟରେ କ'ଣ ଭାବିବେ? କାଳେ ତାଙ୍କୁ ପାଗଳ ବୋଲି ଭାବିବେ କି? ଏସବୁ ଭୁଲ ଧାରଣା ମନରେ ରଖି ଲୋକେ ମାନସିକ ରୋଗୀ ପାଖକୁ ପରାମର୍ଶ ପାଇଁ ଯିବା ଲାଗି କୁଣ୍ଠାବୋଧ କରନ୍ତି।

ଅନେକ ଲୋକ ଭାବିଥାନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧ ସାରା ଜୀବନ ପାଇଁ ଖାଇବାକୁ ପଡ଼ିଥାଏ। ଏହା ମଧ ଅନେକାଂଶରେ ଭୁଲ ଧାରଣା। କେତେକ ନିର୍ଦ୍ଦିଷ୍ଟ ମାନସିକ ରୋଗ ଛଡ଼ା ଅନ୍ୟ କୌଣସି ରୋଗରେ ସାରା ଜୀବନ ଔଷଧ ଖାଇବାକୁ ପଡ଼େ ନାହିଁ। ମାନସିକ ରୋଗଗୁଡ଼ିକର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ। ଯାହା କି ସାଧାରଣତଃ ରୋଗର ତୀବ୍ରତା, ଲକ୍ଷଣ ଦେଖା ଦେବାର କେତେଦିନ ପରେ ରୋଗୀ ଚିକିତ୍ସା ଆରମ୍ଭ କରୁଛି, ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା ଦ୍ୱାରା ରୋଗୀ କେତେ ମାତ୍ରାରେ ଭଲ ହେଉଛି ଏସବୁ ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ପ୍ରାୟତଃ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ପୂର୍ବରୁ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବାର ସମ୍ଭାବନା ଥାଏ। ତେଣୁ କେତେ ଦିନ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼ିବ ତାହା ରୋଗୀ ଓ ତାଙ୍କର ପରିବାରର ଲୋକମାନେ ଡାକ୍ତରଙ୍କଠାରୁ ବୁଝି ରଖିବା ଉଚିତ। କିଛି ମାନସିକ ସମସ୍ୟା ଅଛି ଯେଉଁଥିରେ କିଛି ମାସ ମେଡିସିନ୍ ଖାଇଲା ପରେ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଏ। ଆଉ ମେଡିସିନ୍ ଖାଇବା ଦରକାର ପଡ଼ି ନ ଥାଏ।

ଅନେକ ଲୋକ ଭାବିଥାଆନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧଗୁଡ଼ିକୁ ଖାଇଲେ ଏହା ଅଭ୍ୟାସରେ ପଡ଼ିଯାଏ, ଏସବୁ ମେଡିସିନ୍‌ଗୁଡ଼ିକ ଏକ ପ୍ରକାରର ନିଶା, ଥରେ ଖାଇବା ଆରମ୍ଭ ଆଉ ଛାଡ଼ି ହେବନି। ମାତ୍ର ଏସବୁ ଭୁଲ ଧାରଣା। ଆଜିକାଲି ବ୍ୟବହାର କରାଯାଉଥିବା ମେଡିସିନ୍‌ଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ। ଯଦି ଆପଣ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଖାଇବେ ତେବେ ଏସବୁ ସମସ୍ୟା କେବେ ଦେଖାଦେବ ନାହିଁ।

-ମାନସିକ ରୋଗ ବିଶେଷଜ୍ଞ,
ମହାନଦୀ ବିହାର, କଟକ
ମୋ : ୮୮୯୫୨୯୩୯୯୭

## ସୁସ୍ଥ ଜୀବନଶୈଳୀ ଓ ହୃଦ୍‌ରୋଗ



ଆଜିର ସମୟରେ ଚିନ୍ତାଜନକ ହେଉଛି ହୃଦ୍‌ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟ ଅନୁଯାୟୀ ପ୍ରତିବର୍ଷ ପାଖାପାଖି ୧ କୋଟି ୭୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ଅସ୍ୱାଭାବିକ ମୃତ୍ୟୁ ହୃଦ୍‌ରୋଗ ଯୋଗୁ ଘଟୁଛି। ଶାରୀରିକ ପରିଶ୍ରମର ଅଭାବ, ନିଶାଦ୍ରବ୍ୟ ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା ଯୋଗୁ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ବର୍ତ୍ତମାନ ସମୟରେ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି। ଅନ୍ତତଃ ପକ୍ଷେ ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା ହ୍ରାସ ପାଏ। ହଳଦୀରେ ଥିବା କୁର୍କମିନ୍ ନାମକ ଔଷଧୀୟ ପଦାର୍ଥ ହୃଦ୍‌ରୋଗରୁ ରକ୍ଷା କରିଥାଏ। ବର୍ଷକୁ ଅନ୍ତତଃ ଦୁଇଥର ରକ୍ତଦାନ ଦ୍ୱାରା ହୃଦ୍‌ରୋଗର ଆଶଙ୍କାକୁ କମ୍ କରିହେବ। ଚାପମୁକ୍ତ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଅତି କମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ହୃଦ୍‌ରୋଗ ପାଇଁ ଓଜନ ବୃଦ୍ଧି ବା ମେଦ ବହୁଳତା ପ୍ରାୟ ୩୨ ଭାଗ ଦାୟୀ। ତେଣୁ ବୟସ ଅନୁସାରେ ଓଜନ କେତେ ରହିବା ଆବଶ୍ୟକ, ତାହା ଜାଣନ୍ତୁ। ଆବଶ୍ୟକତାଠାରୁ ଅଧିକ ଓଜନ ଥିଲେ, ତାହାକୁ କେମିତି ସନ୍ତୁଳିତ ସ୍ତରକୁ ଆଣିହେବ, ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ବ୍ୟବସ୍ଥିତ ଜୀବନଶୈଳୀ ନିଶ୍ଚିତ ଭାବରେ ଆପଣମାନଙ୍କୁ ହୃଦ୍‌ରୋଗରୁ ରକ୍ଷା କରିବ, ଏ ବିଶ୍ୱାସ ରଖନ୍ତୁ।

## ଜାଣି ରଖନ୍ତୁ...



ଆଜିକାଲିର ବ୍ୟସ୍ତମୟ ଜୀବନରେ ଖୁସିର ମାହୋଲରେ ରହିବା ହୁଏତ ଏତେଟା ସହଜ ହୋଇ ନ ପାରେ। ହେଲେ ଆମେ ଯଦି ନିଜକୁ ଏଭଳି ପରିବେଶରେ ରଖିପାରିବା ତେବେ ଆମେ କେତେକାଂଶରେ ସୁସ୍ଥ ରହିବା। ଏ ନେଇ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏକ ବ୍ୟବସ୍ଥିତ ଜୀବନଶୈଳୀ। ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ। ନିଜର ପ୍ରତିଦିନର କାମ ସହ ଆମକୁ ଆଉ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପ୍ରଥମ କଥା ହେଲା ବ୍ୟାୟାମ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏହାଦ୍ୱାରା ଶରୀର କେତେକାଂଶରେ ସୁସ୍ଥ ରହିଥାଏ। ଅନ୍ୟ ଏକ କଥା ହେଲା ଖାଦ୍ୟପେୟ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟପେୟରେ ଅନିୟମିତତା ଅଯଥାରେ କେତେକ ରୋଗର କାରଣ ସାଜିଥାଏ। ଆଉ ଏକ କଥା, ନିୟମିତ ସମୟ ବ୍ୟବଧାନରେ ନିଜ ଶରୀର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ। କୌଣସି ରୋଗର କାରଣ ବିଷୟରେ ଜାଣିପାରିଲେ ତାହାକୁ ଅବହେଳା କରନ୍ତୁ ନାହିଁ। କାରଣ ରୋଗ ଯଦି ଜଟିଳ ଆକାର ଧାରଣ କଲା ତେବେ ତାହାର ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ତା'ସହ ସାମାନ୍ୟ ଅବହେଳାରୁ ବେଳେବେଳେ ଏହି ରୋଗ ମୃତ୍ୟୁକୁ ଡାକିଆଣେ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ମୁଣ୍ଡବ୍ୟଥା ଉପଶମର ସରଳ ଉପାୟ



ଆଜିକାଲି ପ୍ରାୟ ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଖାଦ୍ୟପେୟ ଠିକ୍ ସମୟରେ ନ ଖାଇଲେ, ଆବଶ୍ୟକ ମୁତାବକ ପାଣି ନ ପିଇଲେ ଏହାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ଏଥିରୁ ଉପଶମ ପାଇବା ଲାଗି କେତୋଟି ସରଳ ତଥା ସହଜ ଉପାୟ ରହିଛି। ସବୁଠାରୁ ମୁଖ୍ୟ କଥା ହେଲା ସବୁବେଳେ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ଏଥିରେ ବିଳମ୍ବ ହେଲେ ପେଟରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦେଖାଦେଇଥାଏ, ଯାହାଦ୍ୱାରା ମୁଣ୍ଡ ବିନ୍ଧେ। ତା'ସହ ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ। ଆଉ ଏକ କଥା ହେଲା ନିଦ୍ରା। ଆମକୁ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ନିହାତି ଦରକାର। ଏଥିରେ ଅସନ୍ତୁଳନ ଦେଖାଦେଲେ ତାହା ମୁଣ୍ଡବିନ୍ଧାର କାରଣ ସାଜିଥାଏ। ତେଣୁ ସବୁବେଳେ ଆବଶ୍ୟକ ମୁତାବକ ଶୁଅନ୍ତୁ। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣି ପାରିଛନ୍ତି ଯେ ନିୟମିତ ଯୋଗ କରିବା ଦ୍ୱାରା ମୁଣ୍ଡବିନ୍ଧା ପରି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ବେଳେବେଳେ ଟେନ୍‌ସନ୍‌ର ବଶବର୍ତ୍ତୀ ହେଲେ ମୁଣ୍ଡବିନ୍ଧା ସମସ୍ୟା ଦେଖାଦେଇଥାଏ। ତେଣୁ ଏହାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

## ଆଣ୍ଟିବଡି ଗଠନ କରେ ଗାଜର

ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ସ, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରିହୋଇ ରହିଛି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ। ତେବେ ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଣ୍ଟିବଡି ଗଠନ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ନିୟମିତ ଗାଜର ଖାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସେମାନଙ୍କର ଶରୀରରେ ଆଣ୍ଟିବଡି ପରୀକ୍ଷା କରାଯିବାରୁ ଏହା ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା। ଆପଣ ଦୃଷ୍ଟିଶକ୍ତିଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ନିୟମିତ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନେବା ସହ ଆଉ ଏକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପ୍ରତିଦିନ ଗାଜର ଖାଆନ୍ତୁ। କାରଣ ଗାଜରରେ ଏଭଳି ତତ୍ତ୍ୱ ରହିଛି, ଯାହା ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ। ଏହା ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ। ଗାଜର ନିୟମିତ ଖାଇଲେ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ତା'ସହ ଏହା ରକ୍ତଚାପକୁ ମଧ ସନ୍ତୁଳିତ ରଖେ। ଗାଜରରେ ପଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଅଧିକ ଥିବାରୁ ଏହା ଅସ୍ଥିକୁ ଦୃଢ଼ ରଖିଥାଏ। ସବୁଠାରୁ ଖାସ୍ କଥା ହେଲା, ଏହାକୁ ପ୍ରତିଦିନ ଖାଇଲେ ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ।

## ଚର୍ବି ପରିମାଣ କମାଏ ଟମାଟୋ



ଟମାଟୋରେ ଅନେକ ଉପକାରୀ ଗୁଣ ରହିଛି। ଆପଣ ଚର୍ବିଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ। ଏହା ଶରୀରରେ ଚର୍ବି ପରିମାଣ କମାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଚର୍ବିଜନିତ ସମସ୍ୟା ଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ନିୟମିତ ଖାଦ୍ୟ ସହ ଟମାଟୋରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। କିଛି ମାସ ପରେ ସେମାନଙ୍କର ଚର୍ବି କେତେକାଂଶରେ କମିଥିବାର ଜଣାପଡ଼ିଥିଲା। କେବଳ ସେତିକି ନୁହେଁ, ନିୟମିତ ଟମାଟୋ ଖାଇଲେ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏହା ଦୃଷ୍ଟି ଶକ୍ତି ପାଇଁ ମଧ ଉପକାରୀ ସାବ୍ୟସ୍ତ ହୋଇଥାଏ। ଟମାଟୋ ଖାଇଲେ ତାହା କ୍ୟାନ୍‌ସର ଆଶଙ୍କାକୁ କେତୋକଂଶରେ ଦୂରେଇ ରଖେ ବୋଲି ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ଟମାଟୋ ଖାଇଲେ ତାହା ପାଚନ କ୍ରିୟାକୁ ମଧ ଦୃଢ଼ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ଅଣ୍ଟାଜନିତ ସମସ୍ୟା ଥିଲେ କୌଣସି ସ୍ଥାନରେ ବସିବା କିମ୍ବା ଉଠିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

➤ଧନିଆ ପତ୍ରରେ ଭିଟାମିନ୍ 'ଏ' ଭରି ରହିଛି। ଏହାକୁ ଖାଇଲେ କୋଲେଷ୍ଟରଲ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ।

➤କଦାପି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ଯଦି ଆପଣ ଏହି ସମୟରେ ନିଜ ଲୋଭକୁ ନିୟନ୍ତ୍ରଣରେ ନ ରଖନ୍ତି, ତେବେ ତାହା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି କରିଥାଏ।

➤ରାତିରେ ଶୋଇବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହାଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଛି।

➤ନିୟମିତ ଅଙ୍ଗୁର ଖାଇବା ଦ୍ୱାରା ସ୍ମରଣ ଶକ୍ତି କେତେକାଂଶରେ ବଢ଼ିଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ତା'ସହ ଏହା ମଧ ଅସ୍ଥିକୁ ମଜଭୁତ ରଖେ।

➤ସବୁବେଳେ ନିଜ ଓଜନ କିପରି ନିୟନ୍ତ୍ରଣରେ ରହିବ ସେ ନେଇ ସତର୍କ ରୁହନ୍ତୁ। କାରଣ ଏହା ପରୋକ୍ଷରେ ଆଉ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।



## ଆର୍ଟିକାରିଆ ସମସ୍ୟାର ଆୟୁର୍ବେଦୀୟ ଉପଚାର


ଡା. ଆଶିଷ ବାନାର୍ଜୀ

"ଆର୍ଟିକାରିଆ ହେବା ପୂର୍ବରୁ ଶୋଷ ଲାଗିବା, ଅରୁଚି, ଥକ୍କା, ବାନ୍ତି ଲାଗିବା, ଶରୀରରେ ବ୍ୟଥା ହେବା, ଅଙ୍ଗପ୍ରତ୍ୟଙ୍ଗ ଭାରି ଲାଗିବା, ଆଖି ଲାଲ୍ ଦେଖାଯାଇଥାଏ। ପରେ ଚର୍ମରେ ଚେକାଚେକା ଫଳି ଲାଲ୍ ଦେଖାଯାଏ, କୁଣ୍ଡାଏ, ଜ୍ୱାଳା, ବାନ୍ତି ଲାଗିବା, ଶରୀରରେ ଯନ୍ତ୍ରଣା ଇତ୍ୟାଦି ଲକ୍ଷଣ ଦେଖାଯାଇଥାଏ। ଏହା ୬ ସପ୍ତାହ ଭିତରେ ବା ସାମୟିକ ଭାବେ ହୋଇ ଭଲ ହୋଇଯାଏ, ତାହାକୁ ଏକ୍ୟୁଟ୍ ବୋଲି କୁହାଯାଏ। ଏଥିରେ ତୁଟୁକା ଚିକିତ୍ସା ବା ଏଲୋପ୍ୟାଥିକ୍ ଔଷଧ ବ୍ୟବହାର ଦ୍ୱାରା ଭଲ ହୋଇଯାଏ। ମାତ୍ର ୬ ସପ୍ତାହରୁ ଅଧିକ ହେଲେ କ୍ରନିକ୍ ବୋଲି କୁହାଯାଏ। ଏହା କେବଳ ଆୟୁର୍ବେଦ ଉଷ୍ମ ଔଷଧ ସେବନ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ।"



ଆର୍ଟିକାରିଆ ଏକ ଆଲର୍ଜିଜନିତ, ଚର୍ମ ଲାଲ ରଙ୍ଗ ହୋଇ କୁଣ୍ଡାଇ ହେବା ସହ ଜଳାପୋଡ଼ା ହୋଇ ଚେକା ଚେକା ଫଳିଯାଏ। କେତେବେଳେ ପେନ୍‌ସିଲ୍ ବା ହାତରେ କୁଣ୍ଡାଇ ଦେଲେ ସେହି ଜାଗା ମଧ ଆପେ ଆପେ ଫଳିଯାଏ। କିଛି ସମୟ ପରେ ସ୍ୱତଃପ୍ରବୃତ୍ତ ଭାବେ ଚାଲିଯାଏ ବା ଆଣ୍ଟି ଆଲର୍ଜି, ଆଣ୍ଟି ହିଷ୍ଟାମିନ୍ ଔଷଧ ସେବନ ଦ୍ୱାରା ସ୍ୱତଃ ଚାଲିଯାଇଥାଏ। ମାତ୍ର ଏହା ଏଥିରେ ଉପଶମ ନ ହୋଇ ବାରମ୍ବାର ବାହାରିଲେ ଏହାକୁ 'କ୍ରନିକ୍ ଆର୍ଟିକାରିଆ' ବୋଲି କୁହାଯାଏ। ଆର୍ଟିକାରିଆ ବିଭିନ୍ନ କାରଣରୁ ହୋଇପାରେ। ବେଶି ସମୟ ଉପାସରେ ରହିଲେ, ମିଠା ଜାତୀୟ ଖାଦ୍ୟ ଖାଇଲେ, ଥଣ୍ଡା ପାଣିରେ ଗାଧୋଇଲେ, ଏସି, କୁଲର ସାମ୍‌ନାରେ ଗରମରୁ ଆସି ବସିଲେ ମଧ ଏହି ସମସ୍ୟା ଦେଖାଯାଇପାରେ। ଏଥିରେ ଦହି, କଦଳୀ ଇତ୍ୟାଦି ଅତ୍ୟଧିକ ସେବନ କରିବା, ଥଣ୍ଡା ପାଣିରେ ଗାଧୋଇ ବିଜୁଳି ପଙ୍ଖା, ଏସିରେ ବସିବା, ଭୋକ ଉପାସରେ ରହିବା, ଅତ୍ୟଧିକ ଖଟା, ବାସି, ରାଗ, ତେଲ ମସଲା ସେବନ କରିବା, ଥଣ୍ଡାବାୟୁ ବା ଶୀତଳ ପବନରେ ଖୋଲା ଦେହରେ ବୁଲିଲେ ଏହା ହେବାର ଦେଖାଯାଏ। ସେହିପରି ବାତକଫ ପ୍ରାଧାନ୍ୟରେ 'ଉଦର୍ଦ୍ଦ' ନାମକ ଆଲର୍ଜି ହୋଇଥାଏ। ଏଥିରେ ଉଷୁମ ପାଣିରେ ଗାଧୋଇବା, ଥଣ୍ଡା ଉପଶମ କରିବା ପାଇଁ ଔଷଧ ସେବନ କଲେ ଏହା ଉପଶମ ହୋଇଥାଏ। ସେହିପରି କଫ ପିତ୍ତଜନିତ ଆଲର୍ଜି ଯୋଗୁ ଫଳିବା ଏବଂ ଏଥିରେ ଲାଲ୍ ଦେଖାଯିବାକୁ 'କୋଠ' ବୋଲି କୁହାଯାଏ।

ଆର୍ଟିକାରିଆ ହେବା ପୂର୍ବରୁ ଶୋଷ ଲାଗିବା, ଅରୁଚି, ଥକ୍କା, ବାନ୍ତି ଲାଗିବା, ଶରୀରରେ ବ୍ୟଥା ହେବା, ଅଙ୍ଗପ୍ରତ୍ୟଙ୍ଗ ଭାରି ଲାଗିବା, ଆଖି ଲାଲ୍ ଦେଖାଯାଇଥାଏ। ପରେ ଚର୍ମରେ ଚେକାଚେକା ଫଳି ଲାଲ୍ ଦେଖାଯାଏ, କୁଣ୍ଡାଇହୁଏ, ଜ୍ୱାଳା, ବାନ୍ତି ଲାଗିବା, ଶରୀରରେ ଯନ୍ତ୍ରଣା ଇତ୍ୟାଦି ଲକ୍ଷଣ ଦେଖାଯାଇଥାଏ। ଏହା ୬ ସପ୍ତାହ ଭିତରେ ବା ସାମୟିକ ଭାବେ ହୋଇ ଭଲ ହୋଇଯାଏ, ତାହାକୁ ଆକ୍ୟୁଟ୍ ବୋଲି କୁହାଯାଏ। ଏଥିରେ ତୁଟୁକା ଚିକିତ୍ସା ବା ଏଲୋପ୍ୟାଥିକ୍ ଔଷଧ ବ୍ୟବହାର ଦ୍ୱାରା ଭଲ ହୋଇଯାଏ। ମାତ୍ର ୬ ସପ୍ତାହରୁ ଅଧିକ ହେଲେ କ୍ରନିକ୍ ବୋଲି କୁହାଯାଏ। ଏହା କେବଳ ଆୟୁର୍ବେଦ ଉଷ୍ମ ଔଷଧ ସେବନ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ।

### ଆୟୁର୍ବେଦୀୟ ଉପଚାର

-ସୋରିଷ ତେଲରେ ସୈନ୍ଧବ ଲବଣ ପକାଇ ଅଳ୍ପ ଉଷୁମ କରି ତ୍ୱଚାରେ ଲଗାଇଲେ ଭଲ ହୁଏ।

-କ୍ଷୀରରେ ହଳଦୀ ପକାଇ ଗରମ କରି ମଲମ ଭଳି ହେଲେ ଚର୍ମରେ ଲଗାଇବେ।

-ଗୋଲମରିଚ ଗୁଣ୍ଡ ବା ହଳଦୀଗୁଣ୍ଡ ୧/୪ ଚାମଚକୁ ଗୋଘୃତ ସହ ସକାଳେ ଖାଲି ପେଟରେ ସେବନ କରିବେ।

-ଶୁଣ୍ଠି, ପିପ୍ପଳି, ଗୋଲମରିଚ ସମ ପରିମାଣରେ ନେଇ ଗୁଣ୍ଡ କରି ମହୁ ସହ ବା କ୍ଷୀର ସହ ସେବନ କରିବେ।

-ଏକ ଅଙ୍ଗୁଳି ପରିମାଣ ଅଦାକୁ ୧ଚାମଚ ଅଦାଗୁଡ଼ 'ଚା' ପରିଫୁଟାଇ ଉଷୁମ ୨ ଚାମଚ ୧ ଘଣ୍ଟା ଅନ୍ତରରେ ସେବନ କରିବେ।

-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

# ଭାରତୀୟ ରେଳପଥରେ ନୂତନ ମାଲବାହୀ ସେବା ଆରମ୍ଭ

ଭୁବନେଶ୍ୱର,୨୧।୯(ଅନୁରାଧା ମହାରଣା)

ଭାରତୀୟ ରେଳପଥ ମାଲ ପରିବହନରେ ଏକ ବଡ଼ ପଦକ୍ଷେପ ନେଇ ଉତ୍ତର ଅଞ୍ଚଳର ପ୍ରମୁଖ ଉତ୍ପାଦନ ଓ ଖାଉଟି କେନ୍ଦ୍ରଗୁଡ଼ିକୁ ସଂଯୋଗ କରି ସମୟସାରଣୀଭୁକ୍ତ, ପଣ୍ୟ-ନିର୍ଦ୍ଦିଷ୍ଟ ମାଲବାହୀ ସେବା ଆରମ୍ଭ କରିଛି। ଏହି ସେବାଗୁଡ଼ିକ ଗ୍ରାହକଙ୍କ ସନ୍ତୁଷ୍ଟି ବୃଦ୍ଧି, ନିର୍ଭରଯୋଗ୍ୟ ପରିବହନ ସମୟ ଏବଂ ଶିଳ୍ପ ଅନୁଯାୟୀ ଲଜିଷ୍ଟିକ୍ସ ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ନୂତନ ସେବା ମଧ୍ୟରେ ଲୁଧିଆନାରୁ ବାରାଣସୀ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ସେବା ରହିଛି। ଏଥିରେ ୭୦୪ କି.ମି. ଦୂରତ୍ୱରେ ଖାଦ୍ୟଶସ୍ୟ ପରିବହନ କରି ୧୭ ଘଣ୍ଟାରେ ପହଞ୍ଚିଛି। ହରିୟାଣା ଫାରୁଖନଗରରୁ ଲକ୍ଷ୍ନୌ ପର୍ଯ୍ୟନ୍ତ ଗତି-ବାହନ ସେବା ମାଧ୍ୟମରେ ୫୫୭ କି.ମି. ଦୂରତ୍ୱରେ ଅଟୋମୋବାଇଲ ପରିବହନ କରି ୨୮ ଘଣ୍ଟାରେ ପହଞ୍ଚିଛି । ପୂର୍ବରୁ ଏହା ୭୦ ଘଣ୍ଟା ସମୟ ନେଉଥିଲା। ଗଡ଼ିରୁ ମୁନ୍ଦ୍ରା ବନ୍ଦର ପର୍ଯ୍ୟନ୍ତ ନିର୍ଯାତ କାର୍ଗୋ ସେବା ମାଧ୍ୟମରେ ୧୦୬୧ କି.ମି. ଦୂରତ୍ୱରେ କଣ୍ଟେନର ପରିବହନ କରି ୩୨ ଘଣ୍ଟାରେ ପହଞ୍ଚିଛି। ସେହିପରି ରୂପନଗରରୁ ଅନନ୍ତନାଗ ପର୍ଯ୍ୟନ୍ତ ଅନନ୍ତନାଗ ସିମେଣ୍ଟ କାର୍ଗୋ ସେବା ମାଧ୍ୟମରେ ୫୮୬ କି.ମି. ଦୂରତ୍ୱରେ ସିମେଣ୍ଟ ପରିବହନ କରି ୩୧ ଘଣ୍ଟାରେ ପହଞ୍ଚିଛି। ଏଫସିଆଇ, ଅଟୋମୋବାଇଲ ଅପରେଟର, କଣ୍ଟେନର ଟ୍ରେନ ଅପରେଟର ଏବଂ ପାର୍ଶ୍ୱବର୍ତ୍ତୀ ରେଳ ଜୋନଗୁଡ଼ିକ ସହିତ ବ୍ୟାପକ ଯୋଜନା ଓ ସମନ୍ୱୟ କରାଯାଇ ଇଣ୍ଟରଡିଭିଜନାଲ ଓ ଇଣ୍ଟର ଜୋନାଲ ନେଟୱର୍କରେ ଉପଯୁକ୍ତ ପଥ ନିର୍ଦ୍ଧାରଣ କରାଯାଇଛି।

## ଜୀବନ ବୀମା ବ୍ୟବସାୟରେ ୬.୦୧% ବୃଦ୍ଧି

ଭୁବନେଶ୍ୱର,୨୧।୯

ଲାଇଫ ଇନ୍ସୁ୍ୟରାନ୍ସ କାଉନସିଲ ପକ୍ଷରୁ ପ୍ରକାଶିତ ୨୦୨୫ ଅଗଷ୍ଟ ମାସର ତଥ୍ୟ ଅନୁସାରେ, ଭାରତୀୟ ଜୀବନ ବୀମା କମ୍ପାନୀଗୁଡ଼ିକ ଚଳିତ ବର୍ଷ ଏନ୍‌ବିପିରେ ୬.୦୧% ବୃଦ୍ଧି ହାସଲ କରିଛନ୍ତି। ଗତବର୍ଷ ତୁଳନାରେ ଏନ୍‌ବିପି ୧୫୪,୧୯୩.୭୬ କୋଟିରୁ ୧୬୩,୪୬୧.୫୨ କୋଟିରେ ପହଞ୍ଚିଛି। ବ୍ୟକ୍ତିଗତ ଏକକ ପ୍ରିମିୟମ ୯.୭୧% ଏବଂ ବ୍ୟକ୍ତିଗତ ଅଣ-ଏକକ ପ୍ରିମିୟମ ୪.୫୧% ବୃଦ୍ଧି ପାଇଛି। ମୋଟ ବ୍ୟକ୍ତିଗତ ପ୍ରିମିୟମ ସଂଗ୍ରହ ୬.୨୦% ବୃଦ୍ଧି ପାଇଛି।

# ସିଜିୟୁ-ଆଇଭିପି ସେମିକଣ୍ଡକ୍ଟର ମଧ୍ୟରେ ଚୁକ୍ତି




ଭୁବନେଶ୍ୱର,୨୧।୯

ଭୁବନେଶରସ୍ଥିତ ସି. ଭି. ରମଣ ଗ୍ଲୋବାଲ ୟୁନିଭରସିଟି (ସିଜିୟୁ)ର ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗରେ ସେମିକଣ୍ଡକ୍ଟର ଡିଜାଇନରେ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରାଯିବ। ଏଥିପାଇଁ ସିଜିୟୁ ଏବଂ ଆଇଭିପି ସେମିକଣ୍ଡକ୍ଟର ସହିତ ଏକ ଚୁକ୍ତିନାମା (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ସିଜିୟୁର କୁଳପତି ଭାଇସ ପ୍ରଫେସର ଡ. ବଂଶୀଧର ମାଝୀ ଏବଂ ଆଇଭିପିର ପ୍ରତିଷ୍ଠାତା ଏବଂ ସିଇଓ ପି. ରାଜା ମାଣିକମ ଏମଓୟୁରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଆଇଭିପି ସେମିକଣ୍ଡକ୍ଟରର ଡିଜାଇନ ମୁଖ୍ୟ ତୁଷାରକାନ୍ତି ଭଟ୍ଟାଚାର୍ଯ୍ୟ ଏବଂ ସିଜିୟୁର ପ୍ରୋ ଭାଇସ ଚାନ୍ସେଲର ପ୍ରଫେସର ଡ. ଜି. ଶ୍ରୀଦେବୀ, ରେଜିଷ୍ଟ୍ରାର ଡ. ବିନିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାଣିକମ କହିଥିଲେ, ଏହି ସହଭାଗିତାର ପ୍ରାଥମିକ ଲକ୍ଷ୍ୟ ଓଡ଼ିଶା ଏବଂ ଭାରତର ସେମିକଣ୍ଡକ୍ଟର ମିଶନର ଆବଶ୍ୟକତା ଅନୁଯାୟୀ ବଜାର ପ୍ରସ୍ତୁତ ପ୍ରଡକ୍ଟ ବିକଶିତ କରି ଏବଂ ଛାତ୍ରୀଛାତ୍ର, ଗବେଷକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା।

# ୨୭୦୦ମହିଳା ଉଦ୍ୟୋଗୀଙ୍କୁ ମିଳିବ ତାଲିମ

ଭୁବନେଶ୍ୱର,୨୧।୯(ଅନୁରାଧା ମହାରଣା)

ଓଡ଼ିଶାରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ସହ ଜଡିତ ୨୭୦୦ରୁ ଅଧିକ ମହିଳା ଉଦ୍ୟୋଗୀଙ୍କୁ ତାଲିମ ପ୍ରଦାନ କରିବା ଓ ସହଭାଗିତା କରିବା ପାଇଁ ଏଫଏମସିଜି କମ୍ପାନୀ ହିନ୍ଦୁସ୍ଥାନ କୋକା-କୋଲା ବେଭ୍‌ରେଜେସ (ଏଚ୍‌ସିସିବି) ଓ ମିଶନ ଶକ୍ତି ବିଭାଗ ମଧ୍ୟରେ ଏକ ଲେଟର ଅଫ୍ ଅଣ୍ଡରଷ୍ଟାଣ୍ଡିଙ୍ଗ (ଏଲ୍‌ଓୟୁ) ସ୍ୱାକ୍ଷର ହୋଇଛି। ଭୁବନେଶ୍ୱରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମିଶନ ଶକ୍ତି ବିଭାଗ କମିଶନର ଓ ସଚିବ ଶାଳିନୀ ପଣ୍ଡିତ, ମିଶନ ଶକ୍ତି ବିଭାଗର ଷ୍ଟେଟ ମିଶନର ନିର୍ଦ୍ଦେଶକ ଓ ସିଇଓ ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ଏଚସିସିବିର କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସଆର୍) ମୁଖ୍ୟ ଶ୍ୱେତା ପୁନିଆଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଥିଲା।



ଏଚ୍‌ସିସିବି-ମିଶନ ଶକ୍ତି ବିଭାଗ ମଧ୍ୟରେ ଏଲ୍‌ଓୟୁ ସ୍ୱାକ୍ଷର କରାଯାଉଛି।


ତରୁଣ ଆୟୁର୍ବେଦିକ୍ ପ୍ରଡକ୍ଟସ୍

ହାଇପାୱାର ସ୍କେବିଗନ୍® 




ମଲମ ଓ ଲୋସନ

କୋଳଯାଦୁ, ପାଣିକନ୍ଦା ଓ ଗୋଇଠିଫଟା ପାଇଁ






700+ ଅମୁଲ୍ ଉତ୍ପାଦ ପ୍ୟାକ୍ ରେ ମୂଲ୍ୟ ହ୍ରାସ ଗ୍ରାହକମାନଙ୍କୁ ପ୍ରଦାନ କରାଯିବ, ଯାହା ଆଜି ସେପ୍ଟେମ୍ବର 22, 2025 ରୁ ଲାଗୁ ହେବ ।*

ବିଶ୍ୱର ସର୍ବବୃହତ କୃଷକ-ମାଲିକାନାଧୀନ ଦୁଗ୍ଧ ସମବାୟ, ଅମୁଲ୍, ଗର୍ବର ସହିତ ଆପଣଙ୍କ ପାଖକୁ ସିଧାସଳଖ GST 2.0 ଲାଭ ପହଞ୍ଚାଉଛି । ଆପଣ ସର୍ବଦା ଭଲ ପାଉଥିବା ସେହି ଗୁଣବତ୍ତା ଏବଂ ଉତ୍ତମତା ସହିତ ପୁଷ୍ଟିସାର ଆପଣଙ୍କ ପକେଟ୍ ପାଇଁ ହାଲୁକା ହୋଇଛି ।

ରାଷ୍ଟ୍ର ପାଇଁ ପୁଷ୍ଟିସାର ଅଧିକ ସହଜସାଧ୍ୟ ଏବଂ ସୁଲଭ କରିଥିବା ହେତୁ ଆମେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଉଛୁ ।

| ଉତ୍ପାଦ | NEW MRP | OLD MRP | |
|---|---|---|---|
| ବଟର୍ | ₹58 | ₹62 | 100 g |
| ବଟର୍ | ₹285 | ₹305 | 500 g |
| UHT ମିଲ୍କ ଗୋଲ୍ଡ | ₹80 | ₹83 | 1L |
| UHT ମିଲ୍କ ତାଜା | ₹75 | ₹77 | 1L |
| ଶୁଦ୍ଧ ଘିଅ | ₹610 | ₹650 | 1L |
| ଭାନିଲା/ ଷ୍ଟ୍ରବେରୀ କପ୍ | ₹09 | ₹10 | 55 mL |
| ବଟରସ୍କଚ୍ / ଚକୋଲେଟ୍ ଟ୍ରାଇକୋନ୍ | ₹30 | ₹35 | 120 mL |
| ମ୍ୟାଙ୍ଗୋ ଡୁଏଟ୍ | ₹14 | ₹15 | 60 mL |
| ପନିର୍ (ତାଜା) | ₹92 | ₹95 | 200 g |
| ପନିର୍ (ଫ୍ରୋଜନ୍) | ₹95 | ₹99 | 200 g |
| ସୁଗାର୍ ଫ୍ରି ଶାହି ଅଞ୍ଜିର୍ | ₹45 | ₹50 | 125 mL |
| ପଞ୍ଜାବୀ କୁଲ୍‌ଫି | ₹20 | ₹25 | 60 mL |
| ଭାନିଲା ମ୍ୟାଜିକ୍ ଟବ୍ | ₹180 | ₹195 | 1L |
| ଡାର୍କ ଚକୋଲେଟ୍ | ₹180 | ₹200 | 150 g |
| ଚୋକୋ ମିନି | ₹130 | ₹140 | 250 g |
| ଚିଜ୍ ସ୍ଲାଇସ୍ | ₹140 | ₹149 | 200 g |
| ଚିଜ୍ କ୍ୟୁବ୍ | ₹130 | ₹139 | 200 g |
| ଚିଜ୍ ଡାଇସ୍ଡ ବ୍ଲେଣ୍ଡ | ₹120 | ₹129 | 200 g |
| ହେ୍ୱ ପ୍ରୋଟିନ୍ ଚକୋଲେଟ୍ | ₹3690 | ₹4100 | 2.04 kg |
| ପ୍ରୋଟିନ୍ ପନିର୍ | ₹145 | ₹150 | 400 g |
| ଫ୍ରେଞ୍ଚ ଫ୍ରାଏଜ୍ | ₹200 | ₹215 | 1.25 Kg |
| ଚିଜ୍ ଅନିଅନ୍ ପରାଠା | ₹200 | ₹240 | 500 g |
| ଚିଜ୍ କର୍ଣ୍ଣ ନଗେଟ୍ସ | ₹165 | ₹185 | 300 g |
| ଅମୁଲ୍ ପ୍ରୋ | ₹165 | ₹180 | 500 g |
| ବଟର୍ ଖାଖରା | ₹95 | ₹100 | 200 g |
| ବଟର୍ କୁକିଜ୍ | ₹75 | ₹85 | 200 g |
| ମିଠାଇ ମେଟ୍ | ₹122 | ₹130 | 400 g |
| ଅମୁଲ୍ ଲାଇଟ୍ | ₹94 | ₹100 | 200 g |
| ଚକୋଲେଟ୍ ସିରପ୍ | ₹65 | ₹70 | 250 g |

*ଦୟାକରି ଧ୍ୟାନ ଦିଅନ୍ତୁ ଯେ ସର୍ବାଧିକ ଖୁଚୁରା ମୂଲ୍ୟ (MRP) ରେ ହ୍ରାସ 22 ସେପ୍ଟେମ୍ବର 2025 ଠାରୁ କାର୍ଯ୍ୟକାରୀ ହେଉଥିବା ସଂଶୋଧିତ GST ହାର ସ୍ଲାବ୍‌ର ଏକ ଫଳାଫଳ । ସୀମିତ ଅବଧି ପାଇଁ ପୁରୁଣା ଏବଂ ନୂତନ MRP ସହିତ ଉତ୍ପାଦ ବଜାରରେ ଉପଲବ୍ଧ ହୋଇପାରେ ।

କମି ହୋଇଥିବା ମୂଲ୍ୟରେ ଆମର ଉତ୍ପାଦଗୁଡ଼ିକର ଚେକ୍ କରିବାକୁ QR କୋଡ୍ ସ୍କାନ୍ କରନ୍ତୁ । କିମ୍ବା https://gst.amul.com/ କ୍ଲିକ୍ କରନ୍ତୁ






ଦେଢ଼ ଗୁଣା GST ଲାଭ ସବୁ ପଲ୍‌ସର୍ ରେ

| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

Flipkart ଓ amazon.in ରେ ମିଳୁଛି

ଆପଣଙ୍କ ପାଖ ଡୀଲର୍ ଙ୍କ ଠିକଣା ଜାଣନ୍ତୁ

72198 21111

BAJAJ SECURE • AMC • ROAD SIDE ASSISTANCE | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗସ 22 ସେପ୍ଟେମ୍ବର 2025 ଠାରୁ ପ୍ରଯୁଜ୍ୟ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି 100% GST ବେନିଫିଟ୍ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ତଦ୍‌ଜନିତ ଯଥାପ୍ରଯୁଜ୍ୟ RTO କରରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍ସ (OD) । ଅଞ୍ଚଳ ଅନୁସାରେ ଶୂନ୍ୟ PF ଆଉ OD ରେ ସଞ୍ଚୟ, ଫାଇନାନ୍ସର୍/ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ବଦଳିପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।


Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 51 Years

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Monday, September 22/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୨୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 298 | ମୂଲ୍ୟ ₹୭/-




ଦେଶକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ରବିବାର ଅନୁଷ୍ଠିତ 'ନମୋ ଯୁବା ରନ୍ – ଫର୍ ନିଶାମୁକ୍ତ ଭାରତ' ଗଣଦୌଡ଼ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ଯୁବଗୋଷ୍ଠୀ ପ୍ରମୁଖ ସାମିଲ ହୋଇଛନ୍ତି। **(ଫଟୋ: ବିକାଶ ନାୟକ)**

# ସଂକଳ୍ପ ପୂରଣ କରିବେ ଯୁବବର୍ଗ: ମୁଖ୍ୟମନ୍ତ୍ରୀ

## 'ନମୋ ଯୁବା ରନ୍- ଫର୍ ନିଶାମୁକ୍ତ ଭାରତ' ପାଇଁ ଗଣଦୌଡ଼

ଭୁବନେଶ୍ୱର,୨୧।୯(ରବିନାରାୟଣ ଜେନା)

ଯୁବଶକ୍ତି ହିଁ ରାଷ୍ଟ୍ର ନିର୍ମାଣର ମୁଖ୍ୟ କର୍ଣ୍ଣଧାର। ଦେଶକୁ ନିଶାମୁକ୍ତ କରିବାର ଦାୟିତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁବବର୍ଗଙ୍କ ଉପରେ ଅର୍ପଣ କରିଛନ୍ତି। ଆପଣମାନେ ହିଁ ମୋଦିଜୀଙ୍କ ସଂକଳ୍ପକୁ ପୂରଣ କରିପାରିବେ ଏବଂ ଏ ପରିବର୍ତ୍ତନର ସୂତ୍ରଧର ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରବିବାର କଳିଙ୍ଗ ଷ୍ଟାଡିୟମଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବିଶାଳ ଗଣଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଯୁବବର୍ଗଙ୍କୁ ସଙ୍କଳ୍ପ କରାଇ କହିଥିଲେ, ଆସନ୍ତୁ ଆମେ ସମସ୍ତେ ସଙ୍କଳ୍ପ ନେବା, ନିଶାମୁକ୍ତ ସମାଜ ତଥା ଭାରତ ଗଠନ କରିବା, ଯୁବବର୍ଗର ଶକ୍ତିକୁ ସମ୍ପୂର୍ଣ୍ଣ ଭାବେ ଦେଶ ଗଠନରେ ଉପଯୋଗ କରିବା। ସମସ୍ତେ ଏକାଠି ହୋଇ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଯୋଗଦାନ ଦେବା। ସେ କହିଥିଲେ, ଆଜିର ଏହି 'ନମୋ ଯୁବା ରନ୍ – ଫର୍ ନିଶାମୁକ୍ତ ଭାରତ'ର ଆଭିମୁଖ୍ୟ ହେଲା, ଯୁବଶକ୍ତି ନିଶାଠାରୁ ଦୂରେଇ ରହି ରାଜ୍ୟ ତଥା ଦେଶରେ ନିଜକୁ ସାମିଲ କରିବାର ଆବଶ୍ୟକତା ରହିଛି। ଭାରତବର୍ଷକୁ ନିଶାମୁକ୍ତ କରିବା ପାଇଁ ମୋଦିଙ୍କ ଏହି ନୂଆ ସଂକଳ୍ପ ଯୁବବର୍ଗଙ୍କୁ ରାଷ୍ଟ୍ର ଗଠନ ଦିଗରେ ପ୍ରେରିତ କରିବ। ଯୁବବର୍ଗ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ଅଛି। ଯୁବବର୍ଗଙ୍କ ଜ୍ଞାନ, ଦକ୍ଷତା, କର୍ମ କୁଶଳତା ଓ ଦାୟିତ୍ୱବୃଦ୍ଧି ଜରିଆରେ ସେ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ରଖିଛନ୍ତି।

ସେ କହିଥିଲେ, ଦେଶର ଦାରିଦ୍ର୍ୟ ବର୍ତ୍ତମାନ ସର୍ବନିମ୍ନ ସ୍ତରରେ ଅଛି। ସବୁ ଗାଁକୁ ବିଜୁଳି, ସବୁ ଗାଁକୁ ପିଇବା ପାଣି ଯୋଗାଣ କ୍ଷେତ୍ରରେ ଆମେ ସମ୍ପୂର୍ଣ୍ଣତା ହାସଲ କରିବାର ଦ୍ୱାରଦେଶରେ ପହଞ୍ଚି ସାରିଛୁ। ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ ଆଦି କାର୍ଯ୍ୟକ୍ରମ ଦେଶକୁ ଆତ୍ମନିର୍ଭରତାର ରାସ୍ତାରେ ଆଗକୁ ନେଉଛି। ନିଶାମୁକ୍ତି ଅଭିଯାନ ବିଷୟରେ କହିବାକୁ ଯାଇ ସେ କହିଥିଲେ, ଆଜିର ସମାଜରେ ମଦ୍ୟପାନ, ଗୁଟ୍‌ଖା, ☞ପୃଷ୍ଠା-୭

# ୩୦ ସୁଦ୍ଧା ଏସ୍ଆଇଆର୍ ପ୍ରସ୍ତୁତି

## ସିଇଓମାନଙ୍କୁ ନିର୍ବାଚନ କମିଶନଙ୍କ ପରାମର୍ଶ

### ଅକ୍ଟୋବର-ନଭେମ୍ବରରୁ ଆରମ୍ଭ ହୋଇପାରେ ଭୋଟର ତାଲିକା ସଂଶୋଧନ

ନୂଆଦିଲ୍ଲୀ,୨୧।୯(ପି.ଟି.)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସେପ୍ଟେମ୍ବର ୩୦ ସୁଦ୍ଧା ଆରମ୍ଭ କରିବାକୁ ପ୍ରସ୍ତୁତ ହେବା ପାଇଁ ନିର୍ବାଚନ କମିଶନ (ଇସି) ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ କର୍ତ୍ତୃପକ୍ଷ ଅକ୍ଟୋବର-ନଭେମ୍ବରରୁ ଭୋଟର ତାଲିକାରେ ସଂଶୋଧନ ଆରମ୍ଭ କରିବାକୁ ଚାହୁଁଥିବା ନେଇ ଏଥିରୁ ସଙ୍କେତ ମିଳିଛି।

ନୂଆଦିଲ୍ଲୀରେ ରାଜ୍ୟ ସିଇଓମାନଙ୍କୁ ନେଇ ନିକଟରେ ଅନୁଷ୍ଠିତ ଏକ ବୈଠକରୁ ଜଣାପଡ଼ିଛି ଯେ, ଇସିଙ୍କ ବରିଷ୍ଠ ଅଧିକାରୀମାନେ ଆଗାମୀ ୧୦ରୁ ୧୫ ଦିନ ମଧ୍ୟରେ ଏସ୍ଆଇଆର୍ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅଧିକ ସ୍ପଷ୍ଟତା ଆଣିବା ପାଇଁ ସେପ୍ଟେମ୍ବର ୨୯କୁ ଡେଡ୍‌ଲାଇନ୍ ଧାର୍ଯ୍ୟ କରାଯାଇଥିଲା। ସିଇଓମାନଙ୍କୁ ରାଜ୍ୟରେ ଗତ ଏସ୍ଆଇଆର୍ ପରେ ପ୍ରକାଶିତ ଭୋଟର ତାଲିକା ଦାଖଲ ପାଇଁ କୁହାଯାଇଥିଲା। ଅନେକ ସିଇଓ ସେମାନଙ୍କ ରାଜ୍ୟର ଭୋଟର ତାଲିକା ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିସାରିଲେଣି। ଦିଲ୍ଲୀ ସିଇଓଙ୍କ ନିକଟରେ ୨୦୦୮ର ଭୋଟର ☞ପୃଷ୍ଠା-୭

# ରୋଗ ଯନ୍ତ୍ରଣା ଅସହ୍ୟ ହେବାରୁ ଦେହରେ ନିଆଁ ଲଗାଇଲେ ଯୁବକ

ଭଦ୍ରକ,୨୧।୯(ସନାତନ ରାଉତ)

ଅସହ୍ୟ ହେଲା ରୋଗ ଯନ୍ତ୍ରଣା। ନିଜ ଦେହରେ ନିଆଁ ଲଗାଇଦେଲେ ଯୁବକ। ରବିବାର ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବନ୍ଧଗାଁ ପଞ୍ଚାୟତର ଭୋଳିଆ ଗ୍ରାମରେ। ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ମଦନ ବାରିକଙ୍କ ପୁଅ ଦିଲୀପ(୨୮)। ତାଙ୍କ ଶରୀର ପ୍ରାୟ ୫୦ ପ୍ରତିଶତ ପୋଡ଼ିହୋଇ ଯାଇଥିବା ବେଳେ ସେ ଏବେ କଟକ ବଡ଼ ଡାକ୍ତରଖାନାରେ ☞ପୃଷ୍ଠା-୭


DSPL-265

ଓମ୍‌ଫେଡ୍®

କ୍ଷୀର ଓଡ଼ିଶାର

ଜିଏସ୍‌ଟି ସଂସ୍କାର ପରେ ଆହୁରି ସୁଲଭ ମୂଲ୍ୟରେ ଶୁଦ୍ଧତା
ଓମ୍‌ଫେଡ୍‌ର ଉତ୍ତମ ଗୁଣବତ୍ତା
ବିଶିଷ୍ଟ ଦୁଗ୍ଧଜାତ ଦ୍ରବ୍ୟ







**ଜିଏସ୍ ଟି ହ୍ରାସ ଯୋଗୁଁ ତା ୨୨/୦୯/୨୦୨୫ ରିଖଠାରୁ ନିମ୍ନଲିଖିତ ଓମ୍‌ଫେଡ୍ ଦୁଗ୍ଧଜାତ ଉତ୍ପାଦର ମୂଲ୍ୟ ହ୍ରାସ**

| | ମାପ/ଓଜନ | ପ୍ୟାକ୍ | ପୁରୁଣା ଦର | | ପରିବର୍ତ୍ତିତ ହ୍ରାସ ଦର (ତା ୨୨/୦୯/୨୦୨୫ ରିଖରୁ ଲାଗୁ) | | ଜିଏସ୍ ଟି ସଞ୍ଚୟ |
|---|---|---|---|---|---|---|---|
| | | | ଜିଏସ୍ ଟି | ସର୍ବାଧିକ ମୂଲ୍ୟ | ଜିଏସ୍ ଟି | ସର୍ବାଧିକ ମୂଲ୍ୟ | |
| ଟୋନ୍‌ଡ୍ ମିଲ୍କ | ୫୦୦ ମିଲି | ଟେଟ୍ରା ପ୍ୟାକ୍ | ୫ ପ୍ରତିଶତ | ୩୯.୦୦ | ୦ ପ୍ରତିଶତ | ୩୭.୦୦ | ୨.୦୦ |
| | ୧ ଲି. | ଟେଟ୍ରା ପ୍ୟାକ୍ | ୫ ପ୍ରତିଶତ | ୭୦.୦୦ | ୦ ପ୍ରତିଶତ | ୬୭.୦୦ | ୩.୦୦ |
| ପନୀର | ୨୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୮୦.୦୦ | ୦ ପ୍ରତିଶତ | ୭୫.୦୦ | ୫.୦୦ |
| | ୫୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୧୯୦.୦୦ | ୦ ପ୍ରତିଶତ | ୧୮୦.୦୦ | ୧୦.୦୦ |
| ପନୀର୍ (ମିଡିଅମ ଫ୍ୟାଟ୍) | ୨୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୭୦.୦୦ | ୦ ପ୍ରତିଶତ | ୬୭.୦୦ | ୩.୦୦ |
| | ୫୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୧୬୫.୦୦ | ୦ ପ୍ରତିଶତ | ୧୬୦.୦୦ | ୫.୦୦ |
| ଫ୍ଲେବର୍ଡ୍ ମିଲ୍କ (ଏସ୍ଏଫ୍ଏମ୍) | ୧୮୦ ମିଲି. | ବୋତଲ-ପ୍ଲାଷ୍ଟିକ୍ | ୧୨ ପ୍ରତିଶତ | ୨୫.୦୦ | ୫ ପ୍ରତିଶତ | ୨୩.୦୦ | ୨.୦୦ |
| | ୧୮୦ ମିଲି. | ବୋତଲ-ଗ୍ଲାସ | ୧୨ ପ୍ରତିଶତ | ୨୫.୦୦ | ୫ ପ୍ରତିଶତ | ୨୩.୦୦ | ୨.୦୦ |
| ଟେବୁଲ ବଟର | ୧୦୦ ଗ୍ରା. | ପ୍ୟାକେଟ୍ | ୧୨ ପ୍ରତିଶତ | ୬୦.୦୦ | ୫ ପ୍ରତିଶତ | ୫୭.୦୦ | ୩.୦୦ |
| | ୫୦୦ ଗ୍ରା. | ପ୍ୟାକେଟ୍ | ୧୨ ପ୍ରତିଶତ | ୨୯୦.୦୦ | ୫ ପ୍ରତିଶତ | ୨୭୨.୦୦ | ୧୮.୦୦ |
| ଘିଅ | ୧ ଲି. | ପଲି ଜାର୍ | ୧୨ ପ୍ରତିଶତ | ୭୧୦.୦୦ | ୫ ପ୍ରତିଶତ | ୬୬୫.୦୦ | ୪୫.୦୦ |
| | ୫୦୦ ମିଲି. | ପଲି ଜାର୍ | ୧୨ ପ୍ରତିଶତ | ୩୭୦.୦୦ | ୫ ପ୍ରତିଶତ | ୩୫୦.୦୦ | ୨୦.୦୦ |
| | ୨୦୦ ମିଲି. | ପଲି ଜାର୍ | ୧୨ ପ୍ରତିଶତ | ୧୫୦.୦୦ | ୫ ପ୍ରତିଶତ | ୧୪୦.୦୦ | ୧୦.୦୦ |
| | ୧ ଲି. ଟିଣ | ଟିଣ | ୧୨ ପ୍ରତିଶତ | ୭୨୦.୦୦ | ୫ ପ୍ରତିଶତ | ୬୭୫.୦୦ | ୪୫.୦୦ |
| | ୫୦୦ ମିଲି. | ଟିଣ | ୧୨ ପ୍ରତିଶତ | ୩୭୦.୦୦ | ୫ ପ୍ରତିଶତ | ୩୪୫.୦୦ | ୨୫.୦୦ |
| | ୨୦୦ ମିଲି. | ଟିଣ | ୧୨ ପ୍ରତିଶତ | ୧୬୦.୦୦ | ୫ ପ୍ରତିଶତ | ୧୫୦.୦୦ | ୧୦.୦୦ |
| | ୧ ଲି. | ପାଉଚ୍ | ୧୨ ପ୍ରତିଶତ | ୬୭୦.୦୦ | ୫ ପ୍ରତିଶତ | ୬୩୦.୦୦ | ୪୦.୦୦ |
| | ୫୦୦ ମିଲି. | ପାଉଚ୍ | ୧୨ ପ୍ରତିଶତ | ୩୩୫.୦୦ | ୫ ପ୍ରତିଶତ | ୩୧୫.୦୦ | ୨୦.୦୦ |
| | ୨୦୦ ମିଲି. | ପାଉଚ୍ | ୧୨ ପ୍ରତିଶତ | ୧୪୦.୦୦ | ୫ ପ୍ରତିଶତ | ୧୩୦.୦୦ | ୧୦.୦୦ |
| | ୫ ଲି. | ପଲି ଜାର୍ | ୧୨ ପ୍ରତିଶତ | ୩,୫୦୦.୦୦ | ୫ ପ୍ରତିଶତ | ୩,୨୮୦.୦୦ | ୨୨୦.୦୦ |
| | ୧୫ ଲି. | ଟିଣ | ୧୨ ପ୍ରତିଶତ | ୮,୧୫୨.୦୦ | ୫ ପ୍ରତିଶତ | ୭,୬୪୫.୦୦ | ୫୦୭.୦୦ |
| | ୩୫ ମିଲି. | ପାଉଚ୍ | ୧୨ ପ୍ରତିଶତ | ୩୦.୦୦ | ୫ ପ୍ରତିଶତ | ୨୮.୦୦ | ୨.୦୦ |
| | ୧୫ ମିଲି. | ପାଉଚ୍ | ୧୨ ପ୍ରତିଶତ | ୧୫.୦୦ | ୫ ପ୍ରତିଶତ | ୧୪.୦୦ | ୧.୦୦ |
| A-2 ଦେଶୀ ଘିଅ | ୩୫୦ ମିଲି | ଗ୍ଲାସ ଜାର | ୧୨ ପ୍ରତିଶତ | ୪୫୦.୦୦ | ୫ ପ୍ରତିଶତ | ୪୨୨.୦୦ | ୨୮.୦୦ |
| | ୧୭୫ ମିଲି | ଗ୍ଲାସ ଜାର | ୧୨ ପ୍ରତିଶତ | ୨୫୦.୦୦ | ୫ ପ୍ରତିଶତ | ୨୩୪.୦୦ | ୧୬.୦୦ |

*ଜିଏସ୍‌ଟି ହାରରେ ପରିବର୍ତ୍ତନ ହେବାରୁ ଓମ୍‌ଫେଡ୍ ଆଇସ୍ କ୍ରିମ୍‌ର ବିଭିନ୍ନ ଏସ୍‌କେୟୁ (SKU) ର ଅଧିକତମ ମୂଲ୍ୟ (MRP) ହ୍ରାସ କରାଯାଇଛି।


**ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ଫେଡରେସନ୍ ଲିମିଟେଡ୍ (ଓମ୍‌ଫେଡ୍)**

OIPR-06063/13/0232/2526

**ଗୁଜରାଟ, ମେଘାଳୟରେ ଭୂକମ୍ପ**

ଗୁଜରାଟ ଓ ମେଘାଳୟରେ ରବିବାର ଭୂକମ୍ପ ଅନୁଭୂତ ହୋଇଛି। ଗୁଜରାଟର କଚ୍ଛ ଜିଲାରେ ସକାଳ ୬ଟା ୪୧ରେ ହୋଇଥିବା ପ୍ରଥମ ଭୂକମ୍ପର ତୀବ୍ରତା ୨.୬ ଥିବାବେଳେ ଅପରାହ୍ନ ୧୨ଟା ୪୧ ମିନିଟ୍‌ରେ ୩.୧ ତୀବ୍ରତାର ଦ୍ୱିତୀୟ ଭୂକମ୍ପ ହୋଇଥିଲା। ସେହିପରି ବାଂଲାଦେଶରେ ପୂର୍ବାହ୍ନ ୧୧ଟା ୪୯ରେ ୪ ତୀବ୍ରତାର ଭୂକମ୍ପ ହୋଇଥିବାବେଳେ ଏହାର ଝଟକା ମେଘାଳୟରେ ଅନୁଭୂତ ହୋଇଛି।





ଇସ୍ରାଏଲ୍‌ର ସାମରିକ ଅଭିଯାନ ଯୋଗୁ ବିସ୍ଥାପିତ ପାଲେଷ୍ଟିନୀୟମାନେ ଉତ୍ତର ଗାଜାରୁ ଦକ୍ଷିଣାଞ୍ଚଳକୁ ପଳାୟନ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

# ପାଲେଷ୍ଟିନୀୟ ରାଷ୍ଟ୍ରକୁ ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆର ସ୍ୱୀକୃତି

ଲଣ୍ଡନ,୨୧।୯

ଏକ ଐତିହାସିକ ଘଟଣାକ୍ରମେ ବ୍ରିଟେନ୍, କାନାଡା ଏବଂ ଅଷ୍ଟ୍ରେଲିଆ ରବିବାର ପାଲେଷ୍ଟିନୀୟ ରାଷ୍ଟ୍ରକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଆମେରିକା ଓ ଇସ୍ରାଏଲ୍‌ର ପ୍ରବଳ ବିରୋଧ ସତ୍ତ୍ୱେ ବ୍ରିଟେନ୍ ପାଲେଷ୍ଟିନୀୟ ରାଷ୍ଟ୍ରକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିଥିବା ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ସ୍ପଷ୍ଟ କରିଛନ୍ତି। ବ୍ରିଟେନ୍ ପରେ କାନାଡା ଓ ଅଷ୍ଟ୍ରେଲିଆ ମଧ୍ୟ ଅନୁରୂପ ଘୋଷଣା କରିଛନ୍ତି। ପାଲେଷ୍ଟିନୀୟ ଓ ଇସ୍ରାଏଲୀଙ୍କ ପାଇଁ ଶାନ୍ତିର ଆଶାକୁ ପୁନର୍ଜୀବିତ କରାଇବା ଏହି ପଦକ୍ଷେପର ଉଦ୍ଦେଶ୍ୟ ବୋଲି ଷ୍ଟାର୍ମର କହିଛନ୍ତି। ଯଦିଓ ଏହି ପଦକ୍ଷେପ ପ୍ରତୀକାତ୍ମକ, ତେବେ ଏହା ଏକ ଐତିହାସିକ ମୁହୂର୍ତ୍ତ। ଗାଜା ଯୁଦ୍ଧ ବନ୍ଦ କରିବା ଏବଂ ଦୀର୍ଘମିଆଦୀ ଶାନ୍ତି ସ୍ଥାପନରେ ସହାୟତା ପାଇଁ ବ୍ରିଟେନ୍ କୂଟନୈତିକ ଚାପ ବଢ଼ାଇଛି। ଇସ୍ରାଏଲ୍ ଗାଜା ଯୁଦ୍ଧ ବନ୍ଦ ନ କଲେ ପାଲେଷ୍ଟିନୀୟ ରାଷ୍ଟ୍ରକୁ ସ୍ୱୀକୃତି ପ୍ରଦାନ କରାଯିବ ବୋଲି ଷ୍ଟାର୍ମର ଜୁଲାଇରେ ଘୋଷଣା କରିଥିଲେ। ଏଥିପାଇଁ ଶାସକ ଦଳ ଲେବର ପାର୍ଟି ପକ୍ଷରୁ ତାଙ୍କ ଉପରେ ଚାପ ପକାଯାଇଥିଲା।

ପାଲେଷ୍ଟାଇନ ରାଷ୍ଟ୍ରକୁ କେବଳ ବ୍ରିଟେନ୍ ସ୍ୱୀକୃତି ଦେଇନାହିଁ, ଇତିମଧ୍ୟରେ ୧୪୦ରୁ ଊର୍ଦ୍ଧ୍ୱ ଦେଶ ଏଭଳି ପଦକ୍ଷେପ ନେଇସାରିଲେଣି। ଚଳିତ ସପ୍ତାହରେ ଜାତିସଂଘ ସାଧାରଣ ସଭା ହେବାକୁ ଥିବାବେଳେ ଫ୍ରାନ୍ସ ସମେତ ଆଉ କେତେକ ଦେଶ ପାଲେଷ୍ଟିନୀୟ ରାଷ୍ଟ୍ରକୁ ସ୍ୱୀକୃତି ଦେବା ଆଶା କରାଯାଉଛି।

# ଗାଜା ସିଟିରେ ଇସ୍ରାଏଲ୍‌ର ଆକ୍ରମଣ: ୩୪ ମୃତ

କାଇରୋ,୨୧।୯

ଗାଜା ସିଟିରେ ଇସ୍ରାଏଲ୍ ଶନିବାର ରାତିରେ ଜୋର୍‌ଦାର ଆକ୍ରମଣ କରିଛି। ଏଥିରେ ୩୪ ଜଣ ପାଲେଷ୍ଟିନୀୟ ନିହତ ହୋଇଥିବା ସେଠାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଶିଫା ହସ୍ପିଟାଲରେ ଅଧିକାଂଶ ମୃତଦେହ ପହଞ୍ଚିଥିବାବେଳେ ସେମାନଙ୍କ ମଧ୍ୟରେ ଉକ୍ତ ହସ୍ପିଟାଲର ଜଣେ କର୍ମଚାରୀ, ତାଙ୍କ ସ୍ତ୍ରୀ ଓ ୩ ପିଲା ଅଛନ୍ତି। ଗାଜା ସିଟିକୁ ସମ୍ପୂର୍ଣ୍ଣ ଦଖଲ କରିବା ପାଇଁ ଇସ୍ରାଏଲୀ ସେନା ସେଠାର ଲୋକଙ୍କୁ ସହର ଛାଡ଼ି ଚାଲିଯିବାକୁ କହିବା ସହ ସ୍ଥଳଯୁଦ୍ଧକୁ ଜୋର୍‌ଦାର କରିଛି। ଯୁଦ୍ଧବିରତି ଉଦ୍ୟମ ବିଫଳ ହୋଇଥିବାବେଳେ ଅଧିକରୁ ଅଧିକ ଦେଶ ପାଲେଷ୍ଟିନୀୟ ରାଷ୍ଟ୍ରକୁ ସ୍ୱୀକୃତି ଦେବାକୁ ପ୍ରସ୍ତୁତ ହେଉଛନ୍ତି।

**ବେତନ, ପେନ୍‌ସନ, ସୁଧ ପୈଠ**

# ୧୦ ବର୍ଷରେ ଖର୍ଚ୍ଚ ୨.୫ ଗୁଣ ବଢ଼ିଛି

ନୂଆଦିଲ୍ଲୀ,୨୧।୯ (ପି.ଟି.)

କର୍ମଚାରୀଙ୍କୁ ବେତନ ଓ ପେନ୍‌ସନ ପ୍ରଦାନ ଏବଂ ସୁଧ ପୈଠ କରିବାରେ ରାଜ୍ୟଗୁଡ଼ିକର ଖର୍ଚ୍ଚ ୧୦ ବର୍ଷ ମଧ୍ୟରେ ୨.୪୯ ଗୁଣ ବୃଦ୍ଧି ପାଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ଏ ବାବଦ ରାଜ୍ୟଗୁଡ଼ିକର ମୋଟ ଖର୍ଚ୍ଚ ୬,୨୬,୮୪୯ କୋଟି ଟଙ୍କା ଥିବାବେଳେ ୨୦୨୨-୨୩ରେ ତାହା ୧୫,୬୩,୬୪୯ କୋଟି ଟଙ୍କାରେ ପହଞ୍ଚିଥିବା ରାଜ୍ୟ ଫାଇନାନ୍ସ ଉପରେ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସିଏଜି) ରିପୋର୍ଟରୁ ଜଣାପଡ଼ିଛି।

ଉପରୋକ୍ତ ୧୦ ବର୍ଷରେ ରାଜ୍ୟଗୁଡ଼ିକର ରାଜସ୍ୱ ବ୍ୟୟ ମୋଟ ବ୍ୟୟର ୮୦ରୁ ୮୭ ପ୍ରତିଶତ ହୋଇଥିବାବେଳେ ମୋଟ ଜିଏସ୍‌ଡିପି (ମୋଟ ରାଜ୍ୟ ଘରୋଇ ଉତ୍ପାଦ)ର ୧୩.୮୫ ପ୍ରତିଶତ। ସିଏଜି ପକ୍ଷରୁ ପ୍ରଥମ ଥର ପାଇଁ ଏଭଳି ରିପୋର୍ଟ ପ୍ରକାଶ ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୨୮ ରାଜ୍ୟର ମୋଟ ରାଜସ୍ୱ ବ୍ୟୟ ପରିମାଣ ୩୫,୯୫,୭୩୬ କୋଟି ଟଙ୍କା ହୋଇଥିବାବେଳେ ସେଥିରୁ ଦରମା, ପେନ୍‌ସନ ଓ ସୁଧ ପୈଠ ବାବଦ ବ୍ୟୟ (କମିଟେଡ୍ ଏକ୍ସପେନ୍ସ) ୧୫,୬୩,୬୪୯ କୋଟି, ସବ୍‌ସିଡି ବାବଦ ବ୍ୟୟ ୩,୦୯,୬୨୫ କୋଟି ଏବଂ ଅନୁଦାନ ବାବଦ ବ୍ୟୟ ୧୧,୨୬,୪୮୬ କୋଟି ଟଙ୍କା। ଏହି ୩ଟିରେ ମୋଟ ୨୯,୯୯,୭୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହା ମୋଟ ରାଜସ୍ୱ ବ୍ୟୟର ୮୩ ପ୍ରତିଶତରୁ ଅଧିକ। ୨୦୧୩-୧୪ ଆର୍ଥିକ ବର୍ଷରେ ବେତନ, ପେନ୍‌ସନ ଓ ସୁଧ ପୈଠ ବାବଦ ବ୍ୟୟ ୬,୨୬,୮୪୯ କୋଟି ଟଙ୍କା ହୋଇଥିବାବେଳେ ୨୦୨୨-୨୩ରେ ତାହା ୧୫,୬୩,୬୪୯ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଏହି ସମୟ ମଧ୍ୟରେ ସବ୍‌ସିଡି ବ୍ୟୟ ୯୬,୪୭୯ କୋଟିରୁ ବଢ଼ି ୩,୦୯,୬୨୫ କୋଟିରେ ପହଞ୍ଚିଛି। ଉପରୋକ୍ତ ୧୦ ବର୍ଷରେ ରାଜସ୍ୱ ବ୍ୟୟ ୨.୬୬ ଗୁଣ ବଢ଼ିଥିବାବେଳେ ପ୍ରତିବଦ୍ଧ ବ୍ୟୟ ୨.୪୯ ଗୁଣ ଏବଂ ସବ୍‌ସିଡି ବ୍ୟୟ ୩.୨୧ଗୁଣ ବୃଦ୍ଧି ପାଇଛି।

୧୯ଟି ରାଜ୍ୟରେ ବେତନ ବାବଦ ବ୍ୟୟ ସର୍ବାଧିକ ହୋଇଥିବାବେଳେ ଏହା ପଛକୁ ପେନ୍‌ସନ ଓ ସୁଧ ପୈଠ ବ୍ୟୟ ରହିଛି। ୯ଟି ରାଜ୍ୟରେ ପେନ୍‌ସନଠାରୁ ସୁଧ ପୈଠରେ ଅଧିକ ବ୍ୟୟ ହେଉଛି। ସେହି ରାଜ୍ୟଗୁଡ଼ିକ ହେଲେ ଆନ୍ଧ୍ରପ୍ରଦେଶ, ଗୁଜରାଟ, ହରିୟାଣା, କର୍ନାଟକ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା ଓ ପଶ୍ଚିମବଙ୍ଗ। ୨୦୨୨-୨୩ ଆର୍ଥିକ ବର୍ଷରେ ୧୭ଟି ରାଜ୍ୟ ରାଜସ୍ୱ ବଳକା ଲକ୍ଷ୍ୟ ରଖିଥିବାବେଳେ ୫ଟି ରାଜ୍ୟରେ ରାଜସ୍ୱ ନିଅଣ୍ଟ ଏବଂ ୬ ରାଜ୍ୟରେ ଶୂନ ରାଜସ୍ୱ ନିଅଣ୍ଟ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ତେବେ ରାଜସ୍ୱ ବଳକା ଲକ୍ଷ୍ୟ ରଖିଥିବା ୧୭ ରାଜ୍ୟ ମଧ୍ୟରୁ ଆସାମ, ବିହାର, ହିମାଚଳପ୍ରଦେଶ, ମେଘାଳୟ ଓ ରାଜସ୍ଥାନରେ ରାଜସ୍ୱ ନିଅଣ୍ଟ ଦେଖାଦେଇଥିଲା।

# ବିହାର ଅଧିକାର ଯାତ୍ରାରେ ମୋଦିଙ୍କ ମାଆଙ୍କୁ ଆର୍‌ଜେଡି କର୍ମୀଙ୍କ ଗାଳି

ପାଟନା,୨୧।୯

ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ 'ବିହାର ଅଧିକାର ଯାତ୍ରା' ଶନିବାର ଶେଷ ହୋଇଛି। ଏହି ଯାତ୍ରା ଅବସରରେ ଆର୍‌ଜେଡି କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିବଂଗତ ମାଆଙ୍କୁ ଗାଳିଦେଇଥିବା ଭାଜପା ରବିବାର ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ବିରୋଧରେ ଦଳୀୟ କର୍ମୀମାନେ ଅପମାନଜନକ ମନ୍ତବ୍ୟ ଦେଉଥିବାବେଳେ ତେଜସ୍ୱୀ ମଞ୍ଚରେ ଉପସ୍ଥିତ ଥିଲେ ବୋଲି ଅଭିଯୋଗ ହୋଇଛି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ତାଙ୍କ ଏକ୍ସ ହ୍ୟାଣ୍ଡେଲ୍‌ରେ ଉକ୍ତ ଭିଡିଓ ଶେୟାର କରିବା ସହ ଲେଖିଛନ୍ତି, ତେଜସ୍ୱୀ ଯାଦବ ପୁଣିଥରେ ମୋଦିଜୀଙ୍କ ମାଆଙ୍କୁ ଅପମାନିତ କରିଛନ୍ତି। ସେ ବିହାର ସଂସ୍କୃତିଠାରୁ ପୁନର୍ବାର ଦୂରେଇ ଯାଇଛନ୍ତି। ଏଥିପାଇଁ କର୍ମୀମାନଙ୍କୁ ତେଜସ୍ୱୀ ପ୍ରୋତ୍ସାହିତ କରିଥିଲେ। ବିହାରର ମାଆ ଓ ଭଉଣୀମାନେ ନିଶ୍ଚୟ ଏଥିପାଇଁ ତେଜସ୍ୱୀଙ୍କୁ ଦାୟୀ କରିବେ ବୋଲି ଚୌଧରୀ କହିଛନ୍ତି। ବିହାର ଓ ଦେଶର ବହୁ କୋଟି ମାଆ ଏଥିରେ ଅପମାନିତ ହୋଇଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ବିହାର ଜନସାଧାରଣ ଏହାର ଉପଯୁକ୍ତ ଜବାବ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ ତଥା ଭାଜପା ଏମ୍‌ପି ଗିରିରାଜ ସିଂ କହିଛନ୍ତି।

# ବିଜୁଳିକୁ ମହଙ୍ଗା କରିଛି ୟୁକ୍ରେନ୍ ଯୁଦ୍ଧ, କୋଇଲା ବଜାର ଅସ୍ଥିରତା

ପଣଜୀ,୨୧।୯ (ପି.ଟି.)

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ଅସ୍ଥିର କୋଇଲା ବଜାର ଭଳି ବୈଶ୍ୱିକ ସଙ୍କଟ ଭାରତରେ ବିଦ୍ୟୁତ୍ ମୂଲ୍ୟ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଛି। ଫଳରେ କେବଳ ସୁରକ୍ଷିତ ଅବାଧ ବିଦ୍ୟୁତ ଯୋଗାଣ ପାଇଁ ଅଧିକ ପ୍ରିମିୟମ୍ ପୈଠ କରିବାକୁ ପଡୁଥିବା ଗୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଏବଂ ବ୍ରିଟେନ୍‌ର କିଙ୍ଗଷ୍ଟନ୍ ୟୁନିଭର୍ସିଟିର ମିଳିତ ଅଧ୍ୟୟନରୁ ଜଣାପଡ଼ିଛି।

ଭାରତରେ ବିଦ୍ୟୁତ୍ ମୂଲ୍ୟ କାହିଁକି ବର୍ତ୍ତମାନ ବଜାର ମୂଲ୍ୟ ତୁଳନାରେ ଅଧିକ ରହୁଛି, ଅଧ୍ୟୟନରେ ନିର୍ଦ୍ଦିଷ୍ଟ ଭାବେ ତାହା ଉପରେ ଅନୁଧ୍ୟାନ କରାଯାଇଥିଲା। କୋଇଲା ମୂଲ୍ୟରେ ଅସ୍ଥିରତା, ଭୂରାଜନୈତିକ ଉତ୍ତେଜନା, ଘରୋଇ ଚାହିଦା ଢାଞ୍ଚା ଏବଂ ନୀତିରେ ଅନିଶ୍ଚିତତା ଏହା ପଛର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଏନର୍ଜି ଇକୋନୋମିକ୍ସ ନାମକ ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶିତ ହୋଇଛି। ଗୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ଆସିଷ୍ଟାଣ୍ଟ ପ୍ରଫେସର ପ୍ରକାଶ ସିଂଙ୍କ କହିବା ଅନୁଯାୟୀ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ରିସ୍କ ପ୍ରିମିୟମ ଏବଂ ବଜାର ଅସ୍ଥିରତାକୁ ଉଲ୍ଲେଖନୀୟ ଭାବେ ବଢ଼ାଇଦେଇଛି। ଅଧିକ ଚାହିଦା ଥିବା ସମୟ (ସନ୍ଧ୍ୟା ୬ରୁ ରାତି ୧୧ଟା)ରେ ବିଦ୍ୟୁତ୍ ଯୋଗାଣ ରିସ୍କ ପ୍ରିମିୟମ୍ ଅଧିକ ରହୁଥିବାବେଳେ ସପ୍ତାହାନ୍ତରେ ଏହା ୧୩ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଉଛି। ବିଦ୍ୟୁତ ଯୋଗାଣରେ ଅତ୍ୟଧିକ ନିଅଣ୍ଟ ଥିବା ଏଥିରୁ ପ୍ରତିଫଳିତ ହେଉଛି। ବିଦ୍ୟୁତ୍ ସୁରକ୍ଷା ଏବଂ ଭବିଷ୍ୟତର ଉପଲବ୍ଧତାକୁ ସୁନିଶ୍ଚିତ କରିବାକୁ ହେଲେ ଉପରୋକ୍ତ ଦୁର୍ବଳତାଗୁଡ଼ିକର ସମାଧାନ ଆବଶ୍ୟକ ବୋଲି ସିଂ କହିଛନ୍ତି।

# ଆମେରିକାରେ ଭାରତୀୟଙ୍କ ପାଠପଢ଼ା ପ୍ରତି ଅନାଗ୍ରହ

ନୂଆଦିଲ୍ଲୀ, ୨୧।୯ (ପି.ଟି.)

**ତଥ୍ୟ ଖୋଜିବାରେ ବର୍ଷକରେ ୪୬% ହ୍ରାସ**



ଭାରତୀୟ ଛାତ୍ରୀଛାତ୍ରଙ୍କ ବିଦେଶରେ ପଢ଼ିବା ଆଗ୍ରହରେ ପରିବର୍ତ୍ତନ ଆସିଛି। ଆଇଡିପି ଏଜୁକେଶନ ପକ୍ଷରୁ ରବିବାର ଜାରି ରିପୋର୍ଟ ଅନୁଯାୟୀ, ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆମେରିକାରେ ପାଠପଢ଼ା ସମ୍ପର୍କିତ ତଥ୍ୟ ଖୋଜିବା ହାର ବର୍ଷକ ମଧ୍ୟରେ ୪୬.୪% ହ୍ରାସ ପାଇଛି। ସେହିପରି କାନାଡାରେ ଏହି ହାର ୨ ବର୍ଷ ମଧ୍ୟରେ ୭୦ରୁ ୭୫% କମିଛି। ଆଇଡିପି ଏଜୁକେଶନର ଦକ୍ଷିଣ ଏସିଆ, କାନାଡା, ଲାଟିନ ଆମେରିକା (ଏଲ୍‌ଏଟିଏଏମ୍) ଆଞ୍ଚଳିକ ନିର୍ଦ୍ଦେଶକ ପୀୟୁଷ କୁମାର କହିଛନ୍ତି, ସମ୍ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳରେ ବିଭିନ୍ନ ନୀତିଗତ ପରିବର୍ତ୍ତନ ଏବଂ ଭିଜା ନିୟମାବଳୀରେ ଅନିଶ୍ଚିତତା ଯୋଗୁ ସେଠାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଯୋଜନା ପ୍ରଭାବିତ ହୋଇଛି। ୨୦୨୪ ଜୁନ୍ ପରଠାରୁ ଭାରତୀୟ ଛାତ୍ରୀଛାତ୍ରଙ୍କ ଭିଜା ଅନୁମୋଦନ ହାର ହ୍ରାସ ପାଇଛି। ଏହାର ପ୍ରଭାବରେ ଦେଶର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆମେରିକାରେ ପାଠପଢ଼ା ସମ୍ପର୍କିତ ତଥ୍ୟ ଖୋଜିବା ହାର ୪୬.୪% ହ୍ରାସ ପାଇଛି। ସେହିପରି ଆମେରିକା ଟାରିଫ ଯୋଗୁ କାନାଡାର ନିମ୍ନଗାମୀ ଅର୍ଥନୀତି ଆଦି କାରଣରୁ ସେଠାରେ ପଢ଼ିବାର ଆଗ୍ରହ କମିଛି। ତେବେ ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ପ୍ରତି ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆକର୍ଷଣ ପୂର୍ବବର୍ଷ ପରି ସ୍ଥିର ରହିଛି। ଅଷ୍ଟ୍ରେଲିଆରେ ଚଳିତବର୍ଷ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟାରେ ୯% ବୃଦ୍ଧି ଘଟିଛି। ଅଷ୍ଟ୍ରେଲିଆରେ ଉଚ୍ଚଶିକ୍ଷା ଅଧ୍ୟୟନ କଲେ ନିଯୁକ୍ତି ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳିପାରିବ ବୋଲ ସେମାନଙ୍କର ଭରସା ଥିବା ପୀୟୁଷ କହିଛନ୍ତି। ଅଷ୍ଟ୍ରେଲିଆ ସରକାର ୧୯୬୯ରେ ଆଇଡିପି ସ୍ଥାପନ କରିଥିଲେ। ଶିକ୍ଷାକ୍ଷେତ୍ରରେ ଏହା ଏକ ବୈଶ୍ୱିକ ସଂସ୍ଥା, ଯାହା ପ୍ରତିବର୍ଷ ୧ ଲକ୍ଷ ଛାତ୍ରୀଛାତ୍ରଙ୍କୁ ୮୦୦ରୁ ଅଧିକ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସାହାଯ୍ୟ କରିଥାଏ। ଏହାର ନେଟ୍‌ୱର୍କ ଅଷ୍ଟ୍ରେଲିଆ, ବ୍ରିଟେନ୍, ଆମେରିକା, କାନାଡା, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଆଦି ଦେଶରେ ରହିଛି। ଭାରତର ୬୩ ସହରରେ ଆଇଡିପିର ୭୩ଟି କାର୍ଯ୍ୟାଳୟ ରହିଛି।

**ଫୁରସତ୍**

# ଭୟ ଦୂରେଇଲେ କର୍କଟରୁ ମୁକ୍ତି ପାଇହେବ

**କର୍କଟ ଯୋଦ୍ଧା ଭାବେ ପୀଡ଼ିତାଙ୍କୁ ପ୍ରେରଣା ଦେଉଛନ୍ତି ସ୍ୱାଗତିକା**

**ୱାର୍ଲଡ୍ ରୋଜ୍ ଡେ'**

ସେପ୍ଟେମ୍ବର ୨୨, ୱାର୍ଲ୍ଡ ରୋଜ୍ ଡେ'। କାନାଡ଼ାର ମେଲିଣ୍ଡା ରୋଜ୍‌ଙ୍କ ସ୍ମୃତିରେ ଏହି ଦିବସଟି ପାଳିତ ହୋଇଆସୁଛି। ମେଲିଣ୍ଡା ୧୨ ବର୍ଷ ବୟସରେ କର୍କଟରେ ପୀଡ଼ିତ ହୋଇ ନିଜେ ଚିକିତ୍ସିତ ହେବା ସହ ଅନ୍ୟ ରୋଗୀଙ୍କୁ ପ୍ରେରଣା ଦେଉଥିଲେ। ଠିକ୍ ସେହିପରି କର୍କଟରେ ପୀଡ଼ିତ ହେବା ସମୟରେ ଏବଂ ସୁସ୍ଥ ହେବା ପରେ ଅନ୍ୟ ରୋଗୀଙ୍କୁ ପ୍ରେରଣା ଦେଉଛନ୍ତି କଟକ ବିଡ଼ାନାସୀ କୁମ୍ଭାରସାହି ଅଞ୍ଚଳର ସ୍ୱାଗତିକା ଆଚାର୍ଯ୍ୟ। ମନୋରଞ୍ଜନ ଆଚାର୍ଯ୍ୟ ଓ ପୂର୍ଣ୍ଣିମା ମହାପାତ୍ରଙ୍କ ଝିଅ ଏବଂ ବାଲେଶ୍ୱର ଅଞ୍ଚଳର ଶୁଭ୍ରଜିତ ଜେନାଙ୍କ ସ୍ତ୍ରୀ ସ୍ୱାଗତିକା। ୧୯ ବର୍ଷ ବୟସରେ ଲ' ପଢୁଥିବାବେଳେ ସେ ନାଜୋଫାରିଙ୍କ୍ସ କର୍କଟରେ ପୀଡ଼ିତ ଥିବା ଜାଣିବାକୁ ପାଇଥିଲେ। ଅନ୍ୟ ରୋଗୀଙ୍କ ପରି ସେ ଭାଙ୍ଗି ନ ପଡ଼ି ଆତ୍ମବିଶ୍ୱାସ ବଢ଼ାଇ ଚିକିତ୍ସା କରାଇଥିଲେ। ଏବେ କର୍କଟରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ସ୍ୱାଗତିକା ନିଜେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ କର୍କଟ ରୋଗୀଙ୍କ ପାଖକୁ ଯାଇ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଥିଲେ।ଏବେ ମଧ୍ୟ କର୍କଟ ରୋଗୀଙ୍କ ପାଖକୁ ଯାଇ ସେମାନଙ୍କୁ ପ୍ରେରଣା ଦେଉଛନ୍ତି। ୨୦୨୦ କୋଭିଡ୍ ସମୟରୁ ସ୍ୱାଗତିକା ଆୱାକେନ ନାମକ ଏକ ସଂସ୍ଥା ଦ୍ୱାରା କର୍କଟ ରୋଗୀଙ୍କୁ ସଚେତନ କରାଇ ଆସୁଛନ୍ତି। ଏ ସମ୍ପର୍କରେ ସ୍ୱାଗତିକା କହିଛନ୍ତି, ମୁଁ ଚିକିତ୍ସିତ ହେବାବେଳେ ରୋଜ୍ ଡେ' ବିଷୟରେ ଜାଣିବା ପରଠୁ ସେହି ସ୍ଥାନରେ ଅନ୍ୟ କର୍କଟ ରୋଗୀଙ୍କୁ ଗୋଲାପ ଫୁଲ ଦେଇ ପ୍ରେରଣା ଦେଉଥିଲି। କର୍କଟରୁ ଆରୋଗ୍ୟ ସମ୍ଭବପର, କେବଳ ଭୟ ଦୂରେଇ ଦେଲେ ଏହି ରୋଗରୁ ବଞ୍ଚିବା ସହଜ ହୋଇଥାଏ। ଏଭଳି ବାର୍ତ୍ତା ନେଇ ପ୍ରତିବର୍ଷ କ୍ୟାନ୍ସର ହସ୍ପିଟାଲରେ 'ରୋଜ୍ ଡେ' ପାଳିଥାଉ। କର୍କଟ ପୀଡ଼ିତଙ୍କ ପାଖକୁ ଯେତେବେଳେ ଯାଏ ସେମାନେ ବହୁତ କାନ୍ଦନ୍ତି। ସେମାନଙ୍କ ମନୋବଳକୁ ବଢ଼ାଇବା ଲାଗି ମୋ ନିଜର ସଂଘର୍ଷ କାହାଣୀ ବଖାଣିଥାଏ। ମୋଠୁ ଶୁଣିବା ପରେ ସେମାନଙ୍କ ମୁହଁରେ ହସ ଫୁଟିଥାଏ। ଚଳିତବର୍ଷ ରୋଜ୍ ଡେ' ଅବସରରେ ଶିଶୁ କର୍କଟ ପୀଡ଼ିତଙ୍କୁ ବିଧାନସଭା ପରିଦର୍ଶନ କରାଇବାକୁ ଯୋଜନା କରାଯାଉଛି।



ସ୍ୱାଗତିକା ଆଚାର୍ଯ୍ୟ

-ରିପୋର୍ଟ:ଶିଳ୍ପା ପ୍ରିୟଦର୍ଶିନୀ, କଟକ

# ସୁରକ୍ଷା, ସଂରକ୍ଷଣ ଲାଗି ସଚେତନତାକୁ ଗୁରୁତ୍ୱ

**ଆଜି ବିଶ୍ୱ ଗଣ୍ଡା ଦିବସ**



ବିଲୁପ୍ତପ୍ରାୟ ପ୍ରଜାତିର ସୁରକ୍ଷା ଓ ସଂରକ୍ଷଣ ଲାଗି ସଚେତନତା ବୃଦ୍ଧି ସକାଶେ ପ୍ରତିବର୍ଷ ସେପ୍ଟେମ୍ବର ୨୨ରେ ପାଳିତ ହୋଇଆସୁଛି 'ବିଶ୍ୱ ଗଣ୍ଡା ଦିବସ'। ୨୦୧୦ ମସିହାରେ ପ୍ରଥମେ ଏହି ଦିବସକୁ ଡବ୍ଲ୍ୟୁଡବ୍ଲ୍ୟୁଏଫ୍-ଦକ୍ଷିଣ ଆଫ୍ରିକା ଦ୍ୱାରା ଘୋଷଣା କରାଯାଇଥିଲା। ତେବେ ୨୦୧୧ରେ ଏହା ଏକ ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମରେ ପରିଣତ ହୋଇଥିଲା। ଯାହାକି ଗଣ୍ଡାମାନେ ସମ୍ମୁଖୀନ ହେଉଥିବା ଶିକାର ଏବଂ ବାସସ୍ଥାନଜନିତ ବର୍ଦ୍ଧିତ ବିପଦକୁ ଉଜାଗର କରିଥିଲା।

# ରେଷ୍ଟୁରାଣ୍ଟ ଖୋଲିଲେ ସଞ୍ଜୟ ଦତ୍ତ

ମୁମ୍ବାଇ

ବଲିଉଡ୍ ଇଣ୍ଡଷ୍ଟ୍ରିରେ ଏପରି ଅନେକ ତାରକା ରହିଛନ୍ତି, ଯାହାଙ୍କର ମୁମ୍ବାଇରେ ରେଷ୍ଟୁରାଣ୍ଟ ରହିଛି। ଏବେ ଏହି ତାଲିକାରେ ଅଭିନେତା ସଞ୍ଜୟ ଦତ୍ତଙ୍କ ନାଁ ଯୋଡ଼ି ହୋଇଛି। ନିକଟରେ ମୁମ୍ବାଇରେ ସେ ନିଜ ରେଷ୍ଟରାଣ୍ଟକୁ ଲଞ୍ଚ୍ କରିଛନ୍ତି। ଏହାର ନାମ ସୋଲେୟର ରେଷ୍ଟୁରାଣ୍ଟ। ଏହାସହ ସଞ୍ଜୟ ଅଭିନେତାରୁ ବିଜ୍‌ନେସମ୍ୟାନ ହୋଇଛନ୍ତି। ରେଷ୍ଟୁରାଣ୍ଟ ଲଞ୍ଚ୍ ଖୁସିରେ ଶନିବାର ସଞ୍ଜୟ ଏକ ଗ୍ରାଣ୍ଡ ଇଭେଣ୍ଟର ଆୟୋଜନ କରିଥିଲେ। ଏଥିରେ ତାଙ୍କ ବନ୍ଧୁ, ସମ୍ପର୍କୀୟଙ୍କ ସମେତ ବଲିଉଡ୍ ଇଣ୍ଡଷ୍ଟ୍ରିର ବହୁ ତାରକା ଯୋଗ ଦେଇଥିଲେ। ଇଭେଣ୍ଟରେ ସ୍ତ୍ରୀ ମାନ୍ୟତା ଦତ୍ତଙ୍କ ସହ ସଞ୍ଜୟ ଗ୍ରାଣ୍ଡ୍ ଏଣ୍ଟ୍ରି ନେଇଥିଲେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ସଞ୍ଜୟ ବ୍ଲାକ୍ ଟି'ଶାର୍ଟ ସହ ଡିଜାଇନର ଲେଦର ଜ୍ୟାକେଟ ପିନ୍ଧିଥିବାର ନଜରକୁ ଆସିଛନ୍ତି। ସେହିପରି ମାନ୍ୟତା ଶର୍ଟ ଡ୍ରେସ, ହାଇ ହିଲ୍ସ ଓ ମ୍ୟାଚିଙ୍ଗ୍ ବ୍ୟାଗ୍ ସହ ଷ୍ଟାଇଲିଶ ଲୁକ୍‌ରେ ନଜରକୁ ଆସିଥିଲେ।



ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୨/୨୦୨୫
Bhubaneswar, Monday, September 22/2025



# ପୋକ୍ସୋ ଆଇନ ତଥା ସହାୟତା ସଚେତନତା




ଆଇନ ସମ୍ପର୍କରେ ସଚେତନତା କରାଯାଉଛି।

ଟିଟିଲାଗଡ଼,୨୧।୯(ଶରତ ମିଶ୍ର)

ତାଲୁକ ଆଇନ ସେବା ସମିତି ଟିଟିଲାଗଡ଼ ପକ୍ଷରୁ ବ୍ଲକ ଅନ୍ତର୍ଗତ ଭାଲେଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ପୋକସୋ ଆଇନ ତଥା ଆଇନରେ ପିଡ଼ିତାଙ୍କୁ ସହାୟତା, ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସହାୟତା ସମ୍ବନ୍ଧିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଓ ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକ ଯୋଗଦେଇ ଶିଶୁଙ୍କ ପ୍ରତି ବ୍ୟଭିଚାର ନେଇ ଆଇନରେ ରହିଥିବା କଡ଼ା ପ୍ରାବଧାନ, ପିଡ଼ିତାଙ୍କୁ ସହାୟତା ଆଦି ସମ୍ପର୍କରେ ସଚେତନ କରିଥିଲେ। ସେହିପରି ଘରୋଇ ହିଂସା, ବରିଷ୍ଠ ନାଗରିକଙ୍କୁ ଅନାଦର, ଜୁଭେନାଇଲ ଆକ୍ଟରେ ଶିଶୁଙ୍କ ଅଧିକାର, ଏସ୍‌ସିଏସ୍‌ଟି ଆକ୍ଟ, ପୋଲିସ ଅଭିଯୋଗ ନ ରଖିଲେ ଅଦାଲତରେ ଅଭିଯୋଗ କରିବା, ପୋଲିସରେ କୌଣସି ଅଭିଯୋଗ ଦାଖଲ ନେଇ କିଛିଦିନ ବିଳମ୍ବ ହେଲେ ତାହାର କାରଣ ଅଭିଯୋଗ ପତ୍ରରେ ଉଲ୍ଲେଖ କରିବା ଆଦି ଅନେକ ବିଷୟ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ସଭାରେ ସବ୍‌ଡିଭିଜନ ପ୍ରୋବେଶନ ଅଧିକାରୀ ଦୀପକ ରଞ୍ଜନ ସେଠୀ, ପେନାଲ ଲୟର ସନ୍ଧ୍ୟା ଥାପ୍ପା, ଫ୍ରଣ୍ଟ ଅଫିସ ରିଟେନର ସାରଙ୍ଗଧର ବାଗ ପ୍ରମୁଖ ମତବ୍ୟକ୍ତ କରିଥିଲେ। ସମିତି କିରାଣି ଜୀବର୍ଦ୍ଧନ ଛତ୍ରିଆ ସଭା ପରିଚାଳନା କରିଥିବା ବେଳେ ସରପଞ୍ଚ ଯୁଗଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବରିଷ୍ଠ ଆଦିବାସୀ ନେତା ବେଣୁଧର ଖାଙ୍ଗର, ପୃଥ୍ୱୀରାଜ ମାଝୀ, ବାବୁଲାଲ ଜାନି, ଭୋଦେବ ଖାଙ୍ଗର, କୁଞ୍ଜ ଚନ୍ଦନ, ମକୁନ୍ଦ ବାଗ, ତ୍ରିଲୋଚନ ବାଗ, ୱାର୍ଡସଭ୍ୟ ଚକ୍ରଧର ଭୁଏ, ରାଜପତି ଚନ୍ଦନ, ପୂର୍ଣ୍ଣମୀ ମାଝୀ, କୈଳାସ ମାଝୀ, ଅଞ୍ଜନା ଛତ୍ରିଆ, ରାମନାଥ ବାଗ, ଇନ୍ଦ୍ରମଣି ମାଝୀ ପ୍ରମୁଖ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ଭାରତୀୟ ସାଂସ୍କୃତିକ ଜ୍ଞାନ ପରୀକ୍ଷାର ପୁରସ୍କାର ବିତରଣୀ ଉତ୍ସବ

କଣ୍ଟାବାଞ୍ଜି,୨୧।୯(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ଗାୟତ୍ରୀ ଶକ୍ତି ପୀଠରେ ରବିବାର ଭାରତୀୟ ସାଂସ୍କୃତିକ ଜ୍ଞାନ ପରୀକ୍ଷାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣୀ ଉତ୍ସବ ପାଳନ କରାଯାଇଛି। ଏହା ରାଜ୍ୟ ଓ ଜିଲ୍ଲାସ୍ତରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇଛି। ୨୦୨୪ ଡିସେମ୍ବରରେ ସାରା ଭାରତରେ ଶାନ୍ତିକୁ ହରିଦ୍ୱାର ଉତ୍ତରାଖଣ୍ଡ ଦ୍ୱାରା ଭାରତୀୟ ସାଂସ୍କୃତିକ ଜ୍ଞାନ ପରୀକ୍ଷା ରାଜ୍ୟର ବିଭିନ୍ନ ସ୍କୁଲ କଲେଜରେ ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାର ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ଭାଗ୍ୟଶ୍ରୀ ଛିଆଲ(ପ୍ରଥମ), ମାଧବୀ ମାଝି (ଦ୍ୱିତୀୟ) ଓ ଅର୍ଚ୍ଚନା ହତିଖ୍ରିଆ(ତୃତୀୟ) ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସବିତା ପୁଟେଲ(ପ୍ରଥମ), ପ୍ରିୟଙ୍କା ପନିକା (ଦ୍ୱିତୀୟ), ତୃପ୍ତିମୟୀ ବେହେରା(ତୃତୀୟ) ଭାବେ ପୁରସ୍କୃତ ହୋଇଥିଲେ। ଏହି ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଯୋଗ ଦେଇଥିବା ବେଳେ ଗାୟତ୍ରୀ ଶକ୍ତିପୀଠ ଓଡ଼ିଶା ରାଜ୍ୟ ସଂଯୋଜକ ପ୍ରଫୁଲ୍ଲ ଦାସ, ବଲାଙ୍ଗୀର ଜିଲ୍ଲା ସଂଯୋଜକ ଟଙ୍କଧର କୁମ୍ଭାର, ସତ୍ୟନାରାୟଣ ଗୁପ୍ତା,ରମାକାନ୍ତ ବେହେରା, ସନ୍ତୋଷ ଦାସ, ମୋହନଲାଲ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କୁ ଅତିଥିମାନଙ୍କ ଦ୍ୱାରା ରାଜ୍ୟସ୍ତରୀୟ ସଂଗଠକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପୁରସ୍କାର ବିତରଣୀ ଉତ୍ସବରେ ଜିଲାର ଶତାଧିକ ଗାୟତ୍ରୀ ପୀଠର କର୍ମକର୍ତ୍ତା, ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଛବିଳ ବର୍ଗତି ସଂଯୋଜନା କରିଥିଲେ ।



ଜଣେ ଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

# ସୁସ୍ଥ ସମାଜ ବିନା ବିକଶିତ ରାଷ୍ଟ୍ର ଗଠନ ଅସମ୍ଭବ

ଲୋଇସିଂହା,୨୧।୯(ସୁଶାନ୍ତ ବାରିକ)

ନମୋ ଯୁବ ମାରାଥାନ ଅବସରରେ ବଲାଙ୍ଗୀର ଜିଲ୍ଲା ଲୋଇସିଂହାରେ ରବିବାର ଗଣ ଦୌଡ଼ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଗଣଦୌଡ଼କୁ ଶୁଭାରମ୍ଭ କରିଥିଲେ। ସୁସ୍ଥ ଓ ନୀରୋଗ ରହିଲେ ସମାଜ ସୁସ୍ଥ ରହିବ। ଏହା ପ୍ରଧାନମନ୍ତ୍ରୀଙ୍କ ସନ୍ଦେଶ ରହିଛି ବୋଲି ମୁଖ୍ୟଅତିଥି ମହାଲିଙ୍ଗ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଯୁବବନ୍ଧୁମାନଙ୍କୁ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ସନ୍ଦେଶ ଥିଲା ନଶାମୁକ୍ତ ଭାରତ ଗଠନ। ଯୁବକ ବନ୍ଧୁମାନେ ନିଶାଗ୍ରସ୍ତ ନ ହୁଅନ୍ତୁ ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି। ୨୦୪୭ ମସିହା ସୁଦ୍ଧା ଭାରତକୁ ସଶକ୍ତ, ସମୃଦ୍ଧ ଓ ବିକଶିତ ରାଷ୍ଟ୍ର ଲକ୍ଷ୍ୟ ରହିଛି। ବିନା ସୁସ୍ଥ ସମାଜ ଗଠନରେ ଏହି ଲକ୍ଷ୍ୟ ହାସଲ କରିବା ଅସମ୍ଭବ,ଏଣୁ ଏଦିଗରେ ସମସ୍ତେ ସଚେତନ ହେବା ଜରୁରୀ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଥିଲେ। ଏହା ପ୍ରକାଶ ଯେ, ଲୋଇସିଂହା,ରାମମନ୍ଦିରରୁ ଅଗ୍ରସେନ ଭାବନ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସ୍ଥାନୀୟ ପତଞ୍ଜଳି କେନ୍ଦ୍ରରେ ସ୍ୱାସ୍ଥ୍ୟ ପାଇଁ ମନ୍ତ୍ରୀ ମହାଲିଙ୍ଗ କାଂସ୍ୟ ଥେରାପି କରୁଥିବା ଦେଖିବାକୁ ମିଳିଥିଲା।

# ପାଣିରେ ବୁଡ଼ି ବ୍ୟବସାୟୀଙ୍କ ମୃତ୍ୟୁ

ବେଲପଡ଼ା,୨୧।୯(ମନୋଜ କୁମାର ମିଶ୍ର)

ବେଲପଡ଼ା ଥାନା ସରମୁଣ୍ଡା ଗ୍ରାମରେ ରବିବାର ପାଣିରେ ବୁଡ଼ି ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ରାହାସ ବେହେରା। ରାହାସ ସକାଳେ ବେଲପଡ଼ା ସାପ୍ତାହିକ ବଜାରକୁ ଆଳୁ ଓ ପିଆଜ ବିକ୍ରୟ କରିବାକୁ ଯାଇଥିଲେ। ବଜାର ସାରି ସେ ଘରକୁ ଫେରିଥିବା ପରେ ମଧ୍ୟାହ୍ନରେ ଗାଧୋଇବା ପାଇଁ ନିଜ ଜମିରେ ଥିବା ଏକ ଚହଲାକୁ ଯାଇଥିଲେ। ବହୁ ଦୀର୍ଘ ସମୟ ପରେ ମଧ୍ୟ ଘରକୁ ଫେରି ନଥିଲେ। ବହୁ ଖୋଜାଖୋଜି ପରେ ଉକ୍ତ ଚହଲା ପରସରରେ ଥିବା ପାଣିରେ ରାହାସ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ରାହାସଙ୍କୁ ମୃତ ଘୋଷଣା କରିଥିଲେ।

# ମଦ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି,୨୧।୯(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ଥାନା ଖଗସା ଗ୍ରାମରେ ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖଗସା ଗ୍ରାମର ଶ୍ରୀରାମ ବାଗ (୪୫)। କଣ୍ଟାବାଞ୍ଜି ଅବକାରୀ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଚଢ଼ାଉ କରି ଅଭିଯୁକ୍ତଙ୍କଠାରୁ ୪୦ ଲିଟର ଦେଶୀ ଓ ୧୧ଲିଟର ବିଦେଶୀ ମଦ ଜବତ କରିଥିଲା। ଏ ନେଇ କଣ୍ଟାବାଞ୍ଜି ଅବକାରୀ ଥାନା କେସ୍ ନଂ. ୧୦୭/୨୦୨୫-୨୬ରେ ମାମଲା ରୁଜୁ କରାଯାଇଥିବା ଅବକାରୀ ଥାନାଧିକାରୀ ପ୍ରବୀଣ କୁମାର ବେହେରା କହିଛନ୍ତି।

# ଛାତ୍ରୀଛାତ୍ରଙ୍କୁ ମାଡ଼ ଘଟଣା, ୨ ଗିରଫ

ଖପ୍ରାଖୋଲ,୨୧।୯(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ମହରାପଦର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଶନିବାର ମଧ୍ୟାହ୍ନରେ କେତେଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ରବିବାର ସ୍ଥାନୀୟ ପୋଲିସ ୨ ଜଣଙ୍କୁ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୈଜଲସାଗର ଗାଁର ବିକାଶ ବେଷ୍ଟକାର୍ (୨୨) ଓ ସୁଶୀଲ ବାଗ (୨୪)। ପ୍ରକାଶ ଯେ, ମହାରାପଦର୍ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିଶାସକ୍ତ ଯୁବକମାନେ ରାସ୍ତାରେ ଦୁର୍ବ୍ୟବହାର କରିବା ସହିତ ମାଡ଼ ମାରିଥିବା ନେଇ ଥାନାରେ ଏତଲା ହୋଇଥିଲା। ଏହାକୁ ଅଧାର କରି ଖପ୍ରାଖୋଲ ପୋଲିସ ୫ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରିଥିବା ବେଳେ ୨ ଜଣକୁ କୋର୍ଟ ଚାଲାଣ କରିଛି। ଏ ନେଇ ଖପ୍ରାଖୋଲ ଥାନାରେ ନଂ. ୨୧୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି।


## OFFICE OF THE SUPERINTENDING ENGINEER P.H. DIVISION, BHANJANAGAR AT CHATRAPUR

E-mail : eephchpr@gmail.com

No.C-1141

**CANCELLATION OF TENDER**

**Bid Identification No. 11/03/SPH(C)/2025-26 Dt.22.07.2025**

| Sl. No. | Name of the work | Estimated cost (Rs. in Lakh) |
|---|---|---|
| 1 | Procurement of 150mm to 450mm dia DI pipes inconnection with the work-Construction of intake well, laying of RWRM and ancillary works for improvement of water supply to Kodala NAC and Construction of WTP and laying of RWRM and CWRM with ancillary works for Sorada NAC under AMRUT 2.0 SWAP-III | Rs.371.03 Lakh |

The tender invited by this office for the above work vide Bid Identification No. 11/03/SPH(C)/2025-26 dt.22.07.2025 is hereby cancelled as per instruction of Engineer-in-Chief, P.H Odisha, Bhubaneswar vide letter no.9172 dt.18.09.2025.

Sd./- Additional Chief Engineer
P.H. Division, Bhanjanagar at Chatrapur

OIPR-13013/11/0027/2526

## ODISHA JOINT ENTRANCE EXAMINATION-2025

**No. OJEE/539** **Date: 20.09.2025**

**NOTICE**

**COUNSELLING FOR POSTGRADUATION COURSE [MD (HOM.)] & POSTGRADUATION COURSE [MD/MS (AYURVEDIC)] FOR THE SESSION 2025-26**

**No.h-10** : This is for the information of all the candidates who have qualified in AIAPGET – 2025 examination and are interested to take admission into **PG [MD (HOM.)] / PG [MD/MS (AYURVEDIC)]** courses offered by various institutes in Odisha for the session 2025-26, that the process of Online Registration, Choice Filling and Locking is scheduled to start from 22nd September 2025, 05.00 PM. For other details like schedule and detail Information & Instructions for eligibility, counselling process etc., candidates are advised to visit OJEE website and carefully read the "Information & Instructions 2025" for different programs, available in OJEE website: http://ojee.nic.in

OIPR-14020/11/0011/2526 Sd./- Chairman, OJEE

No.JJ-52

## Directorate of Ports & Inland Water Transport

Fortune Tower, Ground Floor, Zone - A, Chandrasekharpur, Bhubaneswar, Phone : 0674-2300885, Email : portsniwt.od@nic.in

**e-PROCUREMENT NOTICE**

**Bid Identification No. DPIWT - 16/2025-26**

| | | |
|---|---|---|
| 01. | Name of work | : Construction of Jetty and Public Rain Shelter (Yatri Bishramgara) at Subarnapur Village under Rajnagar Block of Kendrapada District |
| 02. | No. of works | : 1 (One) No. |
| 03. | No. of Covers | : Double cover |
| 04. | Approximate Value of works | : Rs.6.81 Crore |
| 05. | Bid Cost | : Rs.10,000.00 |
| 06. | Period of Completion | : 11 (Eleven) Calendar Months |
| 07. | Date & Time of availability of bid document in the portal | : 23.09.2025 to 13.10.2025 upto 05.00 P.M. |
| 08. | Date & Time of Bid Clarification | : 23.09.2025 to 03.10.2025 upto 03.00 P.M. |
| 09. | Last date & time for receipt of bids in the portal | : 13.10.2025 up to 05.00 P.M. |
| 10. | Date of opening of bid document (Cover-I) | : 14.10.2025 at 11.30 A.M. |
| 11. | Date of document verification | : Within five (05) working days from the date of Technical Bid (Cover-I) opening |
| 12. | Date of transparent lottery process (If situation arises) | : Intimation will be given through online |
| 13. | Class of Contractor | : "A" & "Special" Class Contractor |
| 14. | Name and address of Officer Inviting Tender (OIT) | : Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, PIN-751023 Phone : 0674-2390355, Fax - 2396885, e-Mail : portsniwt.od@nic.in |

Further details can be seen from the e-Procurement market place, https// tendersodisha.gov.in. The Addendum / Corrigendum if any will be hosted in the website only.

Sd./- Director
Ports & IWT, Odisha

OIPR-38035/11/0048/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 6783 / P.S.C., Dt. 20.09.2025**
**1E-12-2025/26 (DR-III)**

**Recruitment to the Post of Post Graduate Teacher in Discipline - SOCIOLOGY**

**(Advertisement No.25 of 2023-24)**

**No.D-223** : In continuation to this Office Notice No. 5513/PSC, dtd. 01.08.2025, it is for information of all shortlisted candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Sociology Discipline**, pursuant to Advertisement No. 25 of 2023-24 will be held from **27.10.2025 to 29.10.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | ROLL NO. of Candidates |
|---|---|---|---|
| 27.10.2025 | 08.30 A.M. | 10.30 A.M. | 103897, 103898, 103906, 103943, 103949, 103956, 103973, 202588, 202589, 202590, 202639, 202653, 202663, 202667, 309287, 309301, 309303, 309310, 309311, 309323, 309337, 309344, 309356, 309362, 309367, 309378, 309389, 309401, 309404 & 309415 = **30 Candidates** |
| | 12.30 P.M. | 02.30 P.M. | 309418, 309423, 309427, 309442, 309458, 309463, 309488, 309490, 309491, 309498, 309515, 309553, 309568, 309573, 309585, 309601, 309617, 309622, 309626, 309636 & 309647 **= 21 Candidates** |
| 28.10.2025 | 08.30 A.M. | 10.30 A.M. | 309653, 309669, 309671, 309678, 309681, 309682, 309691, 309699, 309702, 309703, 309707, 309711, 309713, 309716, 309719, 309734, 309740, 309754, 309756, 309763, 309769, 309775, 309778, 309800, 309808, 309812, 309823, 309828, 309833 & 309834 **= 30 Candidates** |
| | 12.30 P.M. | 02.30 P.M. | 309836; 309842; 309848, 309849, 309864, 309870, 309878, 309879, 309880, 309897, 309910, 309918, 309921, 309923, 404159, 404163, 404170, 404206, 404235, 404293 & 404310 **= 21 Candidates** |
| 29.10.2025 | 08.30 A.M. | 10.30 A.M. | 404311, 404323, 404327, 404355, 404357, 404362, 404365, 404379, 404382, 404391, 404394, 505995, 506022, 506028, 506047, 506049, 506051, 506068, 506074, 506078, 506083, 506085, 506087, 506093, 506107, 506148, 506165, 506186 & 506192 **= 29 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**The Candidates are required to submit the following original certificates along with a set of Self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No.** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
ଭାବ ଓ ଭକ୍ତିର ପର୍ବ ସୁବର୍ଣ୍ଣପୁର ଐତିହାସିକ ବଳିଯାତ୍ରାର ରବିବାର ଶୁଭାରମ୍ଭ ହୋଇଛି। ଚୌହାଣ ରାଜାମାନଙ୍କ ଶାସନ ସମୟରୁ ଶାରଦୀୟ ବଳିଯାତ୍ରା ହୋଇଆସୁଛି। ଏହି ଯାତ୍ରା ପାଇଁ ଜିଲାବାସୀଙ୍କ ବିଶେଷ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ରହିଛି। ଅମାବାସ୍ୟା(ମହାଳୟା) ଠାରୁ କାର୍ତ୍ତିକ କୃଷ୍ଣପକ୍ଷ ପ୍ରତିପଦ ପର୍ଯ୍ୟନ୍ତ ୧୭ ଦିନ ବ୍ୟାପି ବିଭିନ୍ନ ଶକ୍ତିପୀଠରେ ଏହି ଯାତ୍ରା ଆୟୋଜନ ହେବ। ପରମ୍ପରା ଅନୁଯାୟୀ ରବିବାର ବୁଢାରଜା ବଳି



ସୁରେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାଉତି ଛତ୍ରକୁ ବିଜୟ ଶୋଭାଯାତ୍ରାରେ ନିଆଯାଉଛି।

ଅନୁଷ୍ଠିତ ହୋଇଛି। ସକାଳେ ଦେବୋତ୍ତର ବିଭାଗ ପକ୍ଷରୁ ଅଷ୍ଟଚଣ୍ଡୀଙ୍କ ଉଦ୍ଦେଶ୍ୟରେ ୮ଟି ପାହୁର ପୀଠର ପୂଜକମାନଙ୍କୁ ପ୍ରଦାନ କରାଯାଇଥିଲା। ଅପରାହ୍ନ ଶୁଭ ଲଗ୍ନରେ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ପରେ ବାଉତି ଛତ୍ରକୁ ବିଜୟ ଯାତ୍ରାରେ ମା' ସମଲେଇ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ଏଥିରେ ବଳିଯାତ୍ରା ମୁଖ୍ୟ ପୂଜକ ତଥା ରାଜ ପୁରୋହିତ ଦୀପକ କୁମାର ମହାପାତ୍ରଙ୍କ ସମେତ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଲଡୁକିଶୋର ମଲ୍ଲିକ, ଶେଷଦେବ ମେହେର, ଷଷ୍ଠୀ ବଡମାଳୀ, ଚନ୍ଦ୍ର ନେଗୀ, ବୈଲୋଚନ ଛତ୍ରିଆ, ଦେବୋତ୍ତର କମିଟିର କର୍ମକର୍ତ୍ତା, ସେବାୟତ ଓ ବରୁଆମାନେ ସାମିଲ ହୋଇଥିଲେ। ରାତିରେ ସମଲେଇ ମନ୍ଦିରରେ ୨ ଜଣ ବରୁଆଙ୍କ ଶରୀରରେ ମା' ଆବିର୍ଭୂତ ହୋଇ ବାଉତି ଛତ୍ର ଧରି ଘୋଡାଘାଟପଡାର ଯୋଡାଖମ୍ବ ଓ ବୁଢୀ ସମଲେଇ ମନ୍ଦିର ଦେଇ ବୁଢାରଜା ପୀଠକୁ ଯାଇଥିଲେ। ଏହି ବଳିକୁ ଦୟଣାବଳି କୁହାଯାଏ। ବଳି ଦେବତା ଓ ବାଉତି ଛତ୍ର ଉପରକୁ ଶ୍ରଦ୍ଧାଳୁମାନେ ଦହନାମାଳ ପୁଷ୍ପାଞ୍ଜଳି ସ୍ୱରୂପ ଅର୍ପଣ କରିଥିଲେ। ବୁଢାରଜା ବଳି ନିଶାର୍ଦ୍ଧରେ ଉଆଁସ ବଳି ନୃତ୍ୟ ପ୍ରଦର୍ଶନ କରି ଘୋଡାଘାଟ ପଡାରୁ ବୁଢୀ ସମଲେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବୁଢାରଜା ବଳି ଏହି ସମୟରେ ବୁଢୀ ସମଲେଇଙ୍କୁ ପତ୍ନୀ ଭଳି ବ୍ୟବହାର ପ୍ରଦର୍ଶନ କରିଥାଏ। କାର୍ଯ୍ୟକ୍ରମ ଶେଷ ପରେ ସୋମବାର ସକାଳେ ବଳି ଯୋଡାଖମ୍ବ ଦେଇ ସମଲେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବାର ବିଧି ରହିଛି। ଏଥିପାଇଁ ମାଳି ସେବାୟତ ଚତୁର୍ଦ୍ଦଶୀର ବିଳମ୍ବିତ ରାତିରେ ବଳି ଯିବା ରାସ୍ତା ଓ ପୀଠ ରାସ୍ତାକୁ ଲଙ୍ଗଳଗାର ଦ୍ୱାରା ଚିହ୍ନିତ କରିଥିଲେ। ସେହିପରି ବୁଢାରଜା ପୀଠରେ କୁଲି ସମ୍ପ୍ରଦାୟର ସେବାୟତମାନେ ବଳି ଦେବତାଙ୍କୁ ସ୍ୱାଗତ ଉଦ୍ଦେଶ୍ୟରେ କୁକୁଡା ପକ୍ଷୀର ତୋରଣ ନିର୍ମିତ କରିଛନ୍ତି। ଏହି ଯାତ୍ରା ପାଇଁ ମହିଳାମାନେ ବଳି ତାରିଣୀ ଉପବାସ କରିଥିଲେ। ସେମାନେ ବଳି ଦେବତାଙ୍କୁ ପୂଜା କରି ତାରିଣୀ ବ୍ରତ ପରେ ସନ୍ତାନସନ୍ତତିଙ୍କୁ ଦୁବ ଛୁଆଁଇଲା ପରେ ଜଳଗ୍ରହଣ କରିବାର ପରମ୍ପରା ରହିଛି। ଯାତ୍ରାର ବିଶେଷତ୍ୱ-୧୬୪୦ରୁ ୧୯୪୭ ପର୍ଯ୍ୟନ୍ତ ଖୁବ୍ ନିଷ୍ଠାର ସହ ବଳିଯାତ୍ରା ପାଳନ କରାଯାଉଥିଲା। ଏବେ ବି ସେହି ବିଧି ବଜାୟ ରହିଛି। ଯାତ୍ରାରେ ପୁରୋହିତ, ବରୁଆ, ଖମ୍ବିସିଆ, ଡାଙ୍ଗୁଆ, ମହୁରିଆ, ଚାରଘରିଆ, ଢୁଲିଆ, ମଶାଲତା, ଗାଏନ, ଛତ୍ରିଆ, ଛିପି, ଥନାପତି, ମାଳୀ, ଭଣ୍ଡାରୀ, ଭୁଲିଆ ଓ କୁମ୍ଭାର ଆଦି ୩୬ଟି ସମ୍ପ୍ରଦାୟର ସେବାୟତମାନେ ଅଂଶଗ୍ରହଣ କରିଥାନ୍ତି। ସେହିପରି ୧୬ ଭରଣୀ ବାଦ୍ୟ ସହିତ ୧୬ ଦିନ ପୂଜା, ୧୬ଟି ବଳି ଓ ଷୋହଳ ପୂଜା ଅନୁଷ୍ଠିତ ହୋଇଏ । ଏହି ସେବା କାର୍ଯ୍ୟ ପାଇଁ ରାଜା ସେବାୟତମାନଙ୍କୁ ଆବଶ୍ୟକ ଚାଷ ଜମି ଯୋଗାଇ ଦେଇଛନ୍ତି।

# ନିଶାମୁକ୍ତ ଭାରତ ପାଇଁ ସୁବର୍ଣ୍ଣପୁରରେ ଗଣଦୌଡ଼



ଗଣଦୌଡକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

ସୋନପୁର,୨୧।୯(ମୃତ୍ୟୁଞ୍ଜୟ ଶତପଥୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ସେବାପକ୍ଷ ଭାବେ ପାଳନ କରାଯାଉଛି। ଏହି ଅବସରରେ ସୁବର୍ଣ୍ଣପୁର ସହରରେ ନମୋ ଯୁବ ମାରାଥନ(ଗଣଦୌଡ) ରବିବାର ସକାଳେ ଅନୁଷ୍ଠିତ ହୋଇଥିଲା। ନିଶାମୁକ୍ତ ଭାରତ ଗଠନର ସଂକଳ୍ପ ନେଇ ଏହି ଗଣଦୌଡ ରୟାଲ ପଡିଆରୁ ବାହାରି ସହର ପରିକ୍ରମା କରିଥିଲା। ଯୁବକ ଓ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପ୍ରଧାନ ଅତିଥି ଭାବରେ ଯୋଗଦେଇ ପତାକା ଦେଖାଇ ଏହି ଗଣଦୌଡର ଶୁଭାରମ୍ଭ କରିଥିଲେ। ଗଣଦୌଡ ସାମାଜିକ ଆନ୍ଦୋଳନର ଏକ ପ୍ରତିଜ୍ଞା। ଯାହା ଏକ ସୁସ୍ଥ, ସମୃଦ୍ଧ ଓ ନିଶାମୁକ୍ତ ଭାରତ ଗଠନର ମାର୍ଗ ପ୍ରସ୍ତୁତ କରୁଛି ବୋଲି କହିଥିଲେ। ସହକାରୀ ଜିଲାପାଳ ସଂଗ୍ରାମ କେଶରୀ ଜେନା, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ସତ୍ୟବ୍ରତ ସାହୁ, ଜ୍ୟୋତିର୍ମୟୀ ମଲ୍ଲିକ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ଓ ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ପାଇଁ ରାଜ୍ୟପାଳଙ୍କୁ କରାଗଲା ନିମନ୍ତ୍ରଣ

ବୀରମହାରାଜପୁର,୨୧।୯
(ଯୁଗଳ କିଶୋର ମିଶ୍ର)

ଅକ୍ଟୋବର ୬ରୁ ୧୦ ପର୍ଯ୍ୟନ୍ତ ଚାଲିବ ମୁରାସୁର ରାଜ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ୪୩ ତମ ଗଜଲକ୍ଷ୍ମୀ ପୂଜା ମୁରାସୁର ଦରବାର ପାଇଁ ପୂଜା କମିଟି ତରଫରୁ ପ୍ରଥମ ଥର ପାଇଁ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମ ପତିଙ୍କୁ ନିମନ୍ତ୍ରଣ କରାଯାଇଛି। ଶୁକ୍ରବାର ବୀରମହାରାଜପୁର ବିଧାୟକ ଇଞ୍ଜିନିୟର୍ ରଘୁନାଥ ଜଗଦଲା, କମିଟି ସଭାପତି ଲବ କୁମାର ସାହୁ, ସମ୍ପାଦକ ତ୍ରୟଞ୍ଜିବ ମିଶ୍ର ସହ ସମ୍ପାଦକ ବିଦ୍ୟାର ଖୁଣ୍ଡିଆ ପ୍ରମୁଖ ରାଜଭବନ ଯାଇ ରାଜ୍ୟପାଳ ହରିବାବୁ କମ୍ଭମ ପତିଙ୍କୁ ନିମନ୍ତ୍ରଣ କରିଛନ୍ତି। ରାଜ୍ୟପାଳ ନିମନ୍ତ୍ରଣ ଗ୍ରହଣ କରିବା ସହିତ ମା' ଗଜଲକ୍ଷ୍ମୀ ପୂଜା ପାଇଁ ବିଶେଷ ଅସୁବିଧା ନ ଥିଲେ ଆସିବେ ବୋଲି କହିଛନ୍ତି। ରାଜ୍ୟପାଳଙ୍କ ସହିତ ଓଡ଼ିଶାର ଉପମୁଖମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ କୁମାର ପୂଜାରୀ, ପଞ୍ଚାୟତରାଜ ପାନୀୟଜଳ ବିଭାଗର ମନ୍ତ୍ରୀ ରବିନାରାୟଣ ନାଏକ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାନସଭା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ବାସୁଦେବପୁର ବିଧାୟକ ଅଶୋକ ଦାସ, ବିଧାୟକ ସାଗର ଦାସଙ୍କୁ ନିମନ୍ତ୍ରଣ କରାଯାଇଛି ଗଜଲକ୍ଷ୍ମୀ ପୂଜା ଓ ମୁରାସର ଦରବାର ପାଇଁ। ଏହି ନିମନ୍ତ୍ରଣ କାର୍ଯ୍ୟ କ୍ରମରେ କମିଟିର ଉପଦେଷ୍ଟା ପ୍ରେମାନନ୍ଦ ଜଟି, କମିଟିର ସଭାପତି ଲବ କୁମାର ସାହୁ, ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, କୋଷାଧ୍ୟକ୍ଷ ସତ୍ୟ ମୋହନ ବେଦ ପାଣି, ସହ ସମ୍ପାଦକ ବିଦ୍ୟାଧର ଖୁଣ୍ଡିଆ ପ୍ରମୁଖ ସାମିଲ ହୋଇଥିଲେ। ବରିଷ୍ଠ କଳାକାର ଗୋପାଳ ପଣ୍ଡା ଏଗାର ବର୍ଷ ପାଇଁ ମୁରାସୁର ଭାବରେ ଅଭିନୟ କରିବେ। ଏହି ବରଣ କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, ଉପ ସଭାପତି ଅଧ୍ୟାପକ ଧନଞ୍ଜୟ ସାହୁ, କୋଷାଧ୍ୟକ୍ଷ ସତ୍ୟ ମୋହନ ବେଦ ପାଣି, ବଳରାମ ପ୍ରଧାନ, ସନ୍ତୋଷ ସମର୍ଥ, ସନତ ସିଂ, ଆଦିତ୍ୟ ପ୍ରଧାନ, ଉତ୍ତର ନାଏକ, ପଦ୍ମଲୋଚନ ପ୍ରଧାନ ସାମିଲ ହୋଇଥିଲେ।

# ଦୁର୍ଗା ମନ୍ଦିର ନବରାତ୍ରି ପୂଜା ପାଇଁ କଳସ ଶୋଭାଯାତ୍ରା

ବୀରମହାରାଜପୁର,୨୧।୯
(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତ୍ରିବେଣୀ ଛକଠାରେ ଥିବା ଦୁର୍ଗା ମନ୍ଦିରର ନବରାତ୍ରି ପୂଜା ପାଇଁ ରବିବାର ସକାଳ ଆଠଟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଐତିହାସିକ ରଜା ବନ୍ଧ ଠାରୁ ରିତି ନିତି ଅନୁସାରେ ଗଙ୍ଗାମାତାଙ୍କୁ ବରଣ କରିବାପରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ପୁରୁଷ ଏହି କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପାରମ୍ପରିକ ପଞ୍ଚବାଦ୍ୟ ସହିତ ରଜାବନ୍ଧାଠାରୁ



ଦୁର୍ଗା ମନ୍ଦିର ନବରାତ୍ରି ପୂଜା ପାଇଁ କଳସ ଶୋଭାଯାତ୍ରା।

ଜଗନ୍ନାଥ ମନ୍ଦିର ଛକ, ମୁଖ୍ୟ ଛକ, ନନ୍ଦିଘୋଷ ଛକ ଦେଇ ଦୁର୍ଗା ମନ୍ଦିରେ କଳସ ଶୋଭାଯାତ୍ରା ପହଞ୍ଚି ଥିଲା। ଚଳିତ ବର୍ଷ ମୁଖ୍ୟ କର୍ତ୍ତା ଭାବରେ ଇଞ୍ଜିନିୟର୍ ସନ୍ତୋଷ କୁମାର ମିଶ୍ର ଓ ତାଙ୍କ ଧର୍ମପତ୍ନୀ ସୁନିତା ମିଶ୍ର କାର୍ଯ୍ୟ ତୁଲାଉ ଥିବାବେଳେ ପଣ୍ଡିତ ଭାବରେ ମନୋରଞ୍ଜନ ଦାସ ଓ ରଞ୍ଜନ କୁମାର ନନ୍ଦ କାର୍ଯ୍ୟ ନିର୍ବାହ କରୁଛନ୍ତି। ଏହି କଳସ ଶୋଭାଯାତ୍ରାରେ ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ମିଶ୍ର, ସମ୍ପାଦକ ଶ୍ରୀନିବାସ ରଥ, କୋଷାଧ୍ୟକ୍ଷ ଭାଗିରଥି ମେଣ୍ଡିଲି, ଚମ୍ପେଶ୍ୱର ଦାସ, ଖଗେଶ୍ୱର ମେହେର, ସୋମନାଥ ମିଶ୍ର, ତ୍ରିନାଥ ସାହୁଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ କାର୍ଯ୍ୟ କର୍ତ୍ତା ସାମିଲ ହୋଇଥିଲେ। ଶେଷରେ ସମସ୍ତଙ୍କ ପାଇଁ ସାମୋହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାରଠାରୁ ମା'ଙ୍କ ନବରାତ୍ରି ପୂଜା ଅନୁଷ୍ଠିତ ହେବ।

# ଜଗଜ୍ଜନନୀ ମା'ଙ୍କର ଧବଳମୁଖୀ ବେଶ

ବିନିକା,୨୧।୯(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସ ଷ୍ଟାଣ୍ଡ ଦୁର୍ଗା ମନ୍ଦିରଠାରେ ରବିବାର ଜଗତଜନନୀ ମା'ଦୁର୍ଗା ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଦୀର୍ଘ ୫୨ ବର୍ଷ ଧରି ଅସ୍ଥାୟୀ ମଣ୍ଡପରେ ପୂଜା ପାଉଥିବା ଦେବୀ ଦୁର୍ଗାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ପରେ ମନ୍ଦିର କମିଟି ସଭାପତି ସନ୍ତୋଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ କମିଟି କର୍ମକର୍ତ୍ତା, ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁ ଭକ୍ତଙ୍କ ସହଯୋଗରେ ମନ୍ଦିର ପ୍ରତିଷ୍ଠା ପରେ ଦୁର୍ଗା ପୂଜା ୨ୟ ବର୍ଷରେ ପଦାର୍ପଣ କରିଛି। ଏଣିକି ଜଗତ ଜନନୀ ମା'ଦୁର୍ଗାଙ୍କୁ ଦଶଦିନ ଧରି ଦର୍ଶନ କରିବାର ସୌଭାଗ୍ୟ ପାଇବେ। ରବିବାର କଳସ ଶୋଭାଯାତ୍ରା ହୋଇଥିଲା। କଳସ ଧରି ଶୋଭାଯାତ୍ରାକାରି ମନ୍ଦିରକୁ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ପୂଜକ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ଏଥିରେ ମୁଖ୍ୟ ପୂଜକ ଭାବରେ ସୁବାଷ ପଣ୍ଡା, ଦୁର୍ଗା ମନ୍ଦିର ସ୍ଥାୟୀ ପୂଜକ ଦନାର୍ଦ୍ଦନ ଆଚାର୍ଯ୍ୟ ଯୋଗଦେଇଥିଲେ। ମୁଖ୍ୟ ପୂଜା କର୍ତ୍ତା ଭାବରେ ସୁନୀଲ ପାତ୍ର ଓ ତାଙ୍କ ଧର୍ମପତ୍ନୀ ସୁକନ୍ୟା ପାତ୍ର, ସୋନପୁର ଜିଲାପାଳ ନୃପରାଜ ସାହୁ ଓ ତାଙ୍କ ଧର୍ମପତ୍ନୀ ସୁଭ୍ରା ସାହୁ, ସନ୍ତୋଷ ପଣ୍ଡା ଓ ଗୀତାଞ୍ଜଳି ତ୍ରିପାଠୀ, ବୌଦ୍ଧ ଅତିରିକ୍ତ ଜିଲାପାଳ ପ୍ରଭାସ ଦଣ୍ଡ ସେନା ଓ ପ୍ରତିଭା ଦଣ୍ଡସେନା, ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପଧାନ ଓ ସରିତା ରାଣୀ ପଧାନ, ଗରିବ ସଲମା ଓ ରେଖା ପଧାନ, କୃତାର୍ଥ ପୁରୋହିତ ଓ ସସ୍ମିତା ପୁରୋହିତ, ଏନ ଏ ସି ଇଓ ମାନସ ରଞ୍ଜନ ଭୋଇ, ବନ୍ଦନା ଭୋଇ, ଘାସିରାମ ପଣ୍ଡା ଓ ଆଲିମା ପଣ୍ଡା, ଗନ୍ଧର୍ପ ମହାର ଓ ଗୀତାଞ୍ଜଳି କର୍ଣ୍ଣ, ଭୀମସେନ ନାଏକ ଓ ଧୀରା ନାଏକ,ଜୟ ସଙ୍କର ପାଟଯୋଶୀ ଓ ସ୍ୱରୂପା ରାଣୀ ପାଟଯୋଶୀ, ସଞ୍ଜୀବ ପଣ୍ଡା ଓ ସସ୍ମିତା ପଣ୍ଡା, କ୍ଷୀରୋଦ ଚନ୍ଦ୍ର ସାମନ୍ତରାୟ, ଓ ମୌସୁମୀ ରାଣୀ ମିଶ୍ର, ଚନ୍ଦ୍ରଶେଖର ପାଣ୍ଡେ ଓ ଦୂହିତା ପାଣ୍ଡେ, ଘନଶ୍ୟାମ ମେହେର ଓ ତାଙ୍କ ଧର୍ମ ପତ୍ନୀ ସୁଜାତା ମେହେର କର୍ତ୍ତା ରୂପେ କାର୍ଯ୍ୟ ତୁଲାଇଥିଲେ ।


## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR

E-mail : seec.bbsr2010@gmail.com
Bid Identification No.S.E.E.C (R&B) 13/2025-26
No. 3443/Date : 20.09.2025

**No.B-556** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.23.09.2025 at 05.00 P.M. to dt.07.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.08.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0048/2526

## GOVERNMENT OF ODISHA OFFICE OF THE SUPERINTENDING ENGINEER, P.H. DIVISION, SAMBALPUR

No.C-1124

Email ID : eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP-03/2025-26 Dt.18.09.2025

01. Name of the Work : 1 No. Work
02. Type of Bid : Two Bid System
03. Estimated Cost : Rs.281.43 lakhs
04. Period of Completion : 06 (Six) Calendar Months
05. Date & Time of availability of bid document in the portal : From 11.00 A.M. of dt.25.09.2025 to 5.00 P.M. of 14.10.2025
06. Last date / time of receipt of bids in the portal : 5.00 P.M. of 14.10.2025
07. Date & Time of opening of technical bids : At 11.30 A.M. of 15.10.2025
08. Name and Address of the Officer Inviting Bid : Superintending Engineer, P.H. Division, Sambalpur, Brooks Hill, Near Stadium, At/Po-Motijharan, Dist.-Sambalpur-768 001

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Superintending Engineer
P.H. Division, Sambalpur

OIPR-13026/11/0012/2526

## Government of Odisha Office of the Superintending Engineer, Rural Works Division-II, Dhenkanal Kamakhyanagar

No.O-805

E-Mail : rw.kamakhyanagar@yahoo.co.in
e-procurement Notice No. 11 / Building Work / 2025-26

| | | | |
|---|---|---|---|
| 1 | Name of the work | : | Building Work |
| 2 | Total No. of Works | : | 06 (Six) Nos. |
| 3 | Tender Cost | : | Rs.34.84 to 42.83 Lakhs |
| 4 | Class of Contractor | : | "C" & "B" Class |
| 5 | Period of Completion | : | 3 calendar months |
| 6 | Availability of Tender online for bidding | : | 23.09.2025 at 11.00 A.M. to 04.10.2025 up to 5.00 P.M. |
| 7 | Last Date & Time of seeking tender clarification | : | 03.10.2025 upto 4.00 P.M. |
| 8 | Date & Time of opening of Bid | : | 06.10.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer
R.W. Division-II, Dhenkanal
Kamakhyanagar

OIPR-25094/11/0033/2526

## OFFICE OF THE SUPERINTENDING ENGINEER, RWS&S DIVISION, BARGARH

Email : eerwss_bgh@.nic.in, Ph (O) : 06646 233220, FAX : 06646 234626
No.3712 / Dt.16.09.2025
GOVERNMENT OF ODISHA "e" PROCUREMENT NOTICE
Bid Identification No. 03 Dt of 2025-26

**No.O-821** : The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class **'B'** or **'A'** registered with any department of State Government or equivalent class of Central Govt. etc. to be eventually drawn up in G2 Contract Form for the below work as per terms and condition noted below.

1. Name of the work : Execution of Improvement with Retrofitting to Rural Piped Water Supply to Village Bheunria under Padampur Block
2. approx. Estimated cost : **Rs.83.47 lakh**
3. Date and time of availability of document in the portal : **Dt.23.09.2025** to **Dt.13.10.2025** up to 5.00 P.M.
4. Last date/time for receipt of bids in the portal : **Dt.13.10.2025** up to 5.00 P.M.
5. Date & time of Opening of Tender : **Dt.14.10.2025** at 11.00 A.M.
6. Name and address of the Officer Inviting Bid : Superintending Engineer, RWS&S Division, Bargarh, District : Bargarh

Further details can be seen from the e-procurement portal "http//tendersorissa.gov.in". The authority reserves the right to reject any or all the tenders without assigning any reason thereof.

Sd./- Superintending Engineer
RWS&S Division, Bargarh

OIPR-25018/11/0003/2526

## GOVERNMENT OF ODISHA OFFICE OF THE SUPERINTENDING ENGINEER MALKANGIRI (R&B) DIVISION, MALKANGIRI

No.B-548

E-Procurement Notice
Bid Identification No. S.E (R&B)-MLK-15/2025-26
No.5251 Date : 16.09.2025

1. Name of the work : Building Work
2. Total No. of Works : 01 No.
3. Estimated cost : Rs.40.95 Lakhs
4. Period of completion : 03 (Three) months
5. Date & time of availability of bid document in the portal : from 11.00 hrs. of 23.09.2025 to 16.00 hrs. of 09.10.2025
6. Last date / Time for receipt of bids in the Portal : 16.00 hours of 09.10.2025
7. Date of opening of Tender : 11.00 hours of 10.10.2025
8. Name and address of the Officer Inviting Bid : Superintending Engineer Malkangiri (R&B) Division

**Further details can be seen from the e-procurement portal https://tendersorissa.gov.in**

Sd./- Superintending Engineer
Malkangiri (R&B) Division

OIPR-34063/11/0021/2526

## OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH

E-mail ID : eepwddeogarh@gmail.com
INVITATIONS FOR BIDS (IFB)
Letter No. 2561 Dtd. 16.09.2025
No.B-538
Invitation for Bids
Bid Identification No. SE PWD DGR No. 13 of 2025-26

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single & Double cover system in ONLINE MODE only, for Construction of Road Building and Electrical works as detailed below. | | |
| 2. | Nature of work | : | Road, Building and Electrical works |
| 3. | No. of works | : | 03 Nos. |
| 4. | Bid Cost | : | Rs.6000/- & 10000/- |
| 5. | Class of Contractor | : | "B" Class & "H.T" Electrical |
| 6. | Availability of Bid Documents in the website | : | From dt.23.09.2025 to 17:00 hours of dt.08.10.2025 |
| 7. | Date of Opening of Technical Bid | : | Dt.09.10.2025 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : http://www.tendersorissa.gov.in. Any addendum/corrigendum/cancellation of tender can also be seen in the said website only | | |

Sd./- Superintending Engineer
Deogarh (R&B) Division

OIPR-34061/11/0015/2526

## GOVERNMENT OF ODISHA OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR

No.C-1126

E-Mail ID - acephcbam@gmail.com
NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 10/2025-26 Dt.19.09.2025 | 391.31 | 12 (Twelve) Calendar Months | 11.00 Hrs. of 26.09.2025 | 17.30 Hrs. of 16.10.2025 | Chief Engineer, P.H. Circle, Berhampur |

The technical bid shall be opened on dt.18.10.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in

OIPR-13004/11/0026/2526
Sd./- CHIEF ENGINEER (PH)

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER EASTERN CIRCLE-I, CANTONMENT ROAD, CUTTACK

No.A-646

Email id : seeccuttack@gmail.com
'e' Procurement Notice No.ACE, EC-I/04 of 2025-26

| | | | |
|---|---|---|---|
| 1 | Name of Work | : | Improvement to Mahanadi left embankment service road from Mangarajpur to Sankhameri and Tunpur to Mugagahira. **Bid identification No.ACE, EC-I MND 02 of 2025-26** |
| | | : | Improvement of D-7A right bank from Panaspur Medical Chhak to Baujanga village. **Bid identification No.ACE, EC-I MND 03 of 2025-26** |
| | | : | Improvement of D-7A1 right bank service road from Bandareswar chhak to Pallei School and D-6 canal road from RD 00m to 700m. **Bid identification No.ACE, EC-I MND 04 of 2025-26** |
| 2 | Total No. of Works | : | 3 (Three) Nos. works |
| 3 | Tender paper Cost (online) (Non-refundable) | : | Rs.10,000.00 (Ten thousand) for each tender |

4. Bid details are as follows :

| Procurement Officer | Bid Identification No. | Tender Cost (Rs. in Lakh) (Approx.) | EMD (On-line) (in Rs.) | Class of Contractor | Period of Completion | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|---|---|---|---|
| | | | | | | From | To | |
| Additional Chief Engineer, Eastern Circle-I, Cuttack | ACE, EC-I MND 02 of 2025-26 | 235.75 | 2,35,800.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |
| | ACE, EC-I MND 03 of 2025-26 | 167.43 | 1,67,500.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |
| | ACE, EC-I MND 04 of 2025-26 | 237.00 | 2,37,000.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |

All other terms and conditions can be seen from the Govt. website www.tendersodisha.gov.in
All corrigendum / cancellation of tender if any, will only be uploaded in the above website.

Sd./- Additional Chief Engineer
Eastern Circle-I, Cuttack

OIPR-32370/11/0020/2526

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH

No.O-797

AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
No. Tender Online - RWCCESNG - 14 of 2025-26, Letter No. 2190 / Dtd. 16.09.2025
e-Procurement NOTICE

1. Type of the Work : Building, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 14 of 2025-26 | 23.09.2025 11:00 A.M. | 08.10.2025 5:00 P.M. | 06.10.2025 5:00 P.M. | 09.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0070/2526

## OFFICE OF THE SUPERINTENDING ENGINEER (AGRIL.), CENTRAL ZONE, BHUBANESWAR, ODISHA

Phone No. - (0674)-2571075, E-mail ID - secz_bag@gov.in
e-Procurent Notice No - 1970/Agril, Date - 19.09.2025
Bid Identification No. : 10/S.E. (A), C/Z, BBSR/2025-26

**No.L-70** : The Superintending Engineer (Agril.), Central Zone, Satya Nagar, Bhubaneswar, Odisha on behalf of Governor of Odisha, invites percentage rate bids in double cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in" for the work as detailed below (Composite Tender)

1. Name & Type of the work : Civil construction works-RCC framed structure Building Construction of Office Building of EE (Agril), Cuttack Division, District - Cuttack
2. Estimated Cost put to Tender : Rs.9988750.00
3. EMD Amount : Rs.99887.00
4. Bid Cost : Rs.10,000/- as Mentioned in Column - 04
5. Period of completion : 08 (Eight) Calendar Months Mentioned in Column - 07
6. No. of work (Tender) : 01 no.
7. Class of Contractor : 'B' class with valid LT/HT/MV Electrical License as Mentioned in Column - 06
8. Date & Time of availability of bid document in the portal : 22.09.2025 at 10 A.M. to Dt.06.10.2025 at 5.00 P.M.
9. Last date / Time for receipt of bids in the portal : Dt.06.10.2025 at 5.00 P.M.
10. Last Date of submission of documents/Hardcopy : Dt.08.10.2025, 5.00 P.M. (Working days) only
11. Date & time of opening of online bids : Dt.09.10.2025 at 11.30 A.M. & onwards
12. Name and address of the officer inviting Bid : Superintending Engineer (Agril.), Central Zone, Satya Nagar, Bhubaneswar, Odisha-751007

NB : The Bidders have to participate in ONLINE bidding only in the e-Procurement website : https://tendersodisha.gov.in with matching class DSC. Any addendum / Corrigendum / cancellation of tender / other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reason thereof.

Sd./- Superintending Engineer (Agril.)
Central Zone, Bhubaneswar

OIPR-01573/11/0012/2526

ଇସ୍ପାତ ସହର ସେକ୍ଟର-୨ ଦୁର୍ଗାପୂଜା

# ଶୋଭାପାଇବ ଥାଇଲାଣ୍ଡ ବୁଦ୍ଧ ମନ୍ଦିର



ରାଉରକେଲା,୨୧।୯(ସଙ୍ଗୀତା ଜେନା)

ଆସନ୍ତା ଦୁର୍ଗାପୂଜା ପାଇଁ ରାଉରକେଲା ସେକ୍ଟର-୨ସ୍ଥିତ ଦୁର୍ଗାପୂଜା କମିଟି ପକ୍ଷରୁ ଥାଇଲାଣ୍ଡ ବୁଦ୍ଧ ମନ୍ଦିର ଆକୃତିର ତୋରଣ ତିଆରି କରାଯାଉଛି। ଚଳିତ ବର୍ଷ ଏହି ପୂଜା ୬୮ବର୍ଷରେ ପଦାର୍ପଣ କରିଛି। ସେକ୍ଟର-୨ ଏ, ବି, ସି, ଡି ସମେତ ଅନ୍ୟ ବ୍ଲକକୁ ନେଇ ଏହି ପୂଜା ଆୟୋଜନ ହେଉଛି। ପ୍ରାୟ ୨୫ ଲକ୍ଷ ଟଙ୍କା ବଜେଟରେ ୨୨୦ ଫୁଟ୍ ଚଉଡା ଏବଂ ପ୍ରାୟ ୧୫୦ ଫୁଟ୍ ଉଚ୍ଚତା ବିଶିଷ୍ଟ ତୋରଣ କାମ ଚାଲିଛି। ଉକ୍ତ ତୋରଣରେ ପ୍ରାୟ ୫ ହଜାର ମିଟର କପଡ଼ା ବ୍ୟବହୃତ ହେଉଛି। ପ୍ରାୟ ୭ ହଜାର ବାଉଁଶ ଖଣ୍ଡ ଓ ୧ ହଜାର ସିଫ୍ଟ ପ୍ୟାଟର୍ନ ବ୍ୟବହୃତ ହେଉଛି। ଉକ୍ତ ଭବ୍ୟ ତୋରଣରେ ମା'ଙ୍କ ୨୦ ଫୁଟ୍‌ର କ୍ଲସିକାଲ ମୂର୍ତ୍ତି ଶୋଭାପାଇବ। ଯାହାକୁ ମୂର୍ତ୍ତିକାର ବାପି ବିଶ୍ୱାଶୀ ନିର୍ମାଣ କରୁଛନ୍ତି। ସେହିପରି ପୂଜାରେ ଶାନ୍ତିଶୃଙ୍ଖଳା, ସ୍ୱଚ୍ଛତା ପାଇଁ କମିଟି ସଦସ୍ୟମାନେ ପ୍ରୟାସ ଆରମ୍ଭ କରିଛନ୍ତି ଅପରାଧ ନିୟନ୍ତ୍ରଣ କରିବା ପାଇଁ ଏଠାରେ ସିସିଟିଭି, ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯାଉଛି। ସେହିପରି ପେଣ୍ଡାଲର ଚତୁର୍ପାର୍ଶ୍ୱ ୧ କିଲୋମିଟର ପର୍ଯ୍ୟନ୍ତ ଆଲୋକମାଳାରେ ସଜ୍ଜିତ କରାଯାଉଛି। ସାଧାରଣ ସମ୍ପାଦକ ବି. ଏନ୍. ସ୍ୱାଇଁ, ଉପଦେଷ୍ଟା ରଶ୍ମିତ ସାହାଣୀ, ସୁରତ ପଣ୍ଡାଙ୍କ ସମେତ ସଦସ୍ୟମାନେ ପୂଜା ପରିଚାଳନା କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଏମାନେ ଯାହା କୁହନ୍ତି...



ସେକ୍ଟର-୨ ଦୁର୍ଗାପୂଜାର ପ୍ରସିଦ୍ଧି ରହିଛି। ଏହାକୁ କେବଳ ସ୍ଥାନୀୟ ଲୋକ ନୁହଁନ୍ତି ବରଂ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ଦେଖିବାକୁ ଆସିଥାନ୍ତି। ଏଥିରେ ବହୁ ମନୋରଞ୍ଜନ ଭିତ୍ତିକ ସାମଗ୍ରୀ ଆୟୋଜନ ହେଉଛି। ନବ ଦୁର୍ଗାପୂଜା, ସିନ୍ଦୁର ଖେଳ ଏହାର ପ୍ରମୁଖ ଅଂଶ ବିଶେଷ ଅଟେ। ୨୦୨୪ରେ କେନ୍ଦ୍ରୀୟ ପୂଜା କମିଟି ଦ୍ୱାରା ଆମ ମୂର୍ତ୍ତି ପାଇଁ ପ୍ରଥମ ପୁରସ୍କାର ହାସଲ କରିଛି। ସେହିପରି ଲୋକମାନଙ୍କ ପାଇଁ ମନୋରଞ୍ଜନ ବ୍ୟବସ୍ଥା କରାଯାଉଛି। ମୀନାବଜାର ଓ ବିଭିନ୍ନ ପ୍ରକାର ଦୋଳି ଆୟୋଜନ ହେଉଛି। ଶାନ୍ତିଶୃଙ୍ଖଳା ପାଇଁ ସିସିଟିଭି ବ୍ୟବସ୍ଥା କରାଯାଉଛି। ପୋଲିସ ନିୟମ ଅନୁପାଳନ ହେଉଛି ଏବେ ପୂଜା ପେଣ୍ଡାଲ ଓ ମୂର୍ତ୍ତି ନିର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି।

-ଦୁର୍ଗା ଜେନା, ସଭାପତି



ସବୁବର୍ଷ ଭଳି ଚଳିତ ବର୍ଷ ଶାନ୍ତିଶୃଙ୍ଖଳାର ସହ ପୂଜା ହେବ। ସବୁବର୍ଷ ଭଳି କିଛି ନୂଆ ପ୍ରୟାସ କରାଯାଇଛି। ଶାନ୍ତି ଓ ଆଧ୍ୟାତ୍ମିକତାର ମିଳନ ପାଇଁ ଶ୍ୱେତ କପଡ଼ାରେ ବୁଦ୍ଧମନ୍ଦିର ନିର୍ମାଣ କରିବା ପାଇଁ କମିଟି ନିଷ୍ପତ୍ତି ନେଇଥିଲା। ଉକ୍ତ ପୂଜା ଦେଖିବା ପାଇଁ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ। ଏହାର ସୁରକ୍ଷା ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ ଅଟେ। ଲୋକଙ୍କ ମନୋରଞ୍ଜନ ପାଇଁ ଅଧିକ ସଂଖ୍ୟାରେ ଦୋଳି ବ୍ୟବସ୍ଥା କରାଯାଉଛି। ମୀନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଆଗାମୀ ୩ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜା ପରିଚାଳନା ଏବଂ ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ବ୍ୟବସ୍ଥା କରାଯିବ।

-ରଞ୍ଜନ ବାରିକ, କୋଷାଧ୍ୟକ୍ଷ

## ରାସ୍ତାକଡ଼ରୁ ଉଦ୍ଧାର ବୃଦ୍ଧ ମୃତ

ରାଉରକେଲା, ୨୧।୯(ସଙ୍ଗୀତା ଜେନା)

ଛେଣ୍ଡ ଥାନା ଅନ୍ତର୍ଗତ ଭିଏସ୍ଏସ୍ ମାର୍କେଟ ରାସ୍ତାକଡ଼ରୁ ଶନିବାର ସନ୍ଧ୍ୟା ସାଢ଼େ ୮ଟାରେ ଉଦ୍ଧାର ହୋଇଥିବା ଅପରିଚିତ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ଏ ନେଇ ଛେଣ୍ଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ବୃଦ୍ଧ ଭଙ୍ଗା ମାର୍କେଟରେ ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ସୂଚନା ମିଳିବା ପରେ ତାଙ୍କୁ ତୁରନ୍ତ ଆର୍‌ଜିଏଚ୍ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବୟସ ପ୍ରାୟ ୫୫ରୁ ୬୦ ବର୍ଷ ବୋଲି ଅନୁମାନ କରାଯାଉଛି। ମୃତଦେହ ଆର୍‌ଜିଏଚ୍ ମର୍ଗହାଉସରେ ରଖାଯାଇଛି।

## ଫେରାର ବନ୍ଦୀଙ୍କ ମୃତଦେହ ଉଦ୍ଧାର

ରାଉରକେଲା, ୨୧।୯(ସଙ୍ଗୀତା ଜେନା)

ଗତ ୧୭ତାରିଖରେ ରାଉରକେଲା ସ୍ୱତନ୍ତ୍ର ଜେଲରୁ ପାଚେରି ଡେଇଁ ଫେରାର ହୋଇଯାଇଥିବା ବିଚାରାଧୀନ ବନ୍ଦୀ ସୁରେଶ ବାର୍ଲା(୩୦)ଙ୍କ ମୃତଦେହ ଜେଲ ପଛପଟରେ ପ୍ରାୟ ୨୫୦ ମିଟର ଦୂରରେ ଥିବା ଦୁର୍ଗାପୁର ପାହାଡ଼ରୁ ରବିବାର ପୂର୍ବାହ୍ନ ୧୧ଟାରେ ଉଦ୍ଧାର କରାଯାଇଛି। ଶନିବାର ରାତି ପ୍ରାୟ ୧୦ଟାରେ କିଛି ସ୍ଥାନୀୟ ଲୋକ ଦୁର୍ଗାପୁର ପାହାଡ଼ରେ ଏକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ରବିବାର ସକାଳ ୯ଟାରେ ଏସ୍‌ଡିପିଓ ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ରଘୁନାଥପାଲି ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କ ପରିବାର ବର୍ଗ କଲୁଙ୍ଗା ମାରଗଙ୍ଗପିଡ଼ିରୁ ଆସିବା ପରେ ମୃତଦେହ ଚିହ୍ନଟ କରାଯାଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ କରାଇ ଅପରାହ୍ନ ୫ଟାରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ଭାଇ କିଶୋର ବାର୍ଲାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮୧/୨୫) ରୁଜୁ କରିଛି।

### ଜେଲ୍ କର୍ମଚାରୀ ନିଲମ୍ବିତ

ଅପରପକ୍ଷେ, ଏହି ଘଟଣାରେ ଜେଲ୍ କର୍ତ୍ତୃପକ୍ଷ ଜଣେ କର୍ମଚାରୀ ଦୟାନିଧି କିଷାନଙ୍କୁ ନିଲମ୍ବିତ କରିଥିବା ସୂଚନା ମିଳିଛି। ମୃତକଙ୍କ ଭଉଣୀଙ୍କ କହିବା ଅନୁସାରେ, ଗତ ଜୁଲାଇ ମାସରେ ସୁରେଶ ମା'ଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଯୋଗୁ ତାଙ୍କ ବିରୋଧରେ ଆମେ ଥାନାରେ ଅଭିଯୋଗ କରିଥିଲୁ। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରାଉରକେଲା ସ୍ୱତନ୍ତ୍ର ଜେଲରେ ରଖାଯାଇଥିଲା। କେଉଁ ପରିସ୍ଥିତିରେ ସୁରେଶ ଜେଲରୁ ଫେରାର ହୋଇ ମୃତ୍ୟୁମୁଖରେ ପଡ଼ିଲେ ସେ ନେଇ ଯାଞ୍ଚ ହେବା ଜରୁରୀ ବୋଲି ସେ କହିଥିଲେ। ରଘୁନାଥପାଲି ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି, ପ୍ରାଥମିକ ତଦନ୍ତ କରାଯାଇଛି। ସମ୍ଭବତଃ ଏତେ ଉଚ୍ଚତାରୁ ସୁରେଶ ପଡ଼ିବା ଯୋଗୁ କିଛି ଆଘାତପ୍ରାପ୍ତ ହୋଇଥାଇପାରେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସ୍ୱାଇଁ କହିଛନ୍ତି।

# କଳା, ସଂସ୍କୃତି ଆମ ଜାତିର ପରିଚୟ




ଉତ୍ସବରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୧।୯(ଦିନେଶ ମିଶ୍ର)

### ଅଷ୍ଟମ ଚକ୍ରଧାରୀ ମହୋତ୍ସବ

ରାଉରକେଲା ସେକ୍ଟର-୧୯ସ୍ଥିତ ସିଭିକ୍ ସେଣ୍ଟରରେ ରାଉରକେଲାର ନୃତ୍ୟ ଅନୁଷ୍ଠାନ 'କ୍ରିଷ୍ଟମ' ଦ୍ୱାରା ଅଷ୍ଟମ ଚକ୍ରଧାରୀ ନୃତ୍ୟ ମହୋତ୍ସବ-୨୦୨୫ ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତା ନୃତ୍ୟ ଗୁରୁ ନିରଞ୍ଜନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଳା ସଂସ୍କୃତି ହେଉଛି ଆମ ଜାତିର ପରିଚୟ। ଏହାକୁ ବଞ୍ଚାଇ ରଖିବା ପ୍ରତ୍ୟେକ କଳାକାରଙ୍କ ଧର୍ମ ହେବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଡକ୍ଟର ସମର ମୁଦାଲି, ଗୁରୁ ନଳିନୀ ନିହାର ନାୟକ, ସଙ୍ଗୀତ ଗୁରୁ ଶିଳ୍ପୀ ଶରତ ଧଳ, ସମାଜସେବୀ ଲକ୍ଷ୍ମଣନାଥ ଦାସ, ଲେଖକ ପ୍ରଭାକର ପାତ୍ର, ଆର୍‌ଏସ୍‌ପି ପରିଚାଳକ ଜୟନ୍ତ ମହାପାତ୍ର, ବାସୁଦେବ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟଗୁରୁ ଓ ଗବେଷକ ଗୁରୁଶ୍ରୀ ନିରଞ୍ଜନ ରାଉତଙ୍କୁ ଅଷ୍ଟମ ଚକ୍ରଧାରୀ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ରାଜ ଆର୍ଯ୍ୟନ୍ ପଣ୍ଡାଙ୍କ ସହ ହରିହର ମଙ୍ଗଳା ଚରଣ, ଭୁବନେଶ୍ୱର ନୃତ୍ୟ ଏକାଡେମୀର କଳାକାର ଅନିକେତ ପଲ୍ଲବ ନାୟକ, ବିଶ୍ୱରୂପା ଦୀକ୍ଷିତ, ରାଉରକେଲାର ଗୁରୁ ସୁବ୍ରତ କୁମାର ଭୂୟାଁ ଓ ଗୁରୁ ମୃତ୍ୟୁଞ୍ଜୟ ବାସାଙ୍କ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ସମ୍ପାଦିକା ଜ୍ୟୋତିଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥଲେ।

## ଭାଜପା ପକ୍ଷରୁ ସେବା ପକ୍ଷ ପାଳିତ

ରାଉରକେଲା,୨୧।୯(ବିପ୍ଳବ ରଞ୍ଜନ ଦାଶ)

ସେପ୍ଟେମ୍ବର ୨୨ ତାରିଖରୁ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି)ର ସଂଶୋଧିତ ଟିକସ ହାର ଲାଗୁ ହେଉଥିବାରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏହାକୁ ସେବା ପକ୍ଷ ଭାବେ ପାଳନ କରାଯାଉଛି। ଏହି କ୍ରମରେ ରବିବାର ପାନପୋଷ ସାଙ୍ଗଠନିକ ଜିଲ୍ଲା ଭାଜପା ପକ୍ଷରୁ ସେକ୍ଟର-୩ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲା ଭାଜପାର ପୂର୍ବତନ ସଭାନେତ୍ରୀ ଲତିକା ପଟ୍ଟନାୟକ, ସେବାପକ୍ଷ ସଂଯୋଜକ ଶଶାଙ୍କ ଜେନା, କୋଷାଧ୍ୟକ୍ଷ ମନୋଜ ମାହେଶ୍ୱରୀ, ସଂଯୋଜକ ସରୋଜ ଦାସ, ବରିଷ୍ଠ ନେତା ରମେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସେବା ପକ୍ଷ ସଂଯୋଜକ ଜେନା ଜିଏସ୍‌ଟିର ସଂଶୋଧିତ ହାର ୨୨ ତାରିଖରୁ ଲାଗୁ ହେଉଥିବା ବିଷୟରେ ସୂଚନା ଦେବା ପରେ ପୂର୍ବତନ ସଭାନେତ୍ରୀ ପଟ୍ଟନାୟକ ଜିଏସ୍‌ଟିର ନୂତନ ସଂସ୍କରଣ ବିଷୟରେ ସୂଚନା ଦେଇଥିଲେ।

## ଆମ ବଗିଚା ଉଦ୍‌ଘାଟିତ

ରାଉରକେଲା,୨୧।୯(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଉତ୍ପାଦନ, ଯୋଜନା ଏବଂ ନିୟନ୍ତ୍ରଣ ବିଭାଗର ୱେ ବ୍ରିଜ୍ ସେଣ୍ଟ୍ରାଲ ସିଫ୍ଟ ଅଫିସରେ ଏକ ନୂତନ ଭାବେ ବିକଶିତ ଉଦ୍ୟାନ ଆମ ବଗିଚାକୁ ପିପି ଏଣ୍ଡ ସି ବିଭାଗର ସିଜିଏମ୍ ସୁନୀତା ସିଂହ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପିପି ଏଣ୍ଡ ସି ବିଭାଗର ଜିଏମ ସିଦ୍ଧାର୍ଥ ଆଚାର୍ଯ୍ୟ, ନୀଳାମ୍ବର ମହାଳିକ, ଅନ୍ୟ ବରିଷ୍ଠ ଅଧିକାରୀ ତଥା ପିପି ଏଣ୍ଡ ସି ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ସୁନୀତା ସିଂହ ଚାରାରୋପଣ କରିଥିଲେ। ଏହିପଦକ୍ଷେପ ଅଧୀନରେ ପରିସର ମଧ୍ୟରେ ଫୁଲଗଛ ଏବଂ ବିଭିନ୍ନ ଅଳଙ୍କାରିତ ଗଛ ରୋପଣ ମାଧ୍ୟମରେ ବଗିଚାର ସବୁଜିମା ବୃଦ୍ଧି କରାଯାଇଛି । ଏହାସହିତ ଏକ ନୂତନ ଗେଟ୍ ସ୍ଥାପନ କରାଯାଇଛି।

# ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ



ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ ହେଉଛନ୍ତି।

ରାଉରକେଲା,୨୧।୯ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସମାଗମ ସମ୍ମିଳନୀ ହଲରେ ସେଲ୍ ସାବାସ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ୨୩ଜଣ କର୍ମଚାରୀଙ୍କୁ ସେମାନଙ୍କ ଅନୁକରଣୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଉପଯୋଗିତା ଓ ପରିବେଶ ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କାର୍ମିକମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉତ୍ସବରେ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ପି. ସି. ଦାଶ, ଜଳ ପ୍ରବନ୍ଧନ ବିଭାଗର ଜିଏମ୍ ଅଜିତ ବେହେରା, ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍.ଏସ୍. ସାଇନି ଏବଂ ପ୍ଲାଣ୍ଟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମହାପାତ୍ର ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତ୍ୟେକ କ୍ଷୁଦ୍ର ଅଭିନବ ଅବଦାନ ଉଚ୍ଚ ଉତ୍ପାଦକତା ହାସଲ, ସୁରକ୍ଷାରେ ଉନ୍ନତି ଏବଂ ସାମଗ୍ରିକ କାର୍ଯ୍ୟକ୍ଷମ ଉତ୍କର୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଉଲ୍ଲେଖ କରିଥିଲେ। ଉଲ୍ଲେଖନୀୟ, ପ୍ରୋପେନ ପ୍ଲାଣ୍ଟ, ଜଳ ପ୍ରବନ୍ଧନ, ଅକ୍ସିଜେନ ପ୍ଲାଣ୍ଟ ଏବଂ ପରିବେଶ ଇଞ୍ଜିନିୟରିଂ ଭଳି ବିଭିନ୍ନ କ୍ଷେତ୍ରରେ କର୍ମଚାରୀଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସ୍ୱରୂପ ପୁରସ୍କାର ପ୍ରଦାନ କରାଯାଇଥିଲା। ଜଳ ପ୍ରବନ୍ଧନ ବିଭାଗର ଜୁନିୟର ଇଞ୍ଜିନିଅର ସଦାଶିବ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

Bid Identification No.S.E.E.C (R&B) 13/2025-26

No. 3443/Date : 20.09.2025

No.B-556 : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.23.09.2025 at 05.00 P.M. to dt.07.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.08.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0048/2526

**GOVERNMENT OF ODISHA** No.C-1124
**OFFICE OF THE SUPERINTENDING ENGINEER, P.H. DIVISION, SAMBALPUR**

Email ID : eephdsbp@gmail.com

NOTICE INVITING TENDERS

NATIONAL COMPETITIVE BIDDING THROUGH e-Procurement

Bid Identification No. SEPHSBP-03/2025-26 Dt.18.09.2025

01. Name of the Work : 1 No. Work
02. Type of Bid : Two Bid System
03. Estimated Cost : Rs.281.43 lakhs
04. Period of Completion : 06 (Six) Calendar Months
05. Date & Time of availability of bid document in the portal : From 11.00 A.M. of dt.25.09.2025 to 5.00 P.M. of 14.10.2025
06. Last date / time of receipt of bids in the portal : 5.00 P.M. of 14.10.2025
07. Date & Time of opening of technical bids : At 11.30 A.M. of 15.10.2025
08. Name and Address of the Officer Inviting Bid : Superintending Engineer, P.H. Division, Sambalpur, Brooks Hill, Near Stadium, At/Po-Motijharan, Dist.-Sambalpur-768 001

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Superintending Engineer
P.H. Division, Sambalpur

OIPR-13026/11/0012/2526

**Government of Odisha**
**Office of the Superintending Engineer, Rural Works Division-II, Dhenkanal Kamakhyanagar**

No.O-805

E-Mail : rw.kamakhyanagar@yahoo.co.in

e-procurement Notice No. 11 / Building Work / 2025-26

| | | | |
|---|---|---|---|
| 1 | Name of the work | : | Building Work |
| 2 | Total No. of Works | : | 06 (Six) Nos. |
| 3 | Tender Cost | : | Rs.34.84 to 42.83 Lakhs |
| 4 | Class of Contractor | : | "C" & "B" Class |
| 5 | Period of Completion | : | 3 calendar months |
| 6 | Availability of Tender online for bidding | : | 23.09.2025 at 11.00 A.M. to 04.10.2025 up to 5.00 P.M. |
| 7 | Last Date & Time of seeking tender clarification | : | 03.10.2025 upto 4.00 P.M. |
| 8 | Date & Time of opening of Bid | : | 06.10.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer
R.W. Division-II, Dhenkanal Kamakhyanagar

OIPR-25094/11/0033/2526

**OFFICE OF THE SUPERINTENDING ENGINEER, RWS&S DIVISION, BARGARH**

Email : eerwss_bgh@.nic.in, Ph (O) : 06646 233220, FAX : 06646 234626

No.3712 / Dt.16.09.2025

GOVERNMENT OF ODISHA "e" PROCUREMENT NOTICE

Bid Identification No. 03 Dt of 2025-26

No.O-821 : The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'B' or 'A' registered with any department of State Government or equivalent class of Central Govt. etc. to be eventually drawn up in G2 Contract Form for the below work as per terms and condition noted below.

1. Name of the work : Execution of Improvement with Retrofitting to Rural Piped Water Supply to Village Bheunria under Padampur Block
2. approx. Estimated cost : Rs.83.47 lakh
3. Date and time of availability of document in the portal : Dt.23.09.2025 to Dt.13.10.2025 up to 5.00 P.M.
4. Last date/time for receipt of bids in the portal : Dt.13.10.2025 up to 5.00 P.M.
5. Date & time of Opening of Tender : Dt.14.10.2025 at 11.00 A.M.
6. Name and address of the Officer Inviting Bid : Superintending Engineer, RWS&S Division, Bargarh, District : Bargarh

Further details can be seen from the e-procurement portal "http//tendersorissa.gov.in". The authority reserves the right to reject any or all the tenders without assigning any reason thereof.

Sd./- Superintending Engineer
RWS&S Division, Bargarh

OIPR-25018/11/0003/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MALKANGIRI (R&B) DIVISION, MALKANGIRI**

No.B-548

E-Procurement Notice

Bid Identification No. S.E (R&B)-MLK-15/2025-26

No.5251 Date : 16.09.2025

1. Name of the work : Building Work
2. Total No. of Works : 01 No.
3. Estimated cost : Rs.40.95 Lakhs
4. Period of completion : 03 (Three) months
5. Date & time of availability of bid document in the portal : from 11.00 hrs. of 23.09.2025 to 16.00 hrs. of 09.10.2025
6. Last date / Time for receipt of bids in the Portal : 16.00 hours of 09.10.2025
7. Date of opening of Tender : 11.00 hours of 10.10.2025
8. Name and address of the Officer Inviting Bid : Superintending Engineer Malkangiri (R&B) Division

Further details can be seen from the e-procurement portal https://tendersorissa.gov.in

Sd./- Superintending Engineer
Malkangiri (R&B) Division

OIPR-34063/11/0021/2526

**OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH**

E-mail ID : eepwddeogarh@gmail.com

INVITATIONS FOR BIDS (IFB)

Letter No. 2561 Dtd. 16.09.2025

No.B-538

Invitation for Bids

Bid Identification No. SE PWD DGR No. 13 of 2025-26

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single & Double cover system in ONLINE MODE only, for Construction of Road Building and Electrical works as detailed below. | | |
| 2. | Nature of work | : | Road, Building and Electrical works |
| 3. | No. of works | : | 03 Nos. |
| 4. | Bid Cost | : | Rs.6000/- & 10000/- |
| 5. | Class of Contractor | : | "B" Class & "H.T" Electrical |
| 6. | Availability of Bid Documents in the website | : | From dt.23.09.2025 to 17:00 hours of dt.08.10.2025 |
| 7. | Date of Opening of Technical Bid | : | Dt.09.10.2025 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : http://www.tendersorissa.gov.in. Any addendum/corrigendum/cancellation of tender can also be seen in the said website only | | |

Sd./- Superintending Engineer
Deogarh (R&B) Division

OIPR-34061/11/0015/2526

**GOVERNMENT OF ODISHA** No.C-1126
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**

E-Mail ID - acephcbam@gmail.com

NATIONAL COMPETITIVE BIDDING THROUGH e-Procurement

Invitation For Bids (IFB)

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 10/2025-26 Dt.19.09.2025 | 391.31 | 12 (Twelve) Calendar Months | 11.00 Hrs. of 26.09.2025 | 17.30 Hrs. of 16.10.2025 | Chief Engineer, P.H. Circle, Berhampur |

The technical bid shall be opened on dt.18.10.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in

OIPR-13004/11/0026/2526 Sd./- CHIEF ENGINEER (PH)

**OFFICE OF THE SUPERINTENDING ENGINEER (AGRIL.), CENTRAL ZONE, BHUBANESWAR, ODISHA**

Phone No. - (0674)-2571075, E-mail ID - secz_bag@gov.in

e-Procurent Notice No - 1970/Agril, Date - 19.09.2025

Bid Identification No. : 10/S.E. (A), C/Z, BBSR/2025-26

No.L-70 : The Superintending Engineer (Agril.), Central Zone, Satya Nagar, Bhubaneswar, Odisha on behalf of Governor of Odisha, invites percentage rate bids in double cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in" for the work as detailed below (Composite Tender)

1. Name & Type of the work : Civil construction works-RCC framed structure Building Construction of Office Building of EE (Agril), Cuttack Division, District - Cuttack
2. Estimated Cost put to Tender : Rs.9988750.00
3. EMD Amount : Rs.99887.00
4. Bid Cost : Rs.10,000/- as Mentioned in Column - 04
5. Period of completion : 08 (Eight) Calendar Months Mentioned in Column - 07
6. No. of work (Tender) : 01 no.
7. Class of Contractor : 'B' class with valid LT/HT/MV Electrical License as Mentioned in Column - 06
8. Date & Time of availability of bid document in the portal : 22.09.2025 at 10 A.M. to Dt.06.10.2025 at 5.00 P.M.
9. Last date / Time for receipt of bids in the portal : Dt.06.10.2025 at 5.00 P.M.
10. Last Date of submission of documents/Hardcopy : Dt.08.10.2025, 5.00 P.M. (Working days) only
11. Date & time of opening of online bids : Dt.09.10.2025 at 11.30 A.M. & onwards
12. Name and address of the officer inviting Bid : Superintending Engineer (Agril.), Central Zone, Satya Nagar, Bhubaneswar, Odisha-751007

NB : The Bidders have to participate in ONLINE bidding only in the e-Procurement website : https://tendersodisha.gov.in with matching class DSC. Any addendum / Corrigendum / cancellation of tender / other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reason thereof.

Sd./- Superintending Engineer (Agril.)
Central Zone, Bhubaneswar

OIPR-01573/11/0012/2526

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**EASTERN CIRCLE-I, CANTONMENT ROAD, CUTTACK**

No.A-646

Email id : seeccuttack@gmail.com

'e' Procurement Notice No.ACE, EC-I/04 of 2025-26

| | | | |
|---|---|---|---|
| 1 | Name of Work | : | Improvement to Mahanadi left embankment service road from Mangarajpur to Sankhameri and Tunpur to Mugagahira. **Bid identification No.ACE, EC-I MND 02 of 2025-26** |
| | | : | Improvement of D-7A right bank from Panaspur Medical Chhak to Baujanga village. **Bid identification No.ACE, EC-I MND 03 of 2025-26** |
| | | : | Improvement of D-7A1 right bank service road from Bandareswar chhak to Pallei School and D-6 canal road from RD 00m to 700m. **Bid identification No.ACE, EC-I MND 04 of 2025-26** |
| 2 | Total No. of Works | : | 3 (Three) Nos. works |
| 3 | Tender paper Cost (online) (Non-refundable) | : | Rs.10,000.00 (Ten thousand) for each tender |

4. Bid details are as follows :

| Procurement Officer | Bid Identification No. | Tender Cost (Rs. in Lakh) (Approx.) | EMD (On-line) (in Rs.) | Class of Contractor | Period of Completion | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|---|---|---|---|
| | | | | | | From | To | |
| Additional Chief Engineer, Eastern Circle-I, Cuttack | ACE, EC-I MND 02 of 2025-26 | 235.75 | 2,35,800.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |
| | ACE, EC-I MND 03 of 2025-26 | 167.43 | 1,67,500.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |
| | ACE, EC-I MND 04 of 2025-26 | 237.00 | 2,37,000.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |

All other terms and conditions can be seen from the Govt. website www.tendersodisha.gov.in
All corrigendum / cancellation of tender if any, will only be uploaded in the above website.

Sd./- Additional Chief Engineer
Eastern Circle-I, Cuttack

OIPR-32370/11/0020/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**

No.O-797

AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

No. Tender Online - RWCCESNG - 14 of 2025-26, Letter No. 2190 / Dtd. 16.09.2025

e-Procurement NOTICE

1. Type of the Work : Building, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 14 of 2025-26 | 23.09.2025 11:00 A.M. | 08.10.2025 5:00 P.M. | 06.10.2025 5:00 P.M. | 09.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0070/2526

# ଟ୍ରକ୍ ଧକ୍କାରେ ୫ ଗୋରୁ ମୃତ: ରାସ୍ତାରୋକୋ



କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଛନ୍ତି।

ଦେବଗଡ଼,୨୧।୯(ଶଶାଙ୍କ ଶେଖର ଖାଙ୍କର) ୪୯ ନମ୍ବର ଜାତୀୟ ରାଜପଥର ବାରକୋଟ ଥାନା ଅନ୍ତର୍ଗତ ଠିଆନାଳ ନିକଟରେ ରବିବାର ଏକ ମାଲ୍‌ବୋଝେଇ ଟ୍ରକ୍ ଧକ୍କାରେ ୫ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ରାସ୍ତାରୋକୋ କରାଯାଇଥିଲା। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟାରେ ଟ୍ରକ୍ଟି ଦ୍ରୁତଗତିରେ ଆସି ଗୋରୁମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୫ଟି ଗୋରୁଙ୍କ ମୃତ୍ୟୁ ଘଟିଥିବାବେଳେ ଏକାଧିକ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଚାଳକ ଟ୍ରକ୍ ଛାଡି ଦୌଡି ପଳାଇଥିବାବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଗୋରୁଙ୍କ ମାଲିକମାନଙ୍କୁ କ୍ଷତିପୂରଣ ପ୍ରଦାନ ଓ ଦୁର୍ଘଟଣା ଘଟାଇଥିବା ଚାଳକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ତ୍ୟକ୍ତ ଲୋକେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଖବରପାଇ ବାରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସନ୍ଧ୍ୟା ପ୍ରାୟ ୬ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଛତିଶଗଡ଼ରେ ନୂଆଁଖାଇ ଭେଟ୍‌ଘାଟ୍

ଲଖନପୁର,୨୧।୯(ଗୌତମ ସାହୁ) ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ କିଛିଦିନ ତଳେ ନୂଆଁଖାଇ ପର୍ବ ପାଳିତ ହୋଇଥିବାବେଳେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ରାଇଗଡ଼ ଜିଲା ଲୋଇଙ୍ଗ ପଞ୍ଚାୟତ ଅନ୍ତର୍ଗତ ଭୋଜପଲ୍ଲୀ ଗ୍ରାମରେ ରବିବାର ୯ ଘଣ୍ଟିଆ ତେଲକୀ ଖଡ଼ିଆ ଜାତି ପକ୍ଷରୁ ଆନ୍ତଃରାଜ୍ୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ରାଜ୍ୟର ଖରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ରାଇଗଡ଼, ଯଶପୁର, କୋରବା, ମହାସମୁନ୍ଦ, ସାରଙ୍ଗଗଡ଼, ବିଲାଇଗଡ଼ ଯାଜଗିର ଜିଲାର ଶତାଧିକ ଜନସାଧାରଣ ଯୋଗଦେଇଥିଲେ। ପ୍ରାରମ୍ଭରେ ଖଡ଼ିଆ ଜାତିର ଇଷ୍ଟଦେବ ସୂର୍ଯ୍ୟଦେବତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଭୋଜପଲ୍ଲୀ ଗ୍ରାମ ଖଡ଼ିଆ ଜାତି ସଭାପତି ଘୁରୋଲ ଖଡ଼ିଆଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଆୟୋଜିତ ସଭାରେ ଉପସ୍ଥିତ ନେତୃବୃନ୍ଦ କିଭଳି ଭାବରେ ସମାଜକୁ ମଦମୁକ୍ତ କରିବା, ଶିକ୍ଷା ପ୍ରତି ଆଗାମୀ ପିଢ଼ିକୁ ଆଗ୍ରହୀ କରିବା ସହିତ ଶିକ୍ଷିତ ସମାଜ ଗଠନ କରିବା, ଅନ୍ଧବିଶ୍ୱାସରୁ ସମାଜକୁ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ରୁଡ଼ିବା ଗ୍ରାମର ସୁଶୀଲ କୁମାର ମାଝୀ, ରାଇଗଡ଼ ଜିଲା ସଭାପତି ଭୋଗଚିଁ ମାଝୀ ଆବାହକ ଥିବାବେଳେ ଉପସ୍ଥିତ ବିଭିନ୍ନ ଜିଲାର ଦେବଶଙ୍କର ସିଦାର, କାଲୋୟା ଖଡ଼ିଆ, ଈଶ୍ୱର ବାଗେ, ତେଜ୍ରରାମ ନାୟକ, ମଦନରାମ ନାୟକ, ଗଜେନ୍ଦ୍ର ବାଗେ, କଂସରାମ ପ୍ରଜା, କଷ୍ଟ ବାଗ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ମଞ୍ଚରେ ଉପସ୍ଥିତ ଅତିଥିବୃନ୍ଦ।

# ସେବା ପକ୍ଷ ପାଳନ ଅବସରରେ ମାରାଥନ୍



ଅତିଥିମାନେ ପତାକା ଦେଖାଇ ମାରାଥନକୁ ଶୁଭାରମ୍ଭ କରୁଛନ୍ତି।

ଦେବଗଡ଼,୨୧।୯(ଶଶାଙ୍କ ଶେଖର ଖାଙ୍କର) ସାମୂହିକ ପ୍ରୟାସରେ ନିଶାମୁକ୍ତ ଭାରତ ଗଠନର ପରିକଳ୍ପନାକୁ ସାକାର କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେବା ପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନର କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଜନସାଧାରଣଙ୍କ ମଧ୍ୟରେ ନିଶା ନିବାରଣ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରବିବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ମାରାଥନ୍ ବାହାରିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚପରଦାର୍, ଉପଜିଲାପାଳ ପରକ୍ଷିତ ସାହୁ ଯୋଗଦେଇ ପତାକା ଦେଖାଇ ମାରାଥନ୍ ଶୁଭାରମ୍ଭ କରିଥିଲେ। ଏହି ମାରାଥନ୍ ସହର ପରିକ୍ରମା କରି ଇନଡୋର ଷ୍ଟାଡିୟମଠାରେ ପହଞ୍ଚିଥିଲା। ଏଥିରେ ଜିଲା କ୍ରୀଡ଼ା ଅଧିକାରୀ ତଥା ସହକାରୀ ଜିଲାପାଳ ତାପସ କୁମାର ମହନ୍ତ, ସହକାରୀ ଜିଲାପାଳ ଈଶ୍ୱର ଗୁରୁ, ହେମନ୍ତ ସିଂ, ତହସିଲଦାର କର୍ଣ୍ଣ ମଲ୍ଲିକ, ଅବକାରୀ ଅଧୀକ୍ଷକ ବାସନ୍ତୀପ୍ରଭା ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଦେବଗଡ଼ କଲେଜର ଏନ୍‌ସିସି ଛାତ୍ରଛାତ୍ରୀ, ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, କ୍ରୀଡ଼ା ଶିକ୍ଷକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଜିଲା ଭାଜପା କାର୍ଯ୍ୟାଳୟରେ ରକ୍ତଦାନ ଶିବିର

ଝାରସୁଗୁଡ଼ା,୨୧।୯(ଆଶିଷ ରଞ୍ଜନ ଦାଶ) ସେବା ପକ୍ଷ ଅବସରରେ ଝାରସୁଗୁଡ଼ା ଜିଲା ଭାଜପା କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ଶିବିରରେ ୧୭୫ ଜଣ ରକ୍ତଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଥିଲେ, ରକ୍ତଦାନ ହେଉଛି ସର୍ବୋତ୍କୃଷ୍ଟ ମାନବିକ ସେବା। ଏହା ମାଧ୍ୟମରେ ଅନେକ ଜୀବନ ରକ୍ଷାପାଇପାରିବ। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ଭାଜପା ନେତା ପ୍ରମୋଦ ସେନାପତି, ଗୋପାଳ ପଟେଲ, ଜିଲା ବାର୍ ଆସୋସିଏଶନ ଅଧକ୍ଷ ତ୍ରିନାଥ ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ।

# ଚକ୍ଷୁ ପରୀକ୍ଷା ଶିବିର

କୋଲାବିରା,୨୧।୯(ଦିବ୍ୟ କୁମାର ବହିଦାର) କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ ଏବଂ ଝାରସୁଗୁଡ଼ା ଓ୍ୱିଲାଚନ ନେତ୍ରାଳୟର ମିଳିତ ଉଦ୍ୟମରେ ରବିବାର କୋଲାବିରା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୦ ଜଣଙ୍କ ନାମ ପଞ୍ଜୀକରଣ ହୋଇଥିଲା। ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ଅସ୍ତ୍ରୋପଚାର ପାଇଁ ସେମାନଙ୍କୁ ସମ୍ବଲପୁର ନିଆଯିବ। ଏହାସହ ୫୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଅତିଥି ଭାବେ ସଂସଦର ସଭାପତି ଶୋଭାଚନ୍ଦ୍ର ନାୟକ, ମୁଖ୍ୟ ସମ୍ପାଦକ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, ମନୋରଞ୍ଜନ କଣ୍ଡ, ରୂପାନନ୍ଦ ଜୟପୁରିଆ, ଅଶୋକ କୁମାର ବେହେରା ଯୋଗଦେଇଥିଲେ। ସଂସଦର ସମ୍ପାଦକ କାର୍ତ୍ତିକେନ୍ଦ୍ର ବହିଦାର, ଲଳିନ୍ଦ୍ର ଗୋଗଣା, ସମୀର କୁମାର ପଟେଲ ପ୍ରମୁଖ ସହଯୋଗ କରିଥିଲେ।

# ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉ

ଦେବଗଡ଼,୨୧।୯(ଶଶାଙ୍କ ଶେଖର ଖାଙ୍କର) ଦେବଗଡ଼ ଜିଲା ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଜିଲା ନାଗରିକ କମିଟି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଛି। ସ୍ଥାନୀୟ ସେବକ ଙ୍ଘର କଲ୍ୟାଣ ପ୍ରାଙ୍ଗଣରେ ଜିଲା ନାଗରିକ କମିଟି ସଭାପତି ସୁଶୀଲ କୁମାର କପରଦାରଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କମିଟିଓ ବ୍ୟକ୍ତିଙ୍କ ଦାବି ଅନୁଯାୟୀ ରାଜ୍ୟ ସରକାର ଉକ୍ତ ହସ୍ପିଟାଲରେ ଆସନ୍ତା ଏକମାସ ମଧ୍ୟରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୧ ମାସ ବିତିଯାଇଥିଲେ ମଧ୍ୟ ସରକାର ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜ୍ୟ ସରକାର ନିଜ ପ୍ରତିଶ୍ରୁତି ଅନୁଯାୟୀ ଆସନ୍ତା ୧୦ ଦିନ ମଧ୍ୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଦାବି କରାଯାଇଛି। ଏହାବ୍ୟତୀତ ଦେବଗଡ଼ ସହର ଓ ତିଲେଇବଣି ବ୍ଲକ ନିମନ୍ତେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି। ଦେବଗଡ଼ ନଗରପାଳିକା ୧୧ଟି ୱାର୍ଡ ମଧ୍ୟରେ ୧୨ଟି ମହିଳାକୁ ସାମିଲ ରହିଛି ଏଣୁ ବଣ୍ଟାଜିଲିଆ, କଳଶ୍ରା ଓ ଟାଙ୍ଗସର ପଞ୍ଚାୟତର ୧୩ଟି ଗ୍ରାମକୁ ଦେବଗଡ଼ ନଗରପାଳିକାରେ ସାମିଲ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ରିଆମାଳ ଓ ବାରକୋଟ ବ୍ଲକକୁ ପୁନର୍ଗଠନ କରି ଆଉ ଦୁଇଟି ବ୍ଲକ ଗଠନ ପାଇଁ ପ୍ରସ୍ତାବ ଦିଆଯିବ। ଦେବଗଡ଼ ଜିଲାର ଉନ୍ନତି ପାଇଁ ଆଉ ଅଧିକ ପ୍ରସ୍ତାବ ଗୃହୀତ ହୋଇଛି। ଏହି ବୈଠକରେ ପ୍ରଫୁଲ୍ଲ ନାୟକ, ମଞ୍ଜୁଳ ନାୟକ, ଦିଲେଶ୍ୱର ନନ୍ଦ, ସୁଧୀର କପରଦାର, ନରୁତ୍ତମ ସାହୁ, ପ୍ରମୋଦ ମିଶ୍ର, ସୁଶାନ୍ତ ନନ୍ଦ, ମାନସ ତ୍ରିବେଦୀ, ସନ୍ତୋଷ ମହାପାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR

E-mail : seec.bbsr2010@gmail.com
Bid Identification No.S.E.E.C (R&B) 13/2025-26
No. 3443/Date : 20.09.2025

No.B-556 : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https:// tendersorissa.gov.in. The details of bid documents will be available in the above website from dt.23.09.2025 at 05.00 P.M. to dt.07.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.08.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0048/2526

## GOVERNMENT OF ODISHA OFFICE OF THE SUPERINTENDING ENGINEER, P.H. DIVISION, SAMBALPUR

No.C-1124
Email ID : eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP-03/2025-26 Dt.18.09.2025

| | | |
|---|---|---|
| 01. | Name of the Work | 1 No. Work |
| 02. | Type of Bid | Two Bid System |
| 03. | Estimated Cost | Rs.281.43 lakhs |
| 04. | Period of Completion | 06 (Six) Calendar Months |
| 05. | Date & Time of availability of bid document in the portal | From 11.00 A.M. of dt.25.09.2025 to 5.00 P.M. of 14.10.2025 |
| 06. | Last date / time of receipt of bids in the portal | 5.00 P.M. of 14.10.2025 |
| 07. | Date & Time of opening of technical bids | At 11.30 A.M. of 15.10.2025 |
| 08. | Name and Address of the Officer Inviting Bid | Superintending Engineer, P.H. Division, Sambalpur, Brooks Hill, Near Stadium, At/Po-Motijharan, Dist.-Sambalpur-768 001 |

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Superintending Engineer
P.H. Division, Sambalpur

OIPR-13026/11/0012/2526

## Government of Odisha Office of the Superintending Engineer, Rural Works Division-II, Dhenkanal Kamakhyanagar

No.O-805
E-Mail : rw.kamakhyanagar@yahoo.co.in
e-procurement Notice No. 11 / Building Work / 2025-26

| | | |
|---|---|---|
| 1 | Name of the work | Building Work |
| 2 | Total No. of Works | 06 (Six) Nos. |
| 3 | Tender Cost | Rs.34.84 to 42.83 Lakhs |
| 4 | Class of Contractor | "C" & "B" Class |
| 5 | Period of Completion | 3 calendar months |
| 6 | Availability of Tender online for bidding | 23.09.2025 at 11.00 A.M. to 04.10.2025 up to 5.00 P.M. |
| 7 | Last Date & Time of seeking tender clarification | 03.10.2025 up to 4.00 P.M. |
| 8 | Date & Time of opening of Bid | 06.10.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer
R.W. Division-II, Dhenkanal Kamakhyanagar

OIPR-25094/11/0033/2526

## OFFICE OF THE SUPERINTENDING ENGINEER, RWS&S DIVISION, BARGARH

Email : eerwss_bgh@nic.in, Ph (O) : 06646 233220, FAX : 06646 234626
No.3712 / Dt.16.09.2025
GOVERNMENT OF ODISHA "e" PROCUREMENT NOTICE
Bid Identification No. 03 Dt of 2025-26

No.O-821 : The Superintending Engineer, RWSS Division, Bargarh on behalf of the Governor of Odisha invites tenders from the valid licensed holder contractors of class 'B' or 'A' registered with any department of State Government or equivalent class of Central Govt. etc. to be eventually drawn up in G2 Contract Form for the below work as per terms and condition noted below.

| | | |
|---|---|---|
| 1. | Name of the work | Execution of Improvement with Retrofitting to Rural Piped Water Supply to Village Bheunria under Padampur Block |
| 2. | approx. Estimated cost | Rs.83.47 lakh |
| 3. | Date and time of availability of document in the portal | Dt.23.09.2025 to Dt.13.10.2025 up to 5.00 P.M. |
| 4. | Last date/time for receipt of bids in the portal | Dt.13.10.2025 up to 5.00 P.M. |
| 5. | Date & time of Opening of Tender | Dt.14.10.2025 at 11.00 A.M. |
| 6. | Name and address of the Officer Inviting Bid | Superintending Engineer, RWS&S Division, Bargarh, District : Bargarh |

Further details can be seen from the e-procurement portal "http://tendersorissa.gov.in". The authority reserves the right to reject any or all the tenders without assigning any reason thereof.

Sd./- Superintending Engineer
RWS&S Division, Bargarh

OIPR-25018/11/0003/2526

## GOVERNMENT OF ODISHA OFFICE OF THE SUPERINTENDING ENGINEER MALKANGIRI (R&B) DIVISION, MALKANGIRI

E-Procurement Notice
Bid Identification No. S.E (R&B)-MLK-15/2025-26
No.B-548
No.5251 Date : 16.09.2025

| | | |
|---|---|---|
| 1. | Name of the work | Building Work |
| 2. | Total No. of Works | 01 No. |
| 3. | Estimated cost | Rs.40.95 Lakhs |
| 4. | Period of completion | 03 (Three) months |
| 5. | Date & time of availability of bid document in the portal | from 11.00 hrs. of 23.09.2025 to 16.00 hrs. of 09.10.2025 |
| 6. | Last date / Time for receipt of bids in the Portal | 16.00 hours of 09.10.2025 |
| 7. | Date of opening of Tender | 11.00 hours of 10.10.2025 |
| 8. | Name and address of the Officer Inviting Bid | Superintending Engineer Malkangiri (R&B) Division |

Further details can be seen from the e-procurement portal https://tendersorissa.gov.in

Sd./- Superintending Engineer
Malkangiri (R&B) Division

OIPR-34063/11/0021/2526

## OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH

E-mail ID : eepwddeogarh@gmail.com
INVITATIONS FOR BIDS (IFB)
Letter No. 2561 Dt. 16.09.2025
No.B-538
Invitation for Bids
Bid Identification No. SE PWD DGR No. 13 of 2025-26

| | | |
|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single & Double cover system in ONLINE MODE only, for Construction of Road Building and Electrical works as detailed below. | |
| 2. | Nature of work | Road, Building and Electrical works |
| 3. | No. of works | 03 Nos. |
| 4. | Bid Cost | Rs.6000/- & 10000/- |
| 5. | Class of Contractor | "B" Class & "H.T" Electrical |
| 6. | Availability of Bid Documents in the website | From dt.23.09.2025 to 17:00 hours of dt.08.10.2025 |
| 7. | Date of Opening of Technical Bid | Dt.09.10.2025 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : http://www.tendersorissa.gov.in. Any addendum/corrigendum/cancellation of tender can also be seen in the said website only. | |

Sd./- Superintending Engineer
Deogarh (R&B) Division

OIPR-34061/11/0015/2526

## GOVERNMENT OF ODISHA OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR

No.C-1126
E-Mail ID - acephcbam@gmail.com
NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 10/2025-26 Dt.19.09.2025 | 391.31 | 12 (Twelve) Calendar Months | 11.00 Hrs. of 26.09.2025 | 17.30 Hrs. of 16.10.2025 | Chief Engineer, P.H. Circle, Berhampur |

The technical bid shall be opened on dt.18.10.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in.

OIPR-13004/11/0026/2526
Sd./- CHIEF ENGINEER (PH)

## OFFICE OF THE SUPERINTENDING ENGINEER (AGRIL.), CENTRAL ZONE, BHUBANESWAR, ODISHA

Phone No. - (0674)-2571075, E-mail ID - secz_bag@gov.in
e-Procurent Notice No - 1970/Agril, Date - 19.09.2025
Bid Identification No. : 10/S.E. (A), C/Z, BBSR/2025-26

No.L-70 : The Superintending Engineer (Agril.), Central Zone, Satya Nagar, Bhubaneswar, Odisha on behalf of Governor of Odisha, invites percentage rate bids in double cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in" for the work as detailed below (Composite Tender)

| | | |
|---|---|---|
| 1. | Name & Type of the work | Civil construction works-RCC framed structure Building Construction of Office Building of EE (Agril), Cuttack Division, District - Cuttack |
| 2. | Estimated Cost put to Tender | Rs.9988750.00 |
| 3. | EMD Amount | Rs.99887.00 |
| 4. | Bid Cost | Rs.10,000/- as Mentioned in Column - 04 |
| 5. | Period of completion | 08 (Eight) Calendar Months Mentioned in Column - 07 |
| 6. | No. of work (Tender) | 01 no. |
| 7. | Class of Contractor | 'B' class with valid LT/HT/MV Electrical License as Mentioned in Column - 06 |
| 8. | Date & Time of availability of bid document in the portal | 22.09.2025 at 10 A.M. to Dt.06.10.2025 at 5.00 P.M. |
| 9. | Last date / Time for receipt of bids in the portal | Dt.06.10.2025 at 5.00 P.M. |
| 10. | Last Date of submission of documents/Hardcopy | Dt.08.10.2025, 5.00 P.M. (Working days) only |
| 11. | Date & time of opening of online bids | Dt.09.10.2025 at 11.30 A.M. & onwards |
| 12. | Name and address of the officer inviting bid | Superintending Engineer (Agril.), Central Zone, Satya Nagar, Bhubaneswar, Odisha-751007 |

NB : The Bidders have to participate in ONLINE bidding only in the e-Procurement website : https://tendersodisha.gov.in with matching class DSC. Any addendum / Corrigendum / cancellation of tender / other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reason thereof.

Sd./- Superintending Engineer (Agril.)
Central Zone, Bhubaneswar

OIPR-01573/11/0012/2526

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER EASTERN CIRCLE-I, CANTONMENT ROAD, CUTTACK

No.A-646
Email id : seeccuttack@gmail.com
'e' Procurement Notice No.ACE, EC-I/04 of 2025-26

| | | |
|---|---|---|
| 1 | Name of Work | Improvement to Mahanadi left embankment service road from Mangarajpur to Sankhameri and Tunpur to Mugagahira. Bid identification No.ACE, EC-I MND 02 of 2025-26; Improvement of D-7A right bank from Panaspur Medical Chhak to Baujanga village. Bid identification No.ACE, EC-I MND 03 of 2025-26; Improvement of D-7A1 right bank service road from Bandareswar chhak to Pallei School and D-6 canal road from RD 00m to 700m. Bid identification No.ACE, EC-I MND 04 of 2025-26 |
| 2 | Total No. of Works | 3 (Three) Nos. works |
| 3 | Tender paper Cost (online) (Non-refundable) | Rs.10,000.00 (Ten thousand) for each tender |

4. Bid details are as follows :

| Procurement Officer | Bid Identification No. | Tender Cost (Rs. in Lakh) (Approx.) | EMD (On-line) (in Rs.) | Class of Contractor | Period of Completion | Availability of Tender On-line for bidding From | To | Date of Opening of Technical Bid (Cover-I) |
|---|---|---|---|---|---|---|---|---|
| Additional Chief Engineer, Eastern Circle-I, Cuttack | ACE, EC-I MND 02 of 2025-26 | 235.75 | 2,35,800.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |
| | ACE, EC-I MND 03 of 2025-26 | 167.43 | 1,67,500.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |
| | ACE, EC-I MND 04 of 2025-26 | 237.00 | 2,37,000.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |

All other terms and conditions can be seen from the Govt. website www.tendersodisha.gov.in
All corrigendum / cancellation of tender if any, will only be uploaded in the above website.

Sd./- Additional Chief Engineer
Eastern Circle-I, Cuttack

OIPR-32370/11/0020/2526

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH

No.O-797
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
No. Tender Online - RWCCESNG - 14 of 2025-26, Letter No. 2190 / Dtd. 16.09.2025
e-Procurement NOTICE

1. Type of the Work : Building, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of Seeking Tender Clarification | Date & Time of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 14 of 2025-26 | 23.09.2025 11:00 A.M. | 08.10.2025 5:00 P.M. | 06.10.2025 5:00 P.M. | 09.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0070/2526

# ଲୋକଙ୍କ ଜୀବନ ସହ ଖେଳୁଛି ଆଇପିଏଲ୍

- ପୋଚକା ଗନ୍ଧରେ ଫାଟି ପଡୁଛି ଅଞ୍ଚଳ
- ନାଳରେ ଛାଡୁଛି ଦୂଷିତ ପାଣି
- ଭୟରେ ପାଣି ବ୍ୟବହାର କରୁନାହାନ୍ତି ଲୋକେ

ଭବାନୀପାଟଣା,୨୧।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳଜାରିଙ୍ଗରେ ଥିବା ଆଇପିଏଲ୍ (ଇଣ୍ଡିଆନ ପଟାସ୍ ଲିମିଟେଡ) କମ୍ପାନୀ ସ୍ଥାନୀୟ ଲୋକଙ୍କ ଜୀବନ ସହ ଖେଳୁଥିବା ଅଭିଯୋଗ ହୋଇଛି। ଅଞ୍ଚଳବାସୀ ଏହାର ପ୍ରତିବାଦ କରି ଆନ୍ଦୋଳନ କରିବା ପରେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଚେତୁ ନାହାନ୍ତି। ଏହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ତଳଜାରିଙ୍ଗ ପଞ୍ଚାୟତରେ ଖମାର (ଜୋର) ନାଳ ପ୍ରବାହିତ ହେଉଛି। ଏହି ନାଳ ତଳଜାରିଙ୍ଗ ସମେତ ତଳ ଭାଗରେ ଥିବା ନାନ୍ଦୋଲ ପଞ୍ଚାୟତ ଓ ପରେ ଶଗଡା ନଦୀକୁ ସଂଯୋଗ କରୁଛି। ନାଳ ପାଣିକୁ ଦୀର୍ଘବର୍ଷ ଧରି ସ୍ଥାନୀୟ ଲୋକେ ଗାଧୋଇବା ସହ ଚାଷ କାମରେ ବ୍ୟବହାର କରୁଥିଲେ। ଗୃହପାଳିତ ପଶୁ ମଧ୍ୟ ଏହି ପାଣି ବ୍ୟବହାର କରୁଥିଲେ। ହେଲେ ଗତ କିଛିମାସ ହେଲା ଆଇପିଏଲ୍ କମ୍ପାନୀ ଇଥାନଲ ଉତ୍ପାଦନ କରୁଥିବା ସମୟରେ ବାହାରୁଥିବା ଦୂଷିତ କେମିକାଲ ମିଶା ପାଣିକୁ ନାଳରେ ଛାଡୁଥିବା ଅଭିଯୋଗ ହୋଇଛି। ଏହି ନାଳ ପାଣି ବ୍ୟବହାର କଲେ ଲୋକଙ୍କୁ ଚର୍ମ ରୋଗ ହୋଇଥିଲା। ପୂର୍ବରୁ ନାଳ ପାଣି ସଫା ଦିଶୁଥିବାବେଳେ ଏବେ ତାହାର ରଙ୍ଗ ପରିବର୍ତ୍ତନ ହୋଇ ପୋଚକା ଦେଶୀ ମଦ ଭଳି ଭାସୁଥିବା ସ୍ଥାନୀୟ ଲୋକଙ୍କଠାରୁ ଜଣାପଡିଛି। ଫଳରେ ସ୍ଥାନୀୟ ଲୋକେ ଭୟରେ ନାଳ ପାଣି ବ୍ୟବହାର କରୁନାହାନ୍ତି। ନାଳ ପାଣି ପିଇ କିଛି ଗାଈ, ଛେଳିଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସେହିପରି କିଛିଦିନ ତଳେ ଜଣେ ନାବାଳକ ଛେଳି ଚରାଳି ଏହି ପାଣି ପିଇ ରୋଗଗ୍ରସ୍ତ ହୋଇ ଶେଷରେ ମୃତ୍ୟୁବରଣ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ସେହିପରି କମ୍ପାନୀ ଇଥାନଲ ଉତ୍ପାଦନ କରୁଥିବା ସମୟରେ ବାହାରୁଥିବା ଦୂଷିତ ଗ୍ୟାସ ପୋଚକା ଗନ୍ଧରେ ଏବେ ଅଞ୍ଚଳ ଫାଟି ପଡୁଛି। ଦୈନିକ ଶତାଧିକ ମକା ଟ୍ରକ କାରଖାନାକୁ ଆସୁଥିବାରୁ ରାସ୍ତାରୁ ପିଚୁ ଉଠି ଖାଲଖମା ହୋଇଥିବା ଦେଖିବାକୁ ମିଳୁଛି। ଏହିପରି ବିଭିନ୍ନ ସମସ୍ୟାକୁ ନେଇ ଗତ ଅଗଷ୍ଟ ୧୨ରେ ଅଞ୍ଚଳବାସୀ କମ୍ପାନୀ ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ଧାରଣାସ୍ଥଳକୁ ଆସି ଦୂଷିତ ପାଣି ଛଡା ନ ଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ସତ୍ତ୍ୱେ ଦୂଷିତ ପାଣି ନାଳରେ ଛାଡୁଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ଲୋକେ ଜିଲାପାଳଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଦୂଷିତ ବାଷ୍ପ ଯୋଗୁ କୁନି ଛାତ୍ରୀଛାତ୍ର, ବୟସ୍କ ଲୋକେ ଶ୍ୱାସ ଜନିତ ସମସ୍ୟାର ଶିକାର ହେଉଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଦୂଷିତ କେମିକାଲ ପାଣିକୁ ଷ୍ଟୋରେଜ କରି ରଖିବା ପାଇଁ ଏକ ପ୍ଲାଣ୍ଟ କରିବା କଥା। ହେଲେ ତାହା ନ କରି ସିଧାସଳଖ ନାଳକୁ ଦୂଷିତ ପାଣି ଛାଡି ଦେଉଛନ୍ତି। ଶିଘ୍ର ଏହାର ସମାଧାନ କରା ନ ଗଲେ ଆଗକୁ ଏକ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ତଳଜାରିଙ୍ଗ ସରପଞ୍ଚ କେ ସୁନୀଲ କୁମାର ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗତ ୩ବର୍ଷ ତଳେ କମ୍ପାନୀ ହେବା ପୂର୍ବରୁ ଏଠାରେ ଥିବା ୧୬୦ ଏକର ଜମିରେ ତଳଜାରିଙ୍ଗ ଓ ନାନ୍ଦୋଲ ପଞ୍ଚାୟତର ୮୦ଟି ପରିବାର ସରକାରଙ୍କୁ ଖଜଣା ବାନ୍ଧି ପତରା ଜମିରେ ଚାଷ କରିଆସୁଥିଲେ। ହେଲେ ପୂର୍ବ ରାଜ୍ୟ ସରକାର ଏହି ଜମିରେ କାରଖାନା ବସାଇଥିଲେ। ଏ ନେଇ କମ୍ପାନୀର ପ୍ରକଳ୍ପ ମୁଖ୍ୟ ଦୁର୍ଗା ପ୍ରସାଦ ଦ୍ୱିବେଦୀଙ୍କୁ ପଚାରିବାରୁ ଆମେ ନାଳରେ ଦୂଷିତ ପାଣି ସିଧାସଳଖ ଛାଡୁନାହୁଁ। ବେଳେ ବେଳେ ଓଭର ଫ୍ଲୋ ହେଲେ ଦୂଷିତ ପାଣି ବାହାରକୁ ଚାଲିଯାଉଛି ବୋଲି ସଫେଇ ଦେଇଥିଲେ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ତଳଜାରିଙ୍ଗଠାରେ ଅବସ୍ଥାପିତ ଆଇପିଏଲ୍ କମ୍ପାନୀ।

# ଏନ୍‌ସିସି କ୍ୟାଡେଟ୍‌ଙ୍କୁ ବିପଦ ପ୍ରଶମନ ପ୍ରଶିକ୍ଷଣ



ଏନ୍‌ସିସି କ୍ୟାଡେଟ୍‌ଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

ଭବାନୀପାଟଣା,୨୧।୯(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ପାଇଁ ରବିବାର ଏକଦିବସୀୟ ବିପଦ ପ୍ରଶମନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ପତ୍ର ସଂଖ୍ୟା ୩୦୧୬/ତା୧୯।୯।୨୫ ଅନୁସାରେ ଜରୁରୀ ପରିସ୍ଥିତିର ମୁକାବିଲା ନିମନ୍ତେ ଏନ୍‌ସିସି କ୍ୟାଡେଟ୍‌ଙ୍କ ଦକ୍ଷତା ବୃଦ୍ଧି ପାଇଁ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରାକୃତିକ ଓ ମନୁଷ୍ୟକୃତ ବିପଦ ଆପଦ ସମୟରେ କିପରି ଧନଜୀବନ ରକ୍ଷା କରାଯାଇପାରିବ ସେ ସମ୍ବନ୍ଧରେ ବଲାଙ୍ଗୀରସ୍ଥିତ ଓଡ୍ରାଫ ୟୁନିଟ ତରଫରୁ ତାଲିମ ଦିଆଯାଇଥିଲା। ହାବିଲଦାର ପ୍ରସନ୍ନ କୁମାର ଓ ଶ୍ରୀୟକାନ୍ତ ନାଗଙ୍କ ନେତୃତ୍ୱରେ ବିଶ୍ୱଜିତ ନାଏକ, ସୋମନାଥ ସାଇ, ସଚ୍ଚିଦାନନ୍ଦ ମେହେର, ଅଭୟ ବାଗ ଓ ପିଣ୍ଟୁ ଥାନପତି କେମିତି ବିପଦ ସମୟରେ ସାହାଯ୍ୟ କରାଯାଇ ପାରିବ ସେ ସମ୍ପର୍କରେ ତାଲିମ ଦେଇଥିଲେ। ଏଥିରେ ଆର୍ମି ଏନ୍‌ସିସି, ନାଭାଲ ଏନ୍‌ସିସି ଓ ଏୟାର ଏନ୍‌ସିସିର ପ୍ରାୟ ୧୯୦ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ।

# ବାହାର ରାଜ୍ୟମୁହାଁ ଦାଦନ ଶ୍ରମିକ

ଧର୍ମଗଡ଼, ୨୧।୯ (ଘାସିରାମ ଜଗତ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଶେଷ ହେଲା ପରେ ଏବେ ବାହାର ରାଜ୍ୟମୁହାଁ ହୋଇଛନ୍ତି ଦାଦନ ଶ୍ରମିକ। ଘରେ ତାଲା ପକାଇ ପେଟପାଟଣା ପାଇଁ ପିଲାଛୁଆ ଧରି ବାହାରି ପଡିଛନ୍ତି। ଏହି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳରେ। ଧର୍ମଗଡ଼ ବ୍ଲକର ୯ ପଞ୍ଚାୟତ ଓ କୋକସରା ବ୍ଲକର ୭ ପଞ୍ଚାୟତକୁ ଦଣ୍ଡପାଟ ଅଞ୍ଚଳ କୁହାଯାଏ। ଏହି ଅଞ୍ଚଳରେ ୫୦ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ୨୦୦୫-୦୬ ବର୍ଷରେ ଲଗାତର ଭାବେ ଦଣ୍ଡପାଟ ଅଞ୍ଚଳରେ ୧୦୮ଜଣ ଦାଦନଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଖବର ବିଭିନ୍ନ ଗଣ ମାଧ୍ୟମରେ ପ୍ରସାରଣ ହୋଇଥିଲା। ଏହାକୁ ନେଇ ଦଣ୍ଡପାଟ ଅଞ୍ଚଳ ସେ ସମୟରେ ଚର୍ଚ୍ଚିତ ଥିଲା। ୨୦୦୭-୦୮ ମସିହାରେ ଏହି ଘଟଣାକୁ ଗମ୍ଭୀର ଭାବେ ନେଇ ତତ୍କାଳୀନ ଉପଜିଲାପାଳ ଜଗନ୍ନାଥ ମହାନ୍ତି ଦଣ୍ଡପାଟ ଅଞ୍ଚଳକୁ ସ୍ୱତନ୍ତ୍ର ଭାବେ ସର୍ବେକ୍ଷଣ କରିବାକୁ ଏକ ବେସରକାରୀ ସଂସ୍ଥା କର୍ତ୍ତବ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ସର୍ଭେ ଅନୁଯାୟୀ ସେତେବେଳେ ଅଞ୍ଚଳର ୧୧୬୫ ପରିବାର ଦାଦନ ଶ୍ରମିକ ଭାବେ ବିଭିନ୍ନ ରାଜ୍ୟକୁ ଯାଇଥିଲେ। ଏଥିମଧ୍ୟରେ ପୁରୁଷ ୧୨୯୭, ମହିଳା ୬୩୯, ଶିଶୁ ୩୪୫ ଥିବା ଜଣାପଡିଥିଲା। ଦାଦନ ସମସ୍ୟା ରୋକିବାକୁ ସରକାର ଅନେକ ଯୋଜନା କରିଥିଲେ ହେଁ ରାଜ ନେତା ଓ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ତାହା ଫସର ଫାଟିଛି। ଏବେ ସରକାର ବଦଳିଛି, ବିଧାୟକ ଶାସକ ଦଳର ହୋଇଥିବା ବେଳେ ଦଣ୍ଡପାଟ ଅଞ୍ଚଳର ଭାଗ୍ୟ କେବେ ପରିବର୍ତ୍ତନ ହେଉଛି ତାହାକୁ ଅପେକ୍ଷା।

# ମାର୍କେଟ କମ୍ପ୍ଲେକ୍ସର ନିଲାମ ପ୍ରକ୍ରିୟାକୁ ନେଇ ଅସନ୍ତୋଷ

ଧର୍ମଗଡ, ୨୧।୯ (ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ଼ ଏନ୍‌ଏସି ପକ୍ଷରୁ ପଞ୍ଚାୟତ ପଡିଆ ଓ ସରକାରୀ ଡାକ୍ତରଖାନା ପାର୍ଶ୍ୱରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସର ନିଲାମ ପ୍ରକ୍ରିୟାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନ୍‌ଏସି ଦ୍ୱାରା ପ୍ରକାଶିତ ଟେଣ୍ଡର ସର୍ତ୍ତାବଳୀ ଅନୁସାରେ ପଞ୍ଚାୟତ ପଡିଆ ପାର୍ଶ୍ୱସ୍ଥ କ୍ୟାବିନ ପାଇଁ ସର୍ବନିମ୍ନ ଟେଣ୍ଡର ମୂଲ୍ୟ ଏକଲକ୍ଷ ଏକ ହଜାର ଟଙ୍କା ଓ ସରକାରୀ ଡାକ୍ତରଖାନା ପାର୍ଶ୍ୱରେ ଥିବା ଦୋକାନ ଗୃହର ସର୍ବନିମ୍ନ ମୂଲ୍ୟ ୩ଲକ୍ଷ ୫୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ନିଲାମ ପ୍ରକ୍ରିୟା କେବଳ ପୁଞ୍ଜିପତିଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଧର୍ମଗଡ ବ୍ୟବସାୟୀ ସଂଘ ଜରିଆରେ ମଧ୍ୟବିତ୍ତ ଶ୍ରେଣୀର ବ୍ୟବସାୟୀ ସ୍ଥାନୀୟ ଉପଜିଲାପାଳ ଓ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀଙ୍କଠାରେ ଫେରାଦ ହୋଇଛନ୍ତି। ଆସନ୍ତା ୨୫ ତାରିଖ ଆବେଦନର ଶେଷ ତାରିଖ ଥିବାବେଳେ କ୍ରମାନ୍ୱୟରେ ସର୍ବୋଚ୍ଚ ନିଲାମ ରାଶି ଭରିଥିବା ଆବେଦକଙ୍କୁ ସଫଳ ନିଲାମଧାରୀ ବିବେଚନା କରାଯାଇ ସେମାନଙ୍କୁ ଦୋକାନ ଗୃହ ଆବଣ୍ଟନ କରାଯିବ ବୋଲି ଏନ୍‌ଏସି କର୍ତ୍ତୃପକ୍ଷ ସ୍ଥିର କରିଛନ୍ତି। ଏହି ପ୍ରକ୍ରିୟା ବେଆଇନ ଓ ଏଥିପାଇଁ ତାଙ୍କର କୌଣସି ମତାମତ ନିଆଯାଇ ନ ଥିବା ଖୋଦ ଏନ୍‌ଏସି ଉପାଧ୍ୟକ୍ଷା ମନୀଷା ମିଶ୍ର ସାମାଜିକ ଗଣମାଧ୍ୟମରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପ୍ରକ୍ରିୟାରେ ସାଧାରଣ ବ୍ୟବସାୟୀ ଯେପରି ଭାଗ ନେଇପାରିବେ ସେଥିପ୍ରତି ଧ୍ୟାନ ଦେଇ କମ ଦର ଧାର୍ଯ୍ୟ କରି ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଁ ଜନ ସାଧାରଣଙ୍କ ତରଫରୁ ଚାମ୍ବର ଅଫ କମର୍ସ ସରକାରଙ୍କଠାରେ ଦାବି ଜଣାଇଛି। ଏ ସମ୍ପର୍କରେ ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତିଙ୍କୁ ପଚାରିବାରୁ ଏନ୍‌ଏସି ପକ୍ଷରୁ ଧାର୍ଯ୍ୟ ଦର ନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଆମେ ଲୋକଙ୍କ ମତାମତ ନେଇ ପୁନଃ ବିଜ୍ଞପ୍ତି ପ୍ରକାଶ କରିବୁ ବୋଲି କହିଥିଲେ।

# ଯୌନ ଉତ୍ପୀଡ଼ନ, ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା



ଶିବିରରେ ସଚେତନ କରାଯାଉଛି।

ନୂଆପଡ଼ା,୨୧।୯ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଭରୁଆମୁଣ୍ଡା ଉଚ୍ଚ ବିଦ୍ୟାଳୟଠାରେ ଶନିବାର କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ, ମୁଖ୍ୟ ଆଇନସେବା ପ୍ରତିପକ୍ଷ ଓକିଲ ପ୍ରକାଶ ସେନାପତି, ଉପମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ଅନୁପ ଶର୍ମା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ ମାଝି, ସରପଞ୍ଚ ଯମୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କ ଯୌନ ଉତ୍ପୀଡନ ଓ ଏହାର ପ୍ରତିରୋଧ, ନିରାକରଣ ଆଇନ ୨୦୧୩ ବିଷୟରେ ସଚିବ ଦାଶ ଆଲୋକପାତ କରିଥିଲେ। ଏହାସହ ସରକାରୀ ଓ ବେସରକାରୀ ସଂସ୍ଥା ଏହି ଆଇନକୁ କଡାକଡି ଭାବରେ ପାଳନ କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରତିପକ୍ଷ ଓକିଲ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଗୋଧସ ଜଳପ୍ରପାତ ପର୍ଯ୍ୟଟନ ସ୍ଥଳରେ ସ୍ୱଚ୍ଛ ଓ ସବୁଜ ନୂଆପଡ଼ା ଗଠନ ପାଇଁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଓ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ମହିଳା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀର ସାଧାରଣ ସଭା

ଲାଞ୍ଜିଗଡ଼,୨୧।୯(ରମେଶ ଚନ୍ଦ୍ର ନାୟକ)

ମିଶନ ଶକ୍ତି ବିଭାଗ ଓ ଭାରତ ଗ୍ରାମୀଣ ବିକାଶ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ୨୦୨୧ରେ ସ୍ୱେଚ୍ଛାସେବୀ ସଂସ୍ଥା ଜନସାହାଯ୍ୟ ମାଧ୍ୟମରେ ଲାଞ୍ଜିଗଡ଼ ବ୍ଲକର ତିନି ହଜାର ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନଙ୍କୁ କୃଷି ଆନୁଷଙ୍ଗିକ କ୍ଷେତ୍ରରେ ଆୟକୁ ଦ୍ୱିଗୁଣିତ କରିବା ଉଦ୍ଦେଶ୍ୟରେ ମା' ଡୋକ୍ରିଗୁଡି ମହିଳା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ପ୍ରତିଷ୍ଠା ହୋଇଥିଲା। ଶନିବାର ବନ୍ଧପାରୀ ପଞ୍ଚାୟତ ଖେଳପଡିଆଠାରେ କମ୍ପାନୀର ପଞ୍ଚମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ଅଧ୍ୟକ୍ଷା ସୁନୀତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ମୋନାଲିସା ପ୍ରଧାନ ମୁଖ୍ୟ ଅତିଥି, ଜନସାହାଯ୍ୟ ସମ୍ପାଦିକା ଅନେଶ୍ୱତା ସାମଲ ମୁଖ୍ୟ ବକ୍ତା ଓ ଆଇଓବି ଏବିଏମ୍ ପୁରନ୍ଦର ମେହେର, ଏସ୍‌ବିଆଇ କ୍ଷେତ୍ର ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ମା' ଡୋକ୍ରିଗୁଡି ସିଇଓ ଜୟଶ୍ରୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିରେ ୯ ଜଣ ଅଗ୍ରଣୀ ମହିଳା ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଜନସାହାଯ୍ୟ ପ୍ରକଳ୍ପ ପ୍ରବନ୍ଧକ ଦେବାଶିଷ ପଣ୍ଡା ପରିଚାଳନା କରିଥିଲେ।

# ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ର ଓ ଅନ୍ୟମାନେ।

ବେହେରା,୨୧।୯(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଦନ୍ତେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରମାନେ ଯୋଗଦେଇ ଜୟନ୍ତୀ ଉତ୍ସବ ଆଡମ୍ବର ସହ ପାଳନ କରିବାକୁ ମତ ପ୍ରକାଶ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ସଭାପତି ଭାବରେ ପ୍ରଶାନ୍ତ ତିୱାରୀଙ୍କୁ ମନୋନୀତ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଭାପତି ଆଇନଜୀବୀ ଦିଗମ୍ବର ଦୁରିଆ, ଉପସଭାପତି ରଜନୀକାନ୍ତ ନାଏକ, ଧର୍ମବ୍ରତ ପଣ୍ଡା, ଗୌର ଚନ୍ଦ୍ର ବାଗ, ଲଳିତ ନାଏକ, ସମ୍ପାଦକ ଭାବରେ କ୍ଷୀର ସିନ୍ଧୁ ବାଣୁଆ, ସହ ସମ୍ପାଦକ ତ୍ରିଲୋକ ସିଂ, ଗଜେନ୍ଦ୍ର ଚଲାନ, କୋଷାଧ୍ୟକ୍ଷ ଈଶ୍ୱର ଲାଲ ଅଗ୍ରୱାଲ ଓ ମହେନ୍ଦ୍ର ସାହୁଙ୍କୁ ମନୋନୀତ କରାଯାଇଥିଲା। ସଂଯୋଜକ ଭାବରେ ଅଖଣ୍ଡ ମଣି ଭରତିଆ, ରୁପେନ୍ଦ୍ର ସୁନାନି, ସୁରେନ୍ଦ୍ର ନାଏକ, ଉପେନ୍ଦ୍ର ନାଏକ, ରାଜେଶ ନାଏକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଉତ୍ସବ ତିନିଦିନ ଧରି କରାଯିବ ଓ ଓଡ଼ିଶାର ରାଜ୍ୟପାଳଙ୍କୁ ଅତିଥି ରୂପରେ ଆମନ୍ତ୍ରଣ କରାଯିବ ବୋଲି ସଭାପତି ମତବ୍ୟକ୍ତ କରିଥିଲେ।

# ନିଶାମୁକ୍ତ ଯୁବା ବିକଶିତ ଭାରତ ପାଇଁ ଶପଥପାଠ

ଭବାନୀପାଟଣା,୨୧।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲକ୍ଷ୍ମୀ ବିକାଶ ଗ୍ରୁପ ଇନ୍‌ଷ୍ଟିଚ୍ୟୁଶନ ପ୍ରେକ୍ଷାଳୟଠାରେ ରବିବାର ନିଶାମୁକ୍ତ ଯୁବା ବିକଶିତ ଭାରତ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ, ହାର୍ଟଫୁଲନେସ ସଂସ୍ଥା ଓ ବିକାଶ ଏନ୍‌ଏସ୍‌ଏସ୍ କୋ ୟୁନିଟର ମିଳିତ ଉଦ୍ୟମରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ଅନୁପ ଖେଲଗାଓଁକର ମୁଖ୍ୟ ଅତିଥି ଓ ଡ. କୁଞ୍ଜ ବିହାରୀ ସାହୁ , ସଂଯୋଜକ ପି ରାମାରାଓ , ପୋନ୍ନାପ୍ପା ବୈଭବ ବାସୁଦେବ ରେଡ୍ଡୀ (ସ୍ଥାନୀୟ ସଂଗଠକ ), ଯୁବ ସଂଗଠକ ଅଙ୍କିତ ସିଂହ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ପ୍ରବନ୍ଧକ ଗୁପ୍ତେଶର ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ହାର୍ଟଫୁଲନେସ ସଂସ୍ଥାର ଗ୍ଲୋବାଲ ଗାଇଡ ଡ. କମଲେଶ ଡି ପଟେଲ (ଦାଜୀ) ଜୁମ ଅନ୍‌ଲାଇନ ପ୍ଲାଟଫର୍ମରେ ଯୋଡିହୋଇ ନିଶା ମୁକ୍ତି ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ପରେ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ନିଶାମୁକ୍ତ ସାମୂହିକ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ସମାଜକୁ କିଭଳି ନିଶା କବଳରୁ ମୁକ୍ତ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।



ଶପଥ ନେଉଛନ୍ତି ସ୍ୱେଚ୍ଛାସେବୀ।

# ଚିକିତ୍ସା ଅବହେଳାରୁ ଯୁବତୀଙ୍କ ମୃତ୍ୟୁ ଅଭିଯୋଗ

ଭବାନୀପାଟଣା,୨୧।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ରାତିରେ ଚିକିତ୍ସା ଅବହେଳାରୁ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତା ଯୁବତୀ ଜୁନାଗଡ଼ ବ୍ଲକ ମାକରଶୋଲା ଗ୍ରାମର ଦଇମତି ଭୋଇ (୨୨)। ସୂଚନା ଅନୁଯାୟୀ, ଦଇମତିଙ୍କୁ କିଛିଦିନ ହେଲା ଜ୍ୱର ହେଉଥିଲା। ଏହା ନ କମିବାରୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଆବଶ୍ୟକ ଚିକିତ୍ସାସେବା ନ ପାଇ ଝିଅର ମୃତ୍ୟୁ ହୋଇଥିବା ତାଙ୍କ ବାପା ବଳରାମ ଭୋଇ ଅଭିଯୋଗ ଆଣିଛନ୍ତି। ଏହି ଘଟଣାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଟାଉନ ଥାନା ପୋଲିସ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲା।

# ତାଲୁକ ଆଇନସେବା କମିଟି ପକ୍ଷରୁ ସଚେତନତା

ଥୁଆମୂଳ ରାମପୁର,୨୧।୯ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବସ୍‌ଷ୍ଟାଣ୍ଡଠାରେ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତାରିଣୀ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ଓକିଲ ଦେବଦତ୍ତ ଜୋଷୀ, ଥାନା ଅଧିକାରୀ କୈବଲ୍ୟ ସେଠ, ଡାକ୍ତର ଶକ୍ତି ସାଗର, ଆଇନଜୀବୀ ମନୋରଞ୍ଜନ ନାଏକ, ମା'ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡେଛିନା, କର୍ତ୍ତବ୍ୟର ବ୍ଲକ ସଂଯୋଜକ ସୁଦର୍ଶନ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ହରିନାରାୟଣ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ଏସିଡ ଆକ୍ରମଣରେ ପୀଡ଼ିତଙ୍କ ପାଇଁ ଆଇନଗତ ସେବା ଯୋଜନା ୨୦୧୬, ଦଣ୍ଡ ଆଇନ ଓ ପୀଡ଼ିତ କ୍ଷତିପୂରଣ ଯୋଜନା ୨୦୧୭ର ପ୍ରାସଙ୍ଗିକତା ଉପରେ ଓକିଲ ଦେବଦତ୍ତ ଯୋଷୀ ବୁଝାଇଥିଲେ। ଏହି ଅବସରରେ କର୍ତ୍ତବ୍ୟ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦ୍ୱାରା ସଚେତନଧର୍ମୀ ନାଟକ ପରିବେଷଣ କରାଯାଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଥୁଆମୂଳ ରାମପୁର,୨୧।୯ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଶୁକ୍ରବାର ୧୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀତାକାନ୍ତ ରଣା ମୁଖ୍ୟ ଅତିଥି ଓ ବିଶନାଥ ହେମ୍ବ୍ରମ, ଆଲୋକ ମହନ୍ତ, ପ୍ରଦୀପ ନାଗ, ସଙ୍ଗୀତା ଧୁରୁଆ, ଲିପିଶ୍ରୀ ବାରିକ, ପରମେଶ୍ୱର ସାମଲ, ହିମାଦ୍ରୀ ନାୟକ, ରଣଜିତ ସାହୁ, ଧରିତ୍ରୀ ବିଭାର, ସୁଜାତା କୋଟିନ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ କମ୍ପ୍ୟୁଟର ଶିକ୍ଷକ ନାଗେଶ କର ଧନ୍ୟବାଦ ଅର୍ପଣ କରିଥିଲେ।



ସମାରୋହରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଅଞ୍ଚଳବାସୀ

ଲାଞ୍ଜିଗଡ଼,୨୧।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କୁମଖାଲ ଛକରୁ ସିନ୍ଧିବାହାଲୀ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଥିଲେ ମଧ୍ୟ ପ୍ରଶାସନ ନ ଶୁଣିବାରୁ ଶେଷରେ ଅଞ୍ଚଳବାସୀ ନିଜସ୍ୱ ଖର୍ଚ୍ଚରେ ମରାମତି କରିଛନ୍ତି। ସୂଚନାନୁସାରେ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ ହୋଇଛି। ହେଲେ ମରାମତି ଅଭାବରୁ ରାସ୍ତା ଶୋଚନୀୟ ହୋଇପଡିଥିଲା। ସ୍ୱଳ୍ପ ବର୍ଷା ହେଲେ ଖାଲରେ ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହୋଇଥାଏ। ଏଥିରେ ଲୋକେ ଯାତାୟାତରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏପରି କି ଚାରିଚକିଆ ଯାନ ବା ଆମ୍ବୁଲାନ୍ସ ଯିବା ଦୂରର କଥା ବାଇକ୍‌ଟିଏ ମଧ୍ୟ ଯିବା କଷ୍ଟକର ହୋଇପଡୁଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ପ୍ରଶାସନକୁ ବହୁବାର ଅଭିଯୋଗ ସତ୍ତ୍ୱେ ସୁଫଳ ମିଳି ନ ଥିଲା। କୁମଖାଲ ଛକରୁ ସିନ୍ଧିବାହାଲୀ ପର୍ଯ୍ୟନ୍ତ ଆମ୍ବୁଲାନ୍ସ କିପରି ପହଞ୍ଚି ପାରିବ ସେ ନେଇ ଅଞ୍ଚଳବାସୀ ଏକତ୍ରିତ ହୋଇ ରାସ୍ତାକୁ ମୋରମ ମାଟି ପକାଇ ମରାମତି କରିଛନ୍ତି। ଏଥିରେ ରାଜୀବ ଗାନ୍ଧୀ ସଙ୍ଗଠନର ଲାଞ୍ଜିଗଡ଼ ବ୍ଲକ ଆବାହକ ମୁଲୁ ମାଝୀ ନେତୃତ୍ୱ ନେଇଥିବାବେଳେ ସାମାଜିକ କର୍ମୀ ବନବାସ ବାଗ, ଗଗନ ବିଭାର, କାଳିଆ ବିଭାର, ଧର୍ମୁ ବାଗ, ବାକୁ ମାଝୀ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।



ମାଟି ମୋରମ ପକାଇ ରାସ୍ତା ମରାମତି କରାଯାଉଛି।

**ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ**

**ବରଗଡ଼,(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପଢୁଥିବା ଜଣେ କଲେଜ ଛାତ୍ରୀଙ୍କ ଶନିବାର ବିଳମ୍ବିତ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତଛାତ୍ରୀ କୋଠାଘର ଛାତ ଉପରୁ ପଡି ମୃତ୍ୟୁବରଣ କରିଥିବା ଆଲୋଚନା ହେଉଛି। ସେ ଛାତ ଉପରୁ ଡେଇଁ ଆତ୍ମହତ୍ୟା କରିଛନ୍ତି ନା ଆକସ୍ମିକଭାବେ ପଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି ସେ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ମୃତ ଛାତ୍ରୀଙ୍କ ବାପା ଉକ୍ତ କଲେଜର କର୍ମଚାରୀ ହୋଇଥିବା ବେଳେ ପରିବାର ସହିତ ସେ କଲେଜ କ୍ୟାମ୍ପସରେ ରହୁଥିଲେ।

**ଟ୍ରକ୍ ପାର୍କିଂ ନିର୍ମାଣକୁ ବିରୋଧ**

# ଆନ୍ଦୋଳନକୁ ଓହ୍ଲାଇଲେ ଗ୍ରାମବାସୀ

**ବରଗଡ଼,୨୧।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବାନ୍ଦେନଟିକ୍ରା ନିକଟରେ ଟ୍ରକ ପାର୍କିଂ ନିର୍ମାଣକୁ ନେଇ ବିରୋଧ ତେଜି ଉଠିଛି। ଏହି କ୍ରମରେ ରବିବାର ବାନ୍ଦେନଟିକ୍ରା ଗ୍ରାମବାସୀ ବରଗଡ଼ ପାଣିଛତର ନିକଟ ରେଲୱେ ଓଭରବ୍ରିଜ ପାଖରେ ରାସ୍ତା ଅବରୋଧ କରିଥିଲେ। ଫଳରେ ସହର ମୁଖ୍ୟରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଗାଡ଼ି ଅଟକି ରହିଥିଲା। ପରେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନସ୍ଥଳକୁ ପହଞ୍ଚି ରାସ୍ତା ଅବରୋଧ କରିଥିବା ମହିଳା, ପୁରୁଷଙ୍କ ସହିତ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ଦାବିବିଚାରକୁ ନିଆଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧରୁ ଲୋକେ ଉଠିଥିଲେ ଏବଂ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନା ଅନୁଯାୟୀ, ବାନ୍ଦେନଟିକ୍ରା ଗ୍ରାମ ନିକଟରେ ଟ୍ରକ ପାର୍କିଂ ନିର୍ମାଣ କରାଯାଉଛି। ତେବେ ସେଠାରେ ଟ୍ରକ୍ ପାର୍କିଂ ହେଲେ ଗ୍ରାମବାସୀ ବହୁବିଧ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ସେଥିପାଇଁ ଆଗାମୀ ଦିନରେ ବହୁ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡିବ ଏବଂ ଛାତ୍ରୀଛାତ୍ର ସ୍କୁଲ, କଲେଜ ଯିବା, ଆସିବା ସମୟରେ ମଧ ଦୁର୍ଘଟଣା ଆଶଙ୍କା ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ଏହି ଦୃଷ୍ଟିରୁ ଗ୍ରାମବାସୀ ସେଠାରେ ଟ୍ରକ୍ ପାର୍କିଂ ନିର୍ମାଣକୁ ଆରମ୍ଭରୁ ବିରୋଧ କରି ଆସିଛନ୍ତି। ଏ ନେଇ ବରଗଡ଼ ଜିଲାପାଳଙ୍କୁ ମଧ ଗ୍ରାମବାସୀ ଫେରାଦ ହୋଇ ଅଭିଯୋଗ କରିଥିଲେ। ମାତ୍ର କିଛି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରି ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଥିଲେ। ଏଥିରେ ଗ୍ରାମର ଶତାଧିକ ମହିଳା, ପୁରୁଷ ସାମିଲ ଥିଲେ। ଆନ୍ଦୋଳନସ୍ଥଳରେ ବ୍ୟାପକ ପୋଲିସ ମୁତୟନ ଥିଲେ।



ଟ୍ରକ୍ ପାର୍କିଂ ନିର୍ମାଣକୁ ବିରୋଧ କରି ରାସ୍ତା ଅବରୋଧ।

## ଧବଳମୁଖୀ ବେଶରେ ଦର୍ଶନଦେଲେ ମା' ସମଲେଶ୍ୱରୀ

**ବରଗଡ଼,୨୧।୯(ପ୍ରେମାନନ୍ଦ ଖମାରୀ)**

ରବିବାର ମହାଳୟା। ଏହି ଅବସରରେ ରବିବାର ବରଗଡ଼ର ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେଇଥିଲେ। ଏହି ବେଶରେ ଦେବୀଙ୍କ ଦର୍ଶନ ପାଇଁ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ଭକ୍ତମାନେ ଧୂପ, ଦୀପ, ଫୁଲ ଧରି ମନ୍ଦିରକୁ ଆସି ଦେବୀଙ୍କ ଦର୍ଶନ କରିଥିଲେ। ଅପରାହ୍ନରେ ମା' ସମଲେଶ୍ୱରୀଙ୍କ ଖଣ୍ଡାଧୂଆ ପର୍ବ ଅନୁଷ୍ଠିତ ହୋଇଥିଲା। ଭକ୍ତମାନଙ୍କ ସମସ୍ତ ସୁବିଧା ପାଇଁ ମନ୍ଦିର କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି।

**ବରପାଲି,(ଚିତ୍ତରଞ୍ଜନ ସାହୁ):** ପବିତ୍ର ମହାଳୟା ଅବସରରେ ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରବିବାର ଭୋର୍‌ରୁ ମନ୍ଦିର ଆଗରେ ଶ୍ରଦ୍ଧାଳୁଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଏହି ଅବସରରେ ଶନିବାର ରାତିରେ ସମଲେଶ୍ୱରୀ ମନ୍ଦିର ସମ୍ମୁଖରେ ଭଜନ, ପରାୟଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରପାଲି ସହର ତଥା ଆଖପାଖ ଅଞ୍ଚଳରୁ ପ୍ରାୟ ୨୦ରୁ ୨୫ ହଜାର ଭକ୍ତଙ୍କ ସମାଗମ ହୋଇଥିଲା।



ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ।

## ବିଜ୍ଞାନ ମେଳା, ୧୧୫ ପ୍ରକଳ୍ପ ପ୍ରଦର୍ଶିତ

**ପଦ୍ମପୁର, ୨୧।୯ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଶାନ୍ତିନଗର ଅଦିତି ବିହାରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟର ଡ. ପ୍ରିୟମ୍ବଦା ସୁନା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବରେ ଦେଉଳୀ ଉଚ୍ଚ ବିଦ୍ୟାଳୟ ସତୀଭଟାର ବିଜ୍ଞାନ ଶିକ୍ଷୟିତ୍ରୀ ତନ୍ମୟା ଦେବତା ଏବଂ ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ ଦହିତାର ବିଜ୍ଞାନ ଶିକ୍ଷୟିତ୍ରୀ ପୂଜା ସାହୁ ଯୋଗଦେଇ ମୋଟ ୧୧୫ଟି ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ପ୍ରୀତିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ଇଂ. କୁନାଲ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୃତୀ କୁନି ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଶାସକ ଭରତ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଅଧକ୍ଷା ଆହ୍ଲାଦିନୀ ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ।



ବିଜ୍ଞାନ ମେଳାରେ କୃତୀ ଛାତ୍ରୀଛାତ୍ର।

## ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣା



ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣା ଦିଆଯାଇଛି।

**ଶିକ୍ଷକ ବଦଳିର ପ୍ରତିବାଦ**

**ବାଉଁଶୁଣୀ, ୨୦।୯(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଅନ୍ତର୍ଗତ କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସବର ସେଠୀଙ୍କୁ ଡେପୁଟେଶନରେ ଅନ୍ୟ ଏକ ସ୍କୁଲକୁ ପଠାଯିବାକୁ ନେଇ ବିରୋଧ ତେଜିବାରେ ଲାଗିଛି। ଏହା ପ୍ରତିବାଦରେ ପରିଚାଳନା କମିଟି ଓ ପଞ୍ଚ ଶିକ୍ଷାସେତୁର ସଭ୍ୟାସଭ୍ୟ, ଅଭିଭାବକମାନେ ଶନିବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଉକ୍ତ ସହକାରୀ ଶିକ୍ଷକଙ୍କୁ ଅନ୍ୟତ୍ର ପଠାଇବା ଦ୍ୱାରା କମିରା ସ୍କୁଲରେ ଶିକ୍ଷକ ସଂଖ୍ୟା କମି ଯାଉଥିବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ରହିଛି। ଏପରିସ୍ଥଳେ ଉକ୍ତ ସହକାରୀ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ପଠାଯିବାକୁ ବିରୋଧ କରିଛନ୍ତି କମିଟି ସଦସ୍ୟ ଏବଂ ଅଭିଭାବକ। ଶିକ୍ଷା ବିଭାଗର ଏହି ଆଦେଶକୁ ବିରୋଧ କରି ସହକାରୀ ଶିକ୍ଷକ ସବର ସେଠୀଙ୍କୁ ରିଲିଭ ନ କରିବାକୁ ସେମାନେ ପ୍ରଧାନ ଶିକ୍ଷକଙ୍କ ଦାବିକରି ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଏବିଇଓ କମଳାକାନ୍ତ ଦଳବେହେରା ଓ ସିଆର୍‌ସିସି ପ୍ରଶାନ୍ତ ଝାଙ୍କର ସେଠାରେ ପହଞ୍ଚି ବିଦ୍ୟାଳୟ ପରିଚାଳନା କମିଟି, ପଞ୍ଚସଖା ସେତୁର ସଭ୍ୟାସଭ୍ୟ ଓ ଶିକ୍ଷକମାନଙ୍କ ସହିତ ଆଲୋଚନା କରି ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ପ୍ରତିଶ୍ରୁତି ଦେବାରୁ ଗେଟ୍‌ରୁ ତାଲା ଖୋଲିଥିଲା।

## ସହର ପରିକ୍ରମା କଲା ଜିଲାସ୍ତରୀୟ ମାରାଥନ

**ବୌଦ୍ଧ,୨୧।୯(ଅଜିତ କୁମାର ବାରିକ)**

ସେବା ପକ୍ଷ ଅବସରରେ ଜିଲା ପ୍ରଶାସନ ଓ ଯୁବସେବା ଓ କ୍ରୀଡ଼ା ବିଭାଗ ପକ୍ଷରୁ ରବିବାର ଜିଲାସ୍ତରୀୟ ମାରାଥନ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ଜିଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ବିନୟ କୁମାର ଭୋଇ, ତହସିଲଦାର ଅନିତା କୁମାରୀ ସାହୁ ଯୋଗଦେଇ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ମାରାଥନ୍ ଜିଲା ଷ୍ଟାଡିୟମରୁ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ପଞ୍ଚମ ଆଇଆରବି ଯବାନ, ପୋଲିସ ବାହିନୀ, ଏଏନ୍‌ଏମ୍ ସେଣ୍ଟର ଛାତ୍ରୀ, ବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଭାଗ ନେଇଥିଲେ। କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ ଓ ସହାୟକ ଲୋକନାଥ ମେହେରଙ୍କ ତତ୍ତ୍ୱାବଧାନରେ ଏହି ମାରାଥନ ଅନୁଷ୍ଠିତ ହୋଇଥିଲା।




ଜିଲାପାଳ ଓ ଅନ୍ୟମାନେ ମାରାଥନ୍‌ର ଶୁଭାରମ୍ଭ କରୁଛନ୍ତି।

## ୬୦୧ କେଜି ଗଞ୍ଜେଇ ଜବତ

**ଘଣ୍ଟାପଡ଼ା,୨୧।୯(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ପୋଲିସ ଅପରେଶନ ପ୍ରହାରରେ ଗତ ୨ ଦିନରେ ମୋଟ ୬୦୧ କେଜି ଗଞ୍ଜେଇ ଜବତ କରିଛି। ଏନେଇ କଣ୍ଟାମାଳ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଗତ ଶନିବାର ଡୁମଲପାଲି ଛକରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ପିକ୍‌ଅପ ଭ୍ୟାନ୍ ଅପର ପଟରୁ ଦ୍ରୁତଗତିରେ ଆସୁଥିଲା। ପୋଲିସକୁ ଦେଖି ଚାଳକ ଗାଡ଼ି ରଖି ଫେରାର ହୋଇଯାଇଥିଲା। ପୋଲିସ ଗାଡ଼ି ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଭର୍ତ୍ତି ବସ୍ତା ରହିଥିବା ଦେଖିବାକୁ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରିବାରୁ ୫୨୮ କେଜିଗଞ୍ଜେଇ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୮/୨୫) ରୁଜୁ କରି ଗାଡ଼ି ସହ ଗଞ୍ଜେଇକୁ ଜବତ କରିଥିଲା। ସେହିପରି ଉକ୍ତ ଥାନା ଅଞ୍ଚଳର ତେନ୍ତୁଲିପାଲି ପୋଖରୀ ନିକଟରେ ୭୩ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଥାନାଧିକାରୀ ରଞ୍ଜିତ କୁମାର ମୁନି ସୂଚନା ଦେଇଛନ୍ତି।

## କଲିକତାରେ ସମ୍ବର୍ଦ୍ଧିତ ହେଲେ ବରଗଡ଼ର କଳାକାର

**ବରଗଡ଼,୨୧।୯(ପ୍ରେମାନନ୍ଦ ଖମାରୀ)**

କଳା ସଂସ୍କୃତି ସାହିତ୍ୟ, ସଙ୍ଗୀତ ଓ ନୃତ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସର୍ବଭାରତୀୟ ସ୍ତରରେ ବରଗଡ଼ ଜିଲାର କଳାକାରମାନେ ସମ୍ବର୍ଦ୍ଧିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବରଗଡ଼ ଜିଲାର ସଙ୍କୀର୍ତ୍ତନ ଗୁରୁ ପ୍ରମୋଦ ଦାଶ ଓ ସୁଶିଲ ଦାଶଙ୍କୁ ଶ୍ରୀ ଚୈତନ୍ୟ ସମ୍ମାନ, ବାସୁଦେବ ପ୍ରଧାନଙ୍କୁ ଗୁରୁ ରତ୍ନଜ୍ୟୋତି ସମ୍ମାନ, ପ୍ରମୋଦ ପ୍ରଧାନଙ୍କୁ କଳା ଗୌରବ ସମ୍ମାନ, ମୀନକେତନ ମେହେରଙ୍କୁ ଗାୟକ ଶିରୋମଣି ସମ୍ମାନ, ଏମ.ଡି ତୌଫିକ ଖାନ ଓ ଅନିରୁଦ୍ଧ ପାଇକଙ୍କୁ କଳା ଗୌରବ ସମ୍ମାନ, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକଙ୍କୁ ନୃତ୍ୟ ଜ୍ୟୋତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ସର୍ବଭାରତୀୟ ସଂସ୍କୃତି ଉନ୍ନୟନ ସଂସ୍ଥା ପକ୍ଷରୁ ପଶ୍ଚିମବଙ୍ଗ କଲିକତାସ୍ଥିତ ଆଇସିସିଆର୍ ଭବନଠାରେ ଶୁକ୍ରବାର ଆୟୋଜିତ ଆନ୍ତର୍ଜାତୀୟ ଶାସ୍ତ୍ରୀୟ ନୃତ୍ୟ ସମ୍ବର୍ଦ୍ଧନା ଉତ୍ସବ 'ମହାମାୟା' -୨୦୨୫ ଅବସରରେ ବରଗଡ଼ ଜିଲାର ଏହି କଳାକାରମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲଚର୍ ଡେଭଲପମେଣ୍ଟ ଫାଉଣ୍ଡେଶନ ଅଧକ୍ଷ ଡଃ ଷ୍ଟାଲିନ ପରିଜା, ଆନ୍ତର୍ଜାତୀୟ ନୃତ୍ୟ ପରିଷଦ ସଭ୍ୟ ଡଃ ଉପେନ୍ଦ୍ର କୁମାର ଶର୍ମା, ସର୍ବ ଭାରତୀୟ ଆର୍ଟ ଆଣ୍ଡ କଲଚର ଫାଉଣ୍ଡେଶନର ସଭାପତି ଚୈତନ୍ୟ ପାଇକ, ଉପସଭାପତି ଅର୍ପିତା ଚାଟାର୍ଜୀ, ସହ ସମ୍ପାଦକ ତୁଷାରକାନ୍ତ ବେହେରା, ରବୀନ୍ଦ୍ର ଭାରତୀ ବିଶ୍ୱ ବିଦ୍ୟାଳୟର ପ୍ରଫେସର ବାବୁ ମାନ୍ନା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରଗଡ଼ ଜିଲାର କଳାକାରମାନେ ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ଜିଲା ପାଇଁ ଗୌରବ ଆଣିଥିବା ଯୋଗୁ ସେମାନଙ୍କୁ ବିଭିନ୍ନ ମହଲରେ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ବରଗଡ଼ରେ ନମୋ ଯୁବ ରନ: ଗଣଦୌଡ଼




ଗଣଦୌଡ଼ର ଶୁଭାରମ୍ଭ କରାଯାଉଛି।

**ବରଗଡ଼,୨୧।୯(ପ୍ରେମାନନ୍ଦ ଖମାରୀ)**

ଜାତୀୟ ସ୍ତରରେ ଗତ ୧୭ ସେପ୍ଟେମ୍ବରଠାରୁ ଆଗାମୀ ୨ ଅକ୍ଟୋବର ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ସେବା ପକ୍ଷର ଅଂଶରୂପ ରବିବାର ବରଗଡ଼ ଜିଲା ପ୍ରଶାସନ ତଥା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ନମୋ ଯୁବ ରନ : ଗଣ ଦୌଡ଼ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମଠାରୁ ଗାନ୍ଧୀ ଛକ, ବାନ୍ଧୁଟିକ୍ରା ଛକ, ଜର୍ଜ ହାଇସ୍କୁଲ ହୋଇ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଆୟୋଜିତ ଏହି ଗଣ ଦୌଡ଼ରେ ନିଶାଦ୍ରବ୍ୟ ବ୍ୟବହାରର ଅପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ସହ ନିଶାମୁକ୍ତ ଭାରତ ଗଠନ ପାଇଁ ସୁସ୍ଥ ଜୀବନଶୈଳୀ ପ୍ରତି ଲୋକଙ୍କ ଆଗ୍ରହ ସୃଷ୍ଟି କରିବା ଲାଗି ଜିଲାର ଶତାଧିକ ଯୁବତୀ ଯୁବକ ଓ ସାଧାରଣ ନାଗରିକ ଲୋକଙ୍କୁ ସଚେତନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଫ୍ଲାଗ-ଅଫ କରି ଶୁଭାରମ୍ଭ କରିଥିବା ବେଳେ ଜିଲା ଆଥ୍‌ଲେଟିକ୍ସ ଆସୋସିଏଶନର ସମ୍ପାଦକ କିଶୋର ଚନ୍ଦ୍ର ମିଶ୍ର, ସଦସ୍ୟ ସୁରେଶ ଦାସ, ଆବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ସୁବଳ କୁମାର ନାଏକ, ନେହେରୁ ଯୁବ କେନ୍ଦ୍ର ବରଗଡ଼ର ଜିଲା ଯୁବ ଅଧିକାରୀ କମଲ ସା ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।

## ଓଏସ୍-ସିଆଇଟିର ସାର୍ଟିଫିକେଟ ବଣ୍ଟନ

**ଅତାବିରା, ୨୧।୯(ଯୁଧିଷ୍ଠିର ମହାପାତ୍ର)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ଅତାବିରାର ଅଗ୍ରଣୀ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର କ୍ଲାସ୍-ଓଡ଼ିଶା ପକ୍ଷରୁ ଓଏସ୍-ସିଆଇଟି-ଏ ପାଠ୍ୟକ୍ରମର ସଫଳତା ସହ ପାସ୍ କରିଥିବା ପରୀକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ରବିବାର ସ୍ଥାନୀୟ ଶିକ୍ଷକ ଭବନରେ ଅନୁଷ୍ଠିତ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମରେ କ୍ଲାସ ଓ ନିର୍ଦ୍ଦେଶକ ଜ୍ୟୋତିର୍ମୟୀ ଦାଶ, ବୈଷୟିକ ସଂଯୋଜକ ମାନସୀ ମହାପାତ୍ର, ମୁଖ୍ୟ ଉପଦେଷ୍ଟା ଜିତେନ୍ଦ୍ର ଦାଶଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ଯୁବ ଉଦ୍ୟୋଗପତି ତଥା ମୋଟିଭେଟର ଲୋକନାଥ ଗେଜୋ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଏସ୍-ସିଆଇଟି-ଏ ପାଠ୍ୟକ୍ରମ ୨୦୨୪ ଓ ୨୦୨୫ ଶିକ୍ଷାବର୍ଷ ୩୭ ଜଣ ସଫଳ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬ ଜଣଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## କଂଗ୍ରେସ ନେତାଙ୍କ ବିୟୋଗ

**ଅତାବିରା/ଗୋଡ଼ଭଗା ୨୧/୯ (ଯୁଧିଷ୍ଠିର ମହାପାତ୍ର / ସୁରେଶ ଦାଶ)**

ବରଗଡ଼ ଜିଲା ଅତାବିରା ବ୍ଲକ ଭୋଇପୁରା ଗ୍ରାମର ବରିଷ୍ଠ କଂଗ୍ରେସ ନେତା ପ୍ରକାଶ ତ୍ରିପାଠୀ(୫୮)ଙ୍କ ରବିବାର ବିୟୋଗ ହୋଇଯାଇଛି। ସକାଳ ସାଢେ ୬ଟାରେ ହଠାତ ତାଙ୍କ ଶରୀର ଅସୁସ୍ଥ ହେବାରୁ ଅତାବିରାର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ହୃଦ୍‌ଘାତରେ ତାଙ୍କର ଜୀବନ ଚାଲିଯାଇଥିବା ସେଠାରେ ଡାକ୍ତର ପ୍ରକାଶ କରିଥିଲେ। ତାଙ୍କ ବିୟୋଗରେ ଅତାବିରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପ୍ରକାଶ ଜଣେ ସରଳ, ସର୍ବ ଜନ ପ୍ରିୟ କର୍ମୀ ଭାବେ ପରିଚିତ ଥିଲେ। ତାଙ୍କ ପୁତ୍ର ରୋଶନ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

**ଅବସର ପରେ ବି ମାଗଣାରେ କରିବେ ଶିକ୍ଷାଦାନ**

## ଶିକ୍ଷା ବିତରଣରେ ହିଁ ବୃଦ୍ଧି ପାଇଥାଏ

**ବରଗଡ଼,୨୧।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ପାଣି ଛତରଠାରେ ଜିଲାର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଏକ ସଂକଳ୍ପ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ସଂଘର ସଂଯୋଜକ କପିଳ ବାଗଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅବସର ଗ୍ରହଣ ପରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅବୈତନିକ ଭାବେ ଆବଶ୍ୟକ ଥିବା ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ଶିକ୍ଷାଦାନ କରିବାକୁ ଆଗେଇ ଆସିବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ସାଧନ କର୍ମୀ ମୁହୁରିଆ ପ୍ରଧାନ ଶିକ୍ଷା ବିତରଣରେ ହିଁ ବୃଦ୍ଧି ପାଇଥାଏ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା, ଦିବ୍ୟକାନ୍ତି ଭୋଇ, ଶିକ୍ଷକ ଡାକ୍ତର ଭୋଇ, ସୁଧାଂଶୁ ଶେଖର ସାହୁ, ଡ ଡୋଳାମଣି ଶତପଥୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅବୈତନିକ ଶିକ୍ଷାଦାନ କରିବା ପାଇଁ ସାମୂହିକ ସଂକଳ୍ପ ନେଇଥିଲେ।

## ଜଗନ୍ନାଥ ହାଇସ୍କୁଲରେ ଶୋକସଭା

**ଗାଇସିଲେଟ,୨୧।୯(ଦୁର୍ଗାପ୍ରସାଦ ତ୍ରିବେଦୀ):** ଗାଇସିଲେଟ ବ୍ଲକ ଜଗନ୍ନାଥ ହାଇସ୍କୁଲ, କନ୍ଦାଗାଡଠାରେ ଉକ୍ତ ବିଦ୍ୟାଳୟର କିରାଣୀ ସରୋଜ କୁମାର ତ୍ରିବେଦୀଙ୍କ ଉଦ୍ଦେଶ୍ୟରେ ଶନିବାର ଗାଇସିଲେଟ ବ୍ଲକ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ବରିଷ୍ଠ ସଦସ୍ୟ ତଥା ନେତାଜୀ ହାଇସ୍କୁଲ କଟାବାହାଲ ପ୍ରଧାନ ଶିକ୍ଷକ ସୁଦର୍ଶନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଗାଇସିଲେଟ ବ୍ଲକର ସମସ୍ତ ୧୧ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଯୋଗଦାନ କରି ତ୍ରିବେଦୀଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଏବଂ ତାଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଏକ ଚାରା ରୋପଣ କରାଯାଇଥିଲା।

## ପୁନେରେ ନୂଆଁଖାଇ ଭେଟ୍‌ଘାଟ, ଗୀତ ବାଦ୍ୟରେ ଝୁମିଲେ ଦର୍ଶକ

**ପାଇକମାଳ ୨୧।୯(ବଡ ଶତପଥୀ)**

ମହାରାଷ୍ଟ୍ର ପୁଣେଠାରେ ରବିବାର ନୂଆଁଖାଇ ଭେଟ୍‌ଘାଟ୍ କଲ୍‌ଚରାଲ ଆସୋସିଏଶନ ତରଫରୁ ଅଂକୁଶରାଓ ଲାଂଡଗେ ନାଟ୍ୟଗୃହ, ଭୋଶରୀଠାରେ ଅନୁଷ୍ଠିତ ହୋଇଥିଲା। ମହାରାଷ୍ଟ୍ର ପୁଣେର ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଦ୍ୱାରା ପଞ୍ଜୀକୃତ 'ଭେଟ୍‌ଘାଟ କଲ୍‌ଚରାଲ ଆସୋସିଏଶନ' ପ୍ରତ୍ୟେକ ବର୍ଷ ଏହା ପାଳନ କରିଆସୁଛି। ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ। ଚଳିତବର୍ଷ ଓଡ଼ିଶାର ପ୍ରସିଦ୍ଧ ଲୋକନୃତ୍ୟ ଦଳ ଦୁଲଫୁଲ କଳାପରିଷଦ, ଭୁତିଆବାହାଲ ବରଗଡ଼କୁ ଆମନ୍ତ୍ରଣ କରାଯାଇଥିଲା, ଗୀତ ବାଦ୍ୟରେ ଖୁବ୍ ଝୁମିଥିଲେ ଦର୍ଶକ । କଳା ଓ ସଂସ୍କୃତିକୁ ପ୍ରଚାର ପ୍ରସାର କରିବା ପାଇଁ ସମ୍ବଲପୁରୀ ଭୁଖା ପିଲିମ ସଂଗୀତ ନିର୍ଦ୍ଦେଶକ ରମେଶ ମହାନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ଆସୋସିଏଶନ ତରଫରୁ ଭେଟ୍‌ଘାଟ୍ ବାର୍ଷିକ-ପତ୍ରିକା ଅବସରପ୍ରାପ୍ତ ଆଇପିଏସ୍ ଅଫିସର ସଞ୍ଜୀବ ପାଟଯୋଶୀ ଉନ୍ମୋଚନ କରିଥିଲେ। ଏହି ଅବସରରେ ପିଙ୍କି ଶର୍ମା ମଞ୍ଚ ପରିଚାଳନା କରିଥିଲେ।



ପୁନେଠାରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

# ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର

## ଅଧାରୁ କାମ ଛାଡ଼ି ଠିକାଦାର ଫେରାର
## ବାରଣ୍ଡାରେ ପାଠପଢୁଛନ୍ତି ପିଲା

ଟେନ୍ସା,୨୧।୯(ସମୀର କୁମାର ପାଢ଼ୀ)



ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଡେଙ୍ଗୁଲା ପଞ୍ଚାୟତ ଜଳିଢ଼ି ଗ୍ରାମରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର ପଡିରହିଛି। ଏହାର ଦାୟିତ୍ୱରେ ଥିବା ଠିକାଦାର କାମ ଛାଡି ଫେରାର ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁମାନେ ପାଠପଢ଼ାରେ ଅସୁବିଧା ଭୋଗୁଛନ୍ତି। ଗ୍ରାମର ଏକ ବାରଣ୍ଡାରେ ପିଲାମାନେ ବସି ପାଠପଢୁଛନ୍ତି। ଏନେଇ ପ୍ରଶାସନ ନିକଟରେ ଅଭିଯୋଗ କଲେ ବି କିଛି ସୁଫଳ ମିଳୁ ନ ଥିବା ଉକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବଣପାହଡ ଘେରା ଜଳିଢ଼ି ଗ୍ରାମରେ ଆଦିବାସୀ ଭୂଇଁଆ ସମ୍ପ୍ରଦାୟର ୧୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ୨୦୧୬-୧୭ରେ ଏଠାରେ ଅଙ୍ଗୱାଡି କେନ୍ଦ୍ର ନିର୍ମାଣ କରାଯାଇଥିଲା। ତାହା ଭାଙ୍ଗିଗଲା ପରେ ଜିଲା ଖଣିଜ ପାଣ୍ଠିରୁ ୨୫ଲକ୍ଷ ଟଙ୍କା ବ୍ୟୟବରାଦରେ ପୁଣି ଅଙ୍ଗୱାଡି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା। ଏହାର ନିର୍ମାଣ କାମ ଜଣେ ଠିକା ଦାରଙ୍କୁ ଦିଆଯାଇଥିଲା। ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ଠିକାଦାର ଅଧାରୁ କାମ ଛାଡି ଫେରାର ହୋଇଯାଇଛନ୍ତି। ଏନେଇ ଗ୍ରାମ ବାସୀମାନେ ବିଡିଓଙ୍କ ଠାରୁ ଆରମ୍ଭ କରି ବଣାଇଁ ଉପଜିଲାପାଳ, ସୁନ୍ଦରଗଡ଼ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ କୁନି କୁନି ପିଲାମାନେ ଗ୍ରାମର ଏକ ବରଣ୍ଡାରେ ବସି ପାଠପଢୁଛନ୍ତି। ଏନେଇ ଗ୍ରାମର କୁଳମଣି ନାଏକ କୁହନ୍ତି, ସରକାର ତୁରନ୍ତ ଅଙ୍ଗୱାଡି କେନ୍ଦ୍ର ନିର୍ମାଣ କରନ୍ତୁ,ପିଲାମାନେ ସୁରକ୍ଷିତ ଭାବେ ପାଠ ପଢି ପାରିବେ। ଉକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ଏନେଇ ଆମେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁଙ୍କୁ ପଚାରିବାରୁ, କ'ଣ ପାଇଁ ଠିକାଦାର କାମ କରୁନାହାଁନ୍ତି ଏ ସମ୍ପର୍କରେ ଆଲୋଚନା କରି ଅନ୍ୟ ଠିକାଦାର ମାଧ୍ୟମରେ ଖୁବଶୀଘ୍ର ଅଙ୍ଗୱାଡି କେନ୍ଦ୍ର ନିର୍ମାଣ କରାଯିବ ବୋଲି ପ୍ରକାଶ କରିଥିଲେ।

# ଯୋଗ,ମାନସିକ ଚାପ ପରିଚାଳନା କର୍ମଶାଳା ଉଦ୍‌ଯାପିତ




ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ର।

ସୁନ୍ଦରଗଡ଼,୨୧।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ସରକାରୀମହିଳାମହାବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟ ସ୍ତରୀୟ ୨ ଦିବସୀୟ ଯୋଗ ଓ ମାନସିକ ଚାପ ପରିଚାଳନା କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ପି.କେ. ଶତପଥୀ, ଅନିତା ଆଚାର୍ଯ୍ୟ, ପ୍ରାକ୍ତନ ଅଧକ୍ଷା ଡ. ଇନ୍ଦିରା ନାଏକ ଯୋଗଦେଇ ଧ୍ୟାନ ଓ ଯୋଗାଭ୍ୟାସ ସମ୍ପର୍କରେ ଓ ଯୋଗ ଓ ପ୍ରାଣାୟମ ସମ୍ପର୍କରେ ଶିକ୍ଷା ଦେଇଥିଲେ। ଦ୍ୱିତୀୟରେ ବୈଷୟିକ ଅଧିବେଶନରେ ବକ୍ତା ସୁରେଶ କୁମାର ମହାପାତ୍ର 'ମୁଦ୍ରା ରହସ୍ୟ' ବିଷୟରେ ଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଅଧିବେଶନରେ ଦୀପାଞ୍ଜଳି ହାସଦା ଅଧକ୍ଷତା କରି ସଭା ସଞ୍ଚାଳନ କରିଥିଲେ। ତୃତୀୟ ବୈଷୟିକ ଅଧିବେଶନରେ ବକ୍ତା ମହାପାତ୍ର ଯୋଗ ମାଧ୍ୟମରେ ଜୀବନ ଶୈଳୀର ପରିବର୍ତ୍ତନ ବିଷୟରେ ଅବଗତ କରାଇଥିଲେ। ସ୍ୱରୂପ ରଞ୍ଜନ ପଲାଇ ଅଧକ୍ଷତାକରି ସଭା ସଞ୍ଚାଳନ କରିଥିଲେ। ଚତୁର୍ଥ ଅଧିବେଶନରେ ଏହି ରାଜ୍ୟ ସ୍ତରୀୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦିରା ଗଡନାୟକ ଅଧକ୍ଷତା କରି ସଭା ସଞ୍ଚାଳନ କରିଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଡ. କୁମୁଦିନୀ ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏଭଳି କର୍ମଶାଳା ଆୟୋଜନକୁ ପ୍ରଶଂସା କରି ଏହା ଦ୍ୱାରା ଛାତ୍ରୀମାନେ ଏକ ସୁସ୍ଥ ଜୀବନ ଶୈଳୀ ପାଇଁ ଶିକ୍ଷା ଲାଭ କରି ଉପକୃତ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଭାରତୀୟ ଯୋଗ ସଂସ୍ଥାନ, ଭୁବନେଶ୍ୱରର ପି.କେ. ଶତପଥୀ ଓ ଅନିତା ଆଚାର୍ଯ୍ୟ ଯୋଗଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଶାରଦା ପ୍ରସାଦ ମହାପାତ୍ର, ଡ. ଚାରୁଲତା ନାୟକ, କର୍ମଶାଳାର ମୁଖ୍ୟ ସଂଯୋଜକ ସଞ୍ଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ସହକାରୀ ପ୍ରଫେସର ସ୍ମିତରାଣୀ ପଟେଲ ମଞ୍ଚ ପରିଚାଳନା କରିଥିଲେ।

# ରେଲୱେ ହସ୍ପିଟାଲ ପରିସରରେ ଚାରାରୋପଣ

ବନ୍ଧମୁଣ୍ଡା,୨୧।୯(ସୁବ୍ରତ ଦେ)

ବନ୍ଧମୁଣ୍ଡା ରେଲୱେ ହସ୍ପିଟାଲ ପରିସରରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡକ୍ଟର ସଞ୍ଜୀବ କୁମାର ଚାରା ରୋପଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହାପରେ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଚାରାରୋପଣ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଡକ୍ଟର ସଞ୍ଜୀବ କୁମାର ଚାରାରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ, ଗଛ ଆମ ଜୀବନର ସବୁଠୁ ବଡ଼ ଆଶୀର୍ବାଦ । ଏହା କେବଳ ସ୍ୱଚ୍ଛ ବାୟୁ ପ୍ରଦାନ କରେ ନାହିଁ, ବରଂ ପରିବେଶ ସନ୍ତୁଳନ ବଜାୟ ରଖିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ସେ କହିଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଜର୍ଜ ତିର୍କୀଙ୍କ ଶେଷକୃତ୍ୟ ସମ୍ପନ୍ନ



ଖୁନପୁରସ୍ଥିତ ପୈତୃକ ଗ୍ରାମରେ ପୂର୍ବତନ ବିଧାୟକ ସ୍ୱର୍ଗତ ଜର୍ଜ ତିର୍କୀଙ୍କ ମର ଶରୀରକୁ କବର ଦିଆଯାଉଛି।

କୁଆଁରମୁଣ୍ଡା,୨୧।୯(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ର ଆଦିବାସୀ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ମରଶରୀର ରବିବାର ସକାଳ ସାଢ଼େ ୯ଟାରେ କୁଆଁରମୁଣ୍ଡାର ଯମୁନାନାକି ଛକରେ ପହଞ୍ଚିଥିଲା। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ମରଶରୀରକୁ ପୋଲିସ ସୁରକ୍ଷାରେ ଭାଜପା କାର୍ଯ୍ୟାଳୟ, ମସଜିଦ ଛକକୁ ନିଆଯାଇଥିଲା। ସେଠାରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ବ୍ଲକ ଲିଙ୍କ ରୋଡ ହୋଇ କୁଆଁରମୁଣ୍ଡାରେ ଥିବା ଜର୍ଜଙ୍କ ବାସଭବନକୁ ତାଙ୍କ ପାର୍ଥିବ ଶରୀର ଶୋଭାଯାତ୍ରାରେ ଯାଇଥିଲା। ସେଠାରୁ କୁଆଁରମୁଣ୍ଡା ବଜରଙ୍ଗ ଛକ ଓ ୧୪୩ ନମ୍ବର ଜାତୀୟ ରାଜପଥରେ କୁମଝରିଆ ପଞ୍ଚାୟତ କାର୍ଯ୍ୟାଳୟକୁ ନିଆଯାଇଥିଲା। ତା'ପରେ ବୀରମିତ୍ରପୁର ବିଶ୍ରାମସ୍ଥଳୀ ଛକରେ ବହୁ ସଂଖ୍ୟକ ଲୋକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ଜର୍ଜଙ୍କ ଦଳୀୟ କାର୍ଯ୍ୟାଳୟକୁ ଶୋଭାଯାତ୍ରା ଯାଇଥିଲା। ଏହା ପରେ ରାଏବୋଗା ପଞ୍ଚାୟତ ହୋଇ ଖୁନପୁରସ୍ଥିତ ପୈତୃକ ଗ୍ରାମକୁ ଶୋଭାଯାତ୍ରାରେ ନିଆଯାଇଥିଲା। ଖୁନପୁର ଚର୍ଚ୍ଚ ଓ ସେଠାରୁ ତାଙ୍କ ପୈତୃକ ଘରକୁ ମର ଶରୀରକୁ ନିଆଯାଇଥିଲା। ସେଠାରେ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ତାଙ୍କର ଶେଷ ଦର୍ଶନ କରିଥିଲେ। ସେଠାରୁ ଗ୍ରାମ୍ୟ ଗ୍ରେଭିୟାର୍ଡକୁ ନିଆଯାଇ କବର ଦିଆଯାଇଥିଲା। ଏହି ସମୟରେ ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅମିତ୍ରପାଲ କୌରଙ୍କ ସହ ଜିଲା ପୋଲିସ ଜର୍ଜଙ୍କୁ ଶେଷ ସମ୍ମାନ ପୂର୍ବକ ଗାର୍ଡ ଅଫ ଅନର ଜଣାଇଥିଲେ। ସ୍ୱର୍ଗୀୟ ଜର୍ଜଙ୍କ କବର ସମ୍ପୂର୍ଣ୍ଣଭାବେ ଖ୍ରୀଷ୍ଟିଆନ୍ ପରମ୍ପରା ଅନୁଯାୟୀ କରାଯାଇଥିଲା। ଏହି ସମୟରେ ତାଙ୍କ ପତ୍ନୀ, ଝିଅ ଓ ୩ ପୁଅ ଉପସ୍ଥିତ ଥିଲେ। ୩ ପୁଅଙ୍କ ମଧ୍ୟରୁ ସାନପୁଅ ତଥା ବୀରମିତ୍ରପୁରର ବର୍ତ୍ତମାନ ବିଧାୟକ ରୋହିତ ଯୋଶେଫ ତିର୍କୀ ଉପସ୍ଥିତ ରହି ଶୋଭାଯାତ୍ରା ସଞ୍ଚାଳନ କରିଥିଲେ। ଏହି ସମୟରେ ବୀରମିତ୍ରପୁରର ପୂର୍ବତନ ବିଧାୟକ ରେମିଶ କେରକେଟା, ନୀହାର ସୁରିନ, ବରିଷ୍ଠ ନେତା ତଥା କୁଆଁରମୁଣ୍ଡା ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟା, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟାଙ୍କ ସମେତ ବୀରମିତ୍ରପୁର, କୁଆଁରମୁଣ୍ଡା, ରାଏବୋଗା, ହାତିବାରି, ନୂଆଗାଁ, ବିଶ୍ରା, ରାଉରକେଲା ଆଦି ଅଞ୍ଚଳରୁ ସହସ୍ରାଧିକ ବ୍ୟକ୍ତି ଉପସ୍ଥିତ ରହି ଜର୍ଜ ତିର୍କୀଙ୍କ ମର ଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ଶେଷ ଦର୍ଶନ କରିଥିଲେ।

# ମହାଳୟାରେ ବାହାରିଲା ଶୋଭାଯାତ୍ରା

## ପାରମ୍ପରିକ ପୋଷାକ ପିନ୍ଧି ଅଂଶଗ୍ରହଣ କଲେ ଅଞ୍ଚଳବାସୀ

ବନ୍ଧମୁଣ୍ଡା,୨୧।୯(ସୁବ୍ରତ ଦେ)

ବନ୍ଧମୁଣ୍ଡା ସି - ସେକ୍ଟରରେ ମହାଳୟା ଅବସରରେ ସ୍ଥାନୀୟ ଦୁର୍ଗାପୂଜା କମିଟି ତରଫରୁ ରବିବାର ସକାଳେ ଏକ ପାରମ୍ପରିକ ଶୋଭାଯାତ୍ରା ବାହାରିଥିଲା। ବନ୍ଧମୁଣ୍ଡାର ସି-ସେକ୍ଟର ସ୍ଥିତ ଦକ୍ଷିଣାରାତୀରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ମହିଳା ଏବଂ ପୁରୁଷ ଉଭୟ ପାରମ୍ପରିକ ପୋଷାକ ପିନ୍ଧି ଢୋଲ ଏବଂ ବାଦ୍ୟଯନ୍ତ୍ର ସହିତ ଅଂଶଗ୍ରହଣ କରିଥିଲେ। ଭକ୍ତମାନେ ଦୁର୍ଗାଙ୍କ ଆଗମନକୁ ସ୍ୱାଗତ କରି ସି-ସେକ୍ଟର କଲୋନି ପରିକ୍ରମା କରିଥିଲେ। ବନ୍ଧମୁଣ୍ଡା ଡିଜେଲ କଲୋନି ଦୁର୍ଗାପୂଜା ତରଫରୁ ମଧ୍ୟ ମହାଳୟା ଅବସରରେ ପ୍ରଭାତଫେରି ବାହାର କରାଯାଇଥିଲା।



ପାରମ୍ପରିକ ପୋଷାକ ପିନ୍ଧି ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଦୁଧ ଖଡ଼ିଆ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ସୁନ୍ଦରଗଡ଼,୨୧।୯ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ପଟୁଆଡିହି ଜଟି ପଡ଼ାଠାରେ ହିନ୍ଦୁ ଦୁଧ ଖଡ଼ିଆ ସମାଜ ଲେଫ୍ରିପଡ଼ା (କ) ପଟୁଆଡିହି ଗୁଡ଼ି ପକ୍ଷରୁ ରବିବାର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଡ଼ି ସଭାପତି ଟେଟେଙ୍ଗ ଟେଟେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟିକା କୁସୁମ ଟେଟେ, ରୁବି ନାଏକ, ସିଶୋ ଡୁଙ୍ଗଡୁଙ୍ଗ, ଦୁର୍ଗା କୁଲୁ, ରାଜ କୁମାର କିଡୋ, ଦୁବରାଜ ଖଡ଼ିଆ, ଧନୀରାମ ଖଡ଼ିଆ,ପୁଷ୍ପନ ଖଡ଼ିଆ ପ୍ରମୁଖ ଯୋଗଦେଇ ଜାତି ସମାଜର ଆରାଧ୍ୟ ଦେବତାଙ୍କୁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ନଅ ଭାଇ ନଅ ଗୋତ୍ର ଯଥା ସରେଙ୍ଗ, ଡୁଙ୍ଗ ଡୁଙ୍ଗ, କୁଲୁ ,କେରକେଟା,ବିଲୁଙ୍ଗ ବାଲା, ଟେଟେ,କିଡୋ ,ଟପୋ ଆଦିର ବଂଶ ଝଣ୍ଡାକୁ ପୂଜାର୍ଚ୍ଚନା କରାଯାଇଥିଲା। ଜିଲାର ମୋଟ ୧୦ ଟି ଗୁଡ଼ିର ସଭାପତି, ସମ୍ପାଦକ, ୱାର୍ଡ ମେମ୍ବରଙ୍କ ସମେତ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଶ୍ୟାମସୁନ୍ଦର କିଡୋ କରିଥିବା ବେଳେ ଦିନ ତମାମ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ଆଦିବାସୀ ନୃତ୍ୟ, ନୃତ୍ୟ ନାଟିକା ଭଳି ଅନେକ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ହୋଇଥିଲା। ନୂଆଁ ଅନ୍ନର ଭୋଗ ସହ ଅନେକ ସୁସ୍ୱାଦୁ ପିଠା ସମସ୍ତଙ୍କୁ ବଣ୍ଟା ଯାଇଥିଲା। ସମାଜ ପକ୍ଷରୁ ହୋଇଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା କୃତି ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କପିଲ କେରକେଟା, କମଳ ବିଲୁଙ୍ଗ, ଶୁଭ କେରକେଟା, ଗୀତା ଡୁଙ୍ଗଡୁଙ୍ଗ, ସୂର୍ଯ୍ୟମଣି କିଡୋ, ରାଜେଶ ବାଲା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଦୁଧ ଖଡ଼ିଆ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସ୍କାଉଟ୍ସ, ଗାଇଡ୍ସ ତରଫରୁ ବିଶ୍ୱଶାନ୍ତି ଦିବସ

କୁତ୍ରା,୨୧।୯(ଦେବାଶିଷ ସାହୁ)

କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ସ୍କାଉଟ୍ସ ଏବଂ ଗାଇଡ୍ସ ତରଫରୁ ବିଶ୍ୱ ଶାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସ୍କାଉଟ୍ସ ଓ ଗାଇଡ୍ସ ବିଦ୍ୟାଳୟ ପରିବେଶ ସଫା କରିବା ସହ ଗଛ ଲଗାଇବା, ପକ୍ଷୀଙ୍କ ପାଇଁ ବସା ତିଆରି କରିବା, ଦୈନନ୍ଦିନ ଜୀବନରେ ପରିଷ୍କାର ପରିଚ୍ଛନ୍ନତା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଓଡ଼ିଶି ଗାଇଡ୍ସ ଦୀପିକା କେର୍କେଟାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍କାଉଟ୍ସ ମାଷ୍ଟର ଧ୍ରୁତିସୁନ୍ଦର ସାହୁ, ଅବିନାଶ କର, ସ୍ମିତିସ୍ୱରୂପ ଦାସ, ଗାଇଡ୍ସ କ୍ୟାପଟେନ ମଞ୍ଜୁ ଏକ୍କା, ଭେରୋନିକା ଏକ୍କା ପ୍ରମୁଖ ସହଯୋଗ କରିଥିଲେ। ଏଥିପାଇଁ ବିଦ୍ୟାଳୟ ପରିସରରେ ଶାନ୍ତି ରାଲି ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଥିରେ ଶାନ୍ତି ଓ ଏକତା ପାଇଁ ଆଗେଇ ଆସିବାକୁ ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡ୍ସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

# କିଷାନ ସମାଜର ନୂଆଁଖାଇ ଭେଟ୍‌ଘାଟ୍



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୁତ୍ରା,୨୧।୯(ଦେବାଶିଷ ସାହୁ)

କୁତ୍ରା କଲ୍ୟାଣମଣ୍ଡପଠାରେ ସୁନ୍ଦରଗଡ଼ ଜିଲା କିଷାନ ସମାଜ ତରଫରୁ ଜିଲା ସଭାପତି ଦେବେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ରବିବାର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥିଭାବେ ରାଜ୍ୟ ସଭାପତି ସୁନୀଲ କିଷାନ, କୋଷାଧ୍ୟକ୍ଷ ବିଚନା ମାଝୀ, ଦେବଗଡ଼ ଜିଲା ସଭାପତି ଯୁଧିଷ୍ଠିର କିଷାନ, ସମାଜସେବୀ ଦୟଲେ କିଷାନ, ବ୍ଲକ ଅଧ୍ୟକ୍ଷ ଶକ୍ତିଲତା ଲାକଡ଼ା, କୁତ୍ରା ସରପଞ୍ଚ ଭୁବନ କୁଜୁର, ଜିଲା ଉପ ସଭାପତି ନରସିଂହ ମିଞ୍ଜ, କରିଲେଶ୍ୱର ଟପ୍ପୋ, ପୁଷ୍କର କିଷାନ, ଦୀନବନ୍ଧୁ କିଷାନ, ପ୍ରେମଚାନ୍ଦ କିଷାନ, ନବୀନ କିଷାନ, ବାଜି କିଷାନ, ଜୟଦେବ କିଷାନ, ଜୟରାଜ କିଶାନ, ହିରନ କୁଜୁର, ଉପେନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ପାରମ୍ପରିକ ନାଚଗୀତ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ସମ୍ପାଦକ କ୍ରିଷ୍ଣା ଲାକଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସପନା ମିଞ୍ଜ ଓ ଚନ୍ଦ୍ରମଣି ଏକ୍କା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲାର ବହୁ କିଷାନ ସମାଜର ଭାଇ ଭଉଣୀ ଉପସ୍ଥିତ ରହି ଏହି ଭାଇଚାରାର ପର୍ବ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ହେମଗିର ବିକାଶ ସଂଘ ପକ୍ଷରୁ ଖାଲଖମା ରାସ୍ତା ମରାମତି

ହେମଗିରି,୨୧।୯(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିରିସ୍ଥିତ ଖାଉରେଶ୍ୱର ମନ୍ଦିର ରାସ୍ତା ଖାଲଢିମାରେ ପରିପୂର୍ଣ୍ଣ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେବା ସହ ଦୁର୍ଘଟଣାର ଶିକାର ହେଉଥିଲେ। ଏହାକୁ ଦେଖି ରବିବାର ହେମଗିର ବିକାଶ ସଂଘର ସଦସ୍ୟମାନେ ବାଲି ପକାଇ ଖାଲଖମା ରାସ୍ତା ମରାମତି କରିଛନ୍ତି। ତେବେ ସଂଘର ଏପରି ପ୍ରୟାସକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଏହି ଅବସରରେ ସଞ୍ଜୟ ରାଏ, ଦନାର କଛିଆ, ପ୍ରମୋଦ ଭୈଷାଲ, କୈଳାଶ ଦର୍ଜି, ଅଶ୍ୱିନ ରାଏ, ପ୍ରମୋଦ ବାଲା, ସରୋଜ କାଣ୍ଡୁ, ସିବାନ୍ତୁ କୁମାର, ପିଣ୍ଟୁ ନାଏକ, ରାକେଶ ମହାନନ୍ଦ, ରାଜୀବ ମହାନନ୍ଦିଆ, ଅଞ୍ଜନ ବିଶାର, ମହେନ୍ଦ୍ର ବିଶାର, ବିଷ୍ଣୁ ମାହର, ରାଜା ମାହର, ଦୁବାସ ସଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।




ସଂଘର ସଦସ୍ୟମାନେ ରାସ୍ତା ମରାମତି କରୁଛନ୍ତି।

# ଶ୍ରାଦ୍ଧ ବାର୍ଷିକୀରେ ୬୧ ଚାରାରୋପଣ

ସୁନ୍ଦରଗଡ଼,୨୧।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ପୁଲୁଝୁଡ଼ି ଗ୍ରାମର ପୂର୍ବତନ ବିଧାୟକ ନାଏକ ନିରଞ୍ଜନଙ୍କ ସ୍ୱର୍ଗୀୟ ଧର୍ମପତ୍ନୀ କ୍ଷୀତେଶରୀ ପଟେଲଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ୬୧ଟି ଚାରା ରୋପଣ କରି ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଗ୍ରିନ ମେମୋରୀ କ୍ୟାମ୍ପେନ ତରଫରୁ ନିଜ ପତ୍ନୀଙ୍କ ୬୧ତମ ଜନ୍ମ ଦିବସକୁ ଚିର ସ୍ମରଣୀୟ କରିବା ପାଇଁ ନିଜର ପରିବାର ଓ ବନ୍ଧୁବର୍ଗଙ୍କ ସହଯୋଗରେ ଚାରା ରୋପଣ କରାଯାଇଥିଲା। ତାଙ୍କର ପୈତୃକ ଗ୍ରାମ ପୁଲୁଝୁଡ଼ିଠାରେ ପରିବାର ବର୍ଗ, ଗ୍ରାମବାସୀ, ଗ୍ରିନ ମେମୋରୀ କ୍ୟାମ୍ପେନ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଏକ ସ୍ମୃତି ସଭା ଓ ଚାରା ରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ପୂର୍ବତନ ବିଧାୟକ କୁସୁମ ଟେଟେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସ୍ୱର୍ଗତ କ୍ଷୀତେଶରୀ ପଟେଲଙ୍କ ସ୍ମୃତି ଚାରଣ କରିବା ସହ କହିଥିଲେ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯଦି କେହି ଆମର ପ୍ରକୃତ ବନ୍ଧୁ ହେବେ ସେ ହେଉଛି ବୃକ୍ଷ। ଏଣୁ ସମସ୍ତେ ବ୍ୟାପକ ଭାବରେ ଚାରା ରୋପଣ କରିବା ସହ ଏହାର ଆଜୀବନ ସୁରକ୍ଷା ନେବା ନିମନ୍ତେ ବଦ୍ଧ ପରିକର ହେବାର ଆବଶ୍ୟକତା ରହିଛି। ଗ୍ରିନ ମେମୋରୀ କ୍ୟାମ୍ପେନର ପ୍ରତିଷ୍ଠାତା ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗମ୍ବର ଉପାଧ୍ୟାୟ କହିଥିଲେ ଯେ, କୌଣସି ପ୍ରିୟଜନଙ୍କୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଦେବାର ଅର୍ଥପୂର୍ଣ୍ଣ ଉଦାହରଣ ହେଉଛି ଚାରା ରୋପଣ ଓ ଏହାର ଆଜୀବନ ଯତ୍ନ। କ୍ଷୀତେଶରୀ ପଟେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ କରାଯାଉଥିବା ଏହି ନିଆରା ଚାରା ସମସ୍ତଙ୍କୁ ଅନୁପ୍ରାଣିତ କରିବା ସଙ୍ଗେ ସଙ୍ଗେ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ଦିଗରେ ସହାୟକ ହେବ। ଏହି ଅବସରରେ ଉଜଳପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ସ୍ନେହାଙ୍ଗିନୀ ବଡେଲ, ଅବସର ପ୍ରାପ୍ତ ବନାଞ୍ଚଳ ଅଧିକାରୀ ପ୍ରଦୀପ ପଟେଲ, ସ୍ୱର୍ଗୀୟା କ୍ଷୀତେଶରୀଙ୍କ ପୁଅ ମଲୟ, ଝିଅ ମଧୁସ୍ମିତା, ବୋହୂ ଦୀପ୍ତି, ଝିଅ ନାତି ଶ୍ରେୟାଂଶ ଓ ଆଦର୍ଶ, ଝିଅର ବିଜୟ ନାଏକ ତଥା ପୁଲୁଝୁଡ଼ି ଓ ଆଖପାଖ ଗ୍ରାମର ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଗ୍ରିନ ମେମୋରୀ କ୍ୟାମ୍ପେନ ତରଫରୁ ହରିପ୍ରିୟା ନାଏକ, ଅମିୟ ରଞ୍ଜନ ଲେଙ୍କା, ସୌମ୍ୟ ରଞ୍ଜନ ପ୍ରଧାନ, ସୁବ୍ରତ ସାମଲ, ସୁନୀଲ ତ୍ରିପାଠୀ, ବିମଳ ଧୁରୁଆ ପୁଲୁଝୁଡ଼ି ବନ ସୁରକ୍ଷା ସମିତିର ସଭ୍ୟ ପ୍ରମୁଖ ପରିଚାଳନା କରିଥିଲେ।



# ମା’ ସମଲେଇଙ୍କ ଧବଳମୁଖୀ ବେଶ ଦର୍ଶନ କଲେ ଭକ୍ତ

ସମ୍ବଲପୁର,୨୧ା୯(ପ୍ରମୋଦ ବହିଦାର)

ସମ୍ବଲପୁରର ଇଷ୍ଟଦେବୀ ଶକ୍ତି ସ୍ୱରୂପା ମା’ ସମଲେଶ୍ୱରୀ ବର୍ଷ ତମାମ ସିନ୍ଦୂରବର୍ଣ୍ଣରେ ଭକ୍ତଙ୍କୁ ଦର୍ଶନ ଦେଉଥିବାବେଳେ ରବିବାର ଆଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ତିଥି ପବିତ୍ର ମହାଳୟାରେ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି। ମା’ ଏହି ଧବଳମୁଖୀ ବେଶରେ ଆସନ୍ତା ଅଢ଼େଇ ଦିନ ପର୍ଯ୍ୟନ୍ତ ଅର୍ଥାତ ରବିବାରଠାରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ତେବେ ମା’ଙ୍କ ଧବଳମୁଖୀ ବେଶ ଦର୍ଶନରେ ମା’ ସରସ୍ୱତୀ ଓ ଗଙ୍ଗା ଦର୍ଶନ ଭଳି ପୂଣ୍ୟ ଅର୍ଜନ କରିବାର ସୌଭାଗ୍ୟ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ରବିବାର ମା’ଙ୍କ ଏହି ବେଶ ଦର୍ଶନ ପାଇଁ ସମଲେଶ୍ୱରୀଙ୍କ ପୀଠରେ ସମଗ୍ର ସମ୍ବଲପୁର ସହିତ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହିତ ମା’ଙ୍କୁ ଧବଳମୁଖୀ ବେଶରେ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏସମ୍ପର୍କିତ ସୂଚନା ଦେଇ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ କହିଛନ୍ତି, ରବିବାର ଭୋର ୪ ଟାରୁ ମନ୍ଦିର ଦ୍ୱାରା ଫିଟା ହୋଇଥିଲା। ଏହାବାଦ ୪ଟା ୩୦ରେ



ସମ୍ବଲପୁରରେ ମା’ ସମଲେଇଙ୍କ ଧବଳମୁଖୀ ବେଶ।

- ଧାଡ଼ି ଦର୍ଶନରେ ଭକ୍ତଙ୍କ ପାଇଁ ପାନୀୟ ଜଳ, ପଙ୍ଖା ଓ ବସିବା ବ୍ୟବସ୍ଥା
- ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ଧବଳମୁଖୀ ବେଶରେ ଦର୍ଶନ ଦେବେ ମା’
- ସକାଳ ୫ଟାରୁ ଆରମ୍ଭ ହେଲା ଭକ୍ତଙ୍କ ଦର୍ଶନ

ମଙ୍ଗଳ ଆଳତୀ ପରେ ସକାଳ ୫ଟାରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଉନ୍ମୁକ୍ତ କରାଯାଇଥିଲା। ବିଗତ ଦିନର ଅନୁଭୂତି ଅନୁସାରେ ମନ୍ଦିର ଟ୍ରଷ୍ଟବୋର୍ଡ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଧାଡ଼ି ଦର୍ଶନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ଧାଡ଼ିରେ ଭକ୍ତଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ, ପଙ୍ଖା ସହିତ ବସିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିପରି ଦର୍ଶନ ପରେ ଭକ୍ତଙ୍କ ପ୍ରସ୍ଥାନ ପାଇଁ ଗାଲିଚା ବିଛାଇବା ଭଳି ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ଯଦ୍ୱାରା ଭକ୍ତ ଓ ଶ୍ରଦ୍ଧାଳୁ ଠିକ ମାର୍ଗରେ ପ୍ରସ୍ଥାନ କରିବାରେ ସକ୍ଷମ ହେଉଛନ୍ତି। ଏହା ବ୍ୟତୀତ ଭକ୍ତ, ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ସକାଶେ ଯେକୌଣସି ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୋଲିସ ସୁରକ୍ଷା କର୍ମୀ ମୁତୟନ ସହିତ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଦୁଇଟି ସ୍ୱାସ୍ଥ୍ୟସେବୀଙ୍କ ଦଳ ମଧ୍ୟ ନିୟୋଜିତ ହୋଇଛନ୍ତି। ଏହା ସହିତ ଜରୁରୀକାଳିନ ପରିସ୍ଥିତିରେ ଅସୁସ୍ଥତା ଅନୁଭବ କରୁଥିବା ଭକ୍ତଙ୍କ ପାଇଁ ଏକ ଶୀତତାପ ନିୟନ୍ତ୍ରିତ ସ୍ୱତନ୍ତ୍ର କକ୍ଷ(ରିକଭରି ରୁମ୍)ର ମଧ୍ୟ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ସକାଳ ୫ଟାରୁ ରାତି ୧୦ ପର୍ଯ୍ୟନ୍ତ ମା’ଙ୍କ ଧବଳମୁଖୀ ବେଶ ଦର୍ଶନ ଜାରି ରହିବ। ତେବେ ପ୍ରତିଦିନ ପୂର୍ବାହ୍ନ ୧୧ଟା ୪୫ରୁ ୧୨ଟା ୩୦ ପର୍ଯ୍ୟନ୍ତ ଅନ୍ନଭୋଗ ଲାଗି ଓ ସନ୍ଧ୍ୟା ୭ଟା ୪୫ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ମା’ଙ୍କ ସନ୍ଧ୍ୟା ଆଳତୀ ପାଇଁ ଦର୍ଶନ ବନ୍ଦ ରହିବ। ପ୍ରତିଦିନ ରାତି ୧୦ଟା ୩୦ରେ ମା’ଙ୍କ ପହଡ଼ ନୀତି ପାଳନ କରାଯିବ ବୋଲି ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ବାବୁ ସୂଚନା ଦେଇଛନ୍ତି। ସେହିପରି କାଳାବଜାରସ୍ଥିତ ମା’ ପାଟଣେଶ୍ୱରୀ, ଦଳେଇପଡ଼ାସ୍ଥିତ ମା’ ବାଟମଙ୍ଗଳା, ମୋଦିପଡ଼ାସ୍ଥିତ ମା’ ଭୁବନେଶ୍ୱରୀ ଓ ଫାଟକର ମା’ ମହାମାୟା ମଧ୍ୟ ଧମଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ।

## ନିଶା କାରବାର ବନ୍ଦ ପାଇଁ ରାସ୍ତାରୋକୋ




ସୁନାପାଲିରେ ନିଶା କାରବାର ବନ୍ଦ ଦାବିରେ ମୁସଲିମ ମହିଳା ରାସ୍ତାରୋକୋ କରୁଛନ୍ତି।

ସମ୍ବଲପୁର:୨୧ା୯(ଭବାନୀ ଶଙ୍କର ଭୋଇ)

ନିଶା କାରବାର ବନ୍ଦ ପାଇଁ ରବିବାର ସୁନାପାଲି ଛକରେ ରାସ୍ତାରୋକୋ କରାଯାଇଥିଲା। ସମ୍ବଲପୁର ସହରର ସୁନାପାଲି ଅଞ୍ଚଳ ନିଶାଦ୍ରବ୍ୟ ବିକ୍ରିର ପେଣ୍ଠସ୍ଥଳୀ ପାଲଟିବାରେ ଲାଗି ଥିବା ସ୍ଥାନୀୟ ମହିଳାମାନେ କହିଛନ୍ତି। ତେଣୁ ଯୁବକଙ୍କୁ ନିଶାରୁ ଦୁରେଇ ରଖିବା ପାଇଁ ଏବଂ ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ସ୍ଥାନୀୟ ମୁସଲିମ ମହିଳାମାନେ ରାସ୍ତାକୁ ଓହ୍ଲାଇଥିଲେ। ବହୁସଂଖ୍ୟାରେ ମହିଳାମାନେ ନିଶା ବନ୍ଦ ଦାବିନେଇ ସୁନାପାଲି ମୁଖ୍ୟ ରାସ୍ତାକୁ ଅବରୋଧ କରି ରାସ୍ତା ଉପରେ ପ୍ଲାଗ କାର୍ଡ ଧରି ବସି ପ୍ରତିବାଦ କରିଥିଲେ। ମହିଳାଙ୍କ ଅଭିଯୋଗ, ସୁନାପାଲି ଅଞ୍ଚଳର ପ୍ରାୟ ଘରେ ଘରେ ବେଆଇନ ଭାବେ ମାଦକ ଦ୍ରବ୍ୟ ବିକ୍ରି କରାଯାଉଛି। ଏହି ନିଶାକୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ସେବନ କରି ବିଭିନ୍ନ ଅପରାଧିକ ଘଟଣାରେ ଛନ୍ଦି ହୋଇ ଭବିଷ୍ୟତ ଅନ୍ଧାର କରୁଛନ୍ତି। ନିଶା ଯୋଗୁ କିଛି ଦିନ ଭିତରେ ସୁନାପାଲି ଅଞ୍ଚଳର ବହୁ ପିଲାଙ୍କ ହତ୍ୟା କାଣ୍ଡ ହୋଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ମହିଳାମାନେ ନିଶା ବନ୍ଦ କରିବା ସହ ଯେଉଁମାନେ ସୁନାପାଲି ଅଞ୍ଚଳରେ ବେଆଇନ ଭାବରେ ନିଶା ବିକ୍ରି କରୁଛନ୍ତି ତାଙ୍କ ଘର ଭଙ୍ଗା ଯାଉ ବୋଲି ଦାବି କରିଛନ୍ତି। ଘଟଣା ସ୍ଥଳରେ ଧନୁପାଲି ପୋଲିସ ଅଧିକାରୀ ଆଦିତ୍ୟ ମହାକୁଡ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିଥିଲେ। ଏହାସହ ନିଶା ବନ୍ଦ ହେବାପାଇଁ ଆଶ୍ୱାସନା ମଧ୍ୟ ଦେଇଥିଲେ। ତେବେ ରାସ୍ତା ରୋକୋ କରିଥିବା ମହିଳାମାନେ ଧନୁପାଲି ଥାନା ଅଧିକାରୀଙ୍କୁ ସନାପାଲି ଅଞ୍ଚଳରେ ନିଶା ବିକ୍ରି କରୁଥିବା ଲୋକଙ୍କ ନାମ ତାଲିକା ପ୍ରଦାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଧନୁପାଲି ଥାନା ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ପ୍ରତିଶ୍ରୁତି ଦିଆଯିବା ପରେ ମହିଳାମାନେ ରାସ୍ତାରୁ ଉଠିଥିଲେ।

## ସଂକ୍ଷେପରେ

### ମା’ ଭୁବନେଶ୍ୱରୀଙ୍କର ମୂର୍ତ୍ତିରେ ଖଡ଼ି ଛୁଆଁ

ସମ୍ବଲପୁର,୨୧ା୯(ବି.ଶଙ୍କର)

ସମ୍ବଲପୁର ସହର ଗୋବିନ୍ଦତୋଳା ଦୁର୍ଗାପୂଜା କମିଟି ପକ୍ଷରୁ ପବିତ୍ର ମହାଳୟା ତିଥିରେ ବିବିଧ କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନ ୧୧ଟା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଶ୍ରୀଶ୍ରୀ ବୀର ବଜରଙ୍ଗ ହନୁମାନଙ୍କର ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା କରାଯାଇଥିଲା। ପଣ୍ଡିତ ଜଗଦୀଶ ପ୍ରସାଦ ଦାଶଙ୍କର ତତ୍ତ୍ୱାବଧାନରେ ପୂଜା ହେଲା ପରେ ହନୁମାନ ଝଣ୍ଡା ସ୍ଥାପିତ ହୋଇଥିଲା। ଏଥିସହ ଦୁର୍ଗାପୂଜା ପାଇଁ ନିର୍ମାଣ ହେଉଥିବା ଭୁବନେଶ୍ୱରୀ ମୂର୍ତ୍ତିଙ୍କଠାରେ ଖଡ଼ି ଛୁଆଁ ପର୍ବ ଅନୁଷ୍ଠିତ ହେଉଛି। ଚଳିତ ବର୍ଷର କର୍ତ୍ତା ଦାଶରଥି ପଣ୍ଡାଙ୍କର ସହ ପୂଜା କମିଟିର ଦୀପକ ପଣ୍ଡା, ଗୌରୀଦାସ ପଣ୍ଡା, ପ୍ରଦୀପ ପାଢ଼ୀ, ଶ୍ରୀକାନ୍ତ ପଣ୍ଡା,ରଞ୍ଜିତ ରଥ, ସୂର୍ଯ୍ୟ ପାଣିଗ୍ରାହୀ, ହେମନ୍ତ ପଣ୍ଡା, ଅଜୟ ସାହୁ, ପ୍ରକାଶ ପଣ୍ଡା, ପ୍ରତୀକ ପଣ୍ଡା, ଗୁଲୁ ବଡ଼ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆଶିଷ ସାହୁ, ବୈଷ୍ଣବୀ ପଟ୍ଟନାୟକ ଶ୍ରେଷ୍ଠ ଖେଳାଳି



ସମ୍ବଲପୁର ଜୁଡୋ ହଲଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଜୁଡୋ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳିମାନେ।

ସମ୍ବଲପୁର,୨୧ା୯(ବି.ଶଙ୍କର)

**ସମ୍ବଲପୁର ଜିଲ୍ଲାସ୍ତରୀୟ ଜୁଡୋ ପ୍ରତିଯୋଗିତା**

ସମ୍ବଲପୁର ଜିଲ୍ଲାସ୍ତରୀୟ ଜୁଡୋ ପ୍ରତିଯୋଗିତା ରବିବାର ପୂର୍ବାହ୍ନ ୧୦ଟାରେ ସମ୍ବଲପୁର କଚେରି ନିକଟସ୍ଥ ଜିଲ୍ଲା ଜୁଡୋ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଆଶିଷ କୁମାର ସାହୁ ଓ ବୈଷ୍ଣବୀ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଲଜପତ ରାଏ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟାନନ୍ଦ ବେହେରା ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ପ୍ରଫୁଲ୍ଲ କୁମାର ଦାଶ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ପ୍ରତିଯୋଗିତାରେ କିଞ୍ଜଲ ଅଗ୍ରୱାଲ, ନାନୁ କେଓଟ, ନୁପୁର କାଲୁ, ବିଦ୍ୟାଶ୍ରୀ ଦାସ, ବୈଷ୍ଣବି ପଟ୍ଟନାୟକ, ଆଶିଷ କୁମାର ସାହୁ, ଜିଜ୍ଞାନଶୁ ଦୁର୍ଗା, ଏମଡି ଶୟଦ, ଉପେଶ ନନ୍ଦ, ବରୁଣ ଛୁରା, ପ୍ରଣବ ସାହୁ ଓ ଏମଡି ଜାହାନଜେବ ଅଲ୍ଲୀ ଖାନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଜମୁନା ମିର୍ଦ୍ଧା, ପ୍ରୀତି ମିର୍ଦ୍ଧା, ଆରାଧ୍ୟା ନାହାକ, ସୁମନ ବିଶ୍ୱକର୍ମା, ଗୁନମିତି କୌର, ସମିର ବେହେରା, ପ୍ରତ୍ୟୁଷମାନ ଗୁରୁଙ୍ଗ, ସୁମିତ ମହାନନ୍ଦ, ମଣ୍ଟୁ ଜୁଆଡି, ବିଦ୍ୟାଧର ବାଦୀ, ଆୟୁଷ୍ମାନ ବେହେରା ଓ ଅଂଶୁମାନ ପଟ୍ଟନାୟକ ରୌପ୍ୟ ପଦକ ହାସଲ କରିଥିବାବେଳେ ନନ୍ଦିନୀ ମାଝି, ଜୟା ଘୋଷ, ବୈଷ୍ଣବୀ ବରିହା, ଖିତିଶ ମୋହନ ବେଉରିଆ, ହର୍ଷବର୍ଦ୍ଧନ କର୍ନ, ବବୁଲ ନାଏକ, ନିଖିଲ ସାହୁ, ସାଇ ଆଦିତ୍ୟ ଓ ଜଗନ୍ନାଥ ବରିହା ପ୍ରମୁଖ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଚଳିତ ମାସ ୨୮ତାରିଖ ଖୋର୍ଦ୍ଧା ଜିଲ୍ଲା ଜଟଣିଠାରେ ହେବାକୁ ଥିବା ରାଜ୍ୟ ଜୁଡୋ ପ୍ରତିଯୋଗିତା ହେବ। ଏଥିରେ ସମ୍ବଲପୁର ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରୁଥିବା ଖେଳାଳିମାନେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମ୍ବଲପୁର ଜିଲ୍ଲା ଜୁଡୋ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ବିଚାରକ କାର୍ଯ୍ୟ ସମ୍ପାଦନ କରିଥିଲେ। ପୁଷ୍ପାଞ୍ଜଳି ସାହୁ, ଦିବ୍ୟକରିସ୍ମା ପୃଷ୍ଟି, ସ୍ନିଗ୍ଧାରାଣୀ ଭାଜି ବିଚାରକ ଦାୟିତ୍ୱ ବହନ କରିଥିଲେ। ସେହିପରି ଗାୟତ୍ରୀ ମିଶ୍ର ଓ ସୋନୁ ପ୍ରସାଦ ସୋନାର ରେଫରୀ ଦାୟିତ୍ୱ ତୁଲାଇଥିଲେ।

## ଦିନକ ପରେ ପୁଣି ଖୋଲିଲା ହୀରାକୁଦ ଜଳଭଣ୍ଡାର ଗେଟ୍

ସମ୍ବଲପୁର,୨୧ା୯(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ରବିବାର ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତାରେ ପହଞ୍ଚିଛି। ଫଳରେ ଦିନକ ପରେ ପୁଣିଥରେ ଜଳଭଣ୍ଡାରର ସ୍ଲୁଇସ୍ ଗେଟ୍ ଖୋଲି ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ହୋଇଛି। ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ସାମାନ୍ୟ ଅଧିକ ଥିବାରୁ ଜଳସ୍ତରକୁ ବଜାୟ ରଖିବା ପାଇଁ ପୁଣିଥରେ ଜଳଭଣ୍ଡାରର ୪ଟି ସ୍ଲୁଇସ୍ ଗେଟ୍‌କୁ ପର୍ଯ୍ୟାୟ କ୍ରମେ ଖୋଲା ଯାଇଛି। ରବିବାର ରାତି ୯ଟା ୩୦ରେ ହସ୍ତଗତ ସର୍ବଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳପତ୍ତନ ଏହାର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ମୋଟ୍ ୧ ଲକ୍ଷ ୦୨ ହଜାର ୨୨୬ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ସମାନ ପରିମାଣର ବନ୍ୟାଜଳ ନିଷ୍କାସିତ ମଧ୍ୟ ହେଉଛି। ସେଥିମଧ୍ୟରେ ଜଳଭଣ୍ଡାର ବାମ ପାର୍ଶ୍ୱସ୍ଥ ୩ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ଗୋଟିଏ ମିଶି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୬୫ ହାଜର ୭୬୦ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି।

# ଯୁବକଙ୍କୁ ଅପହରଣ ଉଦ୍ୟମ: ୪ ଗିରଫ

ସମ୍ବଲପୁର,୨୧ା୯(ପ୍ରମୋଦ ବହିଦାର)

ବିଭିନ୍ନ ଶିଳ୍ପ ସଂସ୍ଥାର ବର୍ଜ୍ୟବସ୍ତୁ ପରିବହନ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ଅପହରଣ ଉଦ୍ୟମ କରୁଥିବା ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡର ମୂଳବାସିନ୍ଦା ଓ ବର୍ତ୍ତମାନ ସମ୍ବଲପୁର ବରେଇପାଲି ଗୁରୁଦ୍ୱାରରେ ରହୁଥିବା ରମଣ ଦୀପ ସିଂ(୨୨), ପଞ୍ଜାବ ଅମୃତସର ଜିଲ୍ଲା ୱାଡଲା ଖୁର୍ଦ୍ଦର ମନ୍‌ପ୍ରୀତ ସିଂହ(୫୦), ଝାଡ଼ଖଣ୍ଡ ସିଂଭୂମ୍ ଜିଲ୍ଲା ବର୍ମା ମାଇନ୍ସ ଅଞ୍ଚଳର ମନ୍‌ଜୋତ ସିଂ(୨୩) ଓ ଗଲୁଦିନ ଥାନା ପାଟ୍‌ମାଉଲିଆର ସରବ୍‌ଜିତ ସିଂ(୩୪)। ସେମାନଙ୍କ ନିକଟରୁ ଅପହରଣରେ ବ୍ୟବହୃତ ଗାଡ଼ି ସହିତ ଧାରୁଆ ଅସ୍ତ୍ର, ଏକ ମୋବାଇଲ ଫୋନକୁ ଜବତ କରିଛି ପୋଲିସ। ସୂଚନାଯୋଗ୍ୟ, ପରିବହନ କମ୍ପାନୀର ମାଲିକ ମନୋଜ ବହିଦାରଙ୍କ ଅଧିନରେ ରମଣଦୀପ କେତୋଟି ଭାରିଯାନ ପରିବହନ କାର୍ଯ୍ୟରେ ନିୟୋଜିତ କରିବାକୁ ଠିକାରେ ଦେଇଥିଲେ। ତେବେ ଏବାବଦ ପ୍ରାପ୍ୟ ନେଣଦେଣକୁ ନେଇ ବିବାଦର ସୂତ୍ରପାତ ହୋଇ ଶନିବାର ଗାଡ଼ି ମାଲିକ ରମଣଦୀପ ଅନ୍ୟ ୩ ଜଣଙ୍କ ସହିତ ସମ୍ବଲପୁର ଆସି ଅଇଁଠାପାଲିସ୍ଥିତ ମନୋଜଙ୍କ ନିଜସ୍ୱ କାର୍ଯ୍ୟାଳୟରେ ପଶି ତାଙ୍କୁ ବିଭିନ୍ନ ଧାରୁଆ ଅସ୍ତ୍ରଶସ୍ତ୍ର ସହିତ ମୁଥ, ଗୋଇଠା ଆଦିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାସହିତ ତାଙ୍କୁ ତାଙ୍କ କାର୍ଯ୍ୟାଳୟରୁ ଘୋଷାଡ଼ି ନେଇ ଏକ ଗାଡ଼ି ଜେଏଚ୍-୦୫-ଡିଜେଡ-୯୯୯୯ରେ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର କିଛିବାଟ ଗଲା ପରେ ମନୋଜ କୌଶଳ କ୍ରମେ ସେମାନଙ୍କ କବଳରୁ ଖସି ଆସି ଅଇଁଠାପାଲି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଅଇଁଠାପାଲି ଥାନାରେ ଏକ ମାମଲା ରୁଜୁ କରିବା ସହ ହସ୍ତଗତ ହୋଇଥିବା ସିସିଟିଭି ଫୁଟେଜ୍ ଜରିଆରେ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ତତ୍ପରତା ଫଳରେ ସମସ୍ତ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା ପୋଲିସ। ସେମାନଙ୍କୁ ଥାନାକୁ ଆଣି ପଚରାଉଚର କରିବା ପରେ ରବିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ। ଅପରପକ୍ଷରେ ମନୋଜଙ୍କ ପକ୍ଷରୁ ଦିଆଯାଇଥିବା ଏତଲାରେ ସେ ଦର୍ଶାଇଛନ୍ତି ଯେ, ଅଭିଯୁକ୍ତମାନେ ତାଙ୍କ କାର୍ଯ୍ୟାଳୟକୁ ପଶି ଆସବାବପତ୍ରକୁ ଫିଙ୍ଗା ଫୋପଡ଼ା କରିଥିଲେ। ଏହାବାଦ ମାରଣାସ୍ତ୍ର ଦେଖାଇ ତାଙ୍କୁ ଭୟଭୀତ କରି ମାଡ଼ ମାରିବା ପରେ ଏକ ଗାଡ଼ିରେ ବସାଇ ଅପହରଣ ଉଦ୍ୟମ କରିଥିଲେ। ଏହି ସମୟରେ ସେମାନେ ତାଙ୍କର ସୁନା ଚେନ୍, ପକେଟ୍‌ଥିବା ନଗଦ ୪୦ ହଜାର ଟଙ୍କା ଓ ଅନଲାଇନ୍‌ରେ ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ଏହାକୁ ନେଇ ଧନୁପାଲି ଥାନାରେ ଏକ ମାମଲା (ନଂ.୩୧୬/୨୦୨୫) ରୁଜୁ ହୋଇଛି।

## ଆର୍ଥିକ ଉନ୍ନତି ହେଲେ ସମାଜ ଆଗକୁ ବଢ଼ିବ

କୁଚିଣ୍ଡା,୨୧ା୯(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଝୁଲେନପୋଲ ସ୍ଥିତ ଆଦିବାସୀ ଭବନରେ ରବିବାର ୫୫୦ ମହାଗୁଡି ସ୍ତରୀୟ କିଷାନ ଜାତି ସମାଜର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ମହାଗୁଡି ସଭାପତି ଧରଣୀଧର ପିଙ୍ଗଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ନୂଆଁଖାଇ ଭେଟଘାଟ ମାଧ୍ୟମରେ ସଙ୍ଗଠନର ଏକତା ବୃଦ୍ଧି ପାଇଥାଏ। ଏହାଛଡା ସଂସ୍କୃତି ଓ ପରମ୍ପରାକୁ କିଷାନ ସମାଜ ସବୁବେଳେ ଉଜ୍ଜୀବିତ ରଖି ଆସୁଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟସହ ଆର୍ଥିକ ଉନ୍ନତି ହେଲେ ସମାଜର ବିକାଶ ହେବ ବୋଲି ମନ୍ତ୍ରୀ ନାଏକ କହିଥିଲେ। କିଷାନ ସମାଜ ରାଜ୍ୟ ଉପସଭାପତି ଭଗବାନ ବାଘ, ଜିଲ୍ଲା ସଭାପତି ଶୋଭାରାମ ପଧାନ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ରାଜ୍ୟ ଉପଦେଷ୍ଟା କମିଟି ସଭ୍ୟ ମହେନ୍ଦ୍ର ବାଘ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ,ମହାଗୁଡି ସମ୍ପାଦକ ସୀତାରାମ ପଧାନ,ଦଳକିବାହାଲ ସଭାପତି ପ୍ରକାଶ କାଉ, ମହିଳା ସଭାନେତ୍ରୀ ବିମଳା କିଷାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜର ଉନ୍ନତି ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମନୋଜ ବାଘ ସଭା ପରିଚାଳନା କରିଥିଲେ। ଏହି ଅବସରରେ କିଷାନ ସମାଜର ଗୁଡିଘର ଜମିପଟ୍ଟା ନିମନ୍ତେ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ଟିଁନିମହୁଲ, କୁକମ, ମୁଣ୍ଡରାପଡାରୁ ଆସିଥିବା ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ କିଷାନ ସମାଜର ବହୁସଂଖ୍ୟକ ମହିଳା ପୁରୁଷ ସାମିଲ ହୋଇଥିଲେ।

# ସମ୍ବଲପୁର ବ୍ୟାଡମିଣ୍ଟନର ହବ ହେବ




ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ହଲଠାରେ ଉଦଯାପିତ ଜିଲ୍ଲାସ୍ତରୀୟ ସବଜୁନିୟର ଓ ସିନିୟର ବାଳିକାବାଳକଙ୍କ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟରେ ଅତିଥି ଓ କୃତୀ ଖେଳାଳିମାନେ।

ସମ୍ବଲପୁର,୨୦ା୯(ବି.ଶଙ୍କର)

**ଜିଲ୍ଲା ସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ**

୨ ଦିନିଆ ଜିଲ୍ଲା ସ୍ତରୀୟ ସବ୍ ଜୁନିୟର ଓ ସିନିୟର ବାଳିକାବାଳକଙ୍କ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ରବିବାର ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ହଲଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଓଡିଶୀ ମୋଟର୍ସ ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶିକା ରଚି ଜଲାନ, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ଦେବଦତ୍ତ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସମ୍ବଲପୁର ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘର ସଭାପତି ହୃଦାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବିକ୍ରମ ପ୍ରଧାନ, ସଂଘର ସଦସ୍ୟ ପ୍ରଣବ ବେହେରା, କ୍ଷୀରୋଦ କିଷାନ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବ୍ୟାଡମିଣ୍ଟନ ଅମ୍ପାୟାର ଟିକେଶ୍ୱର ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଶିଶୁ ବୟସ ହିଁ ପ୍ରତିଭା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସଂପ୍ରତି ସମ୍ବଲପୁର ଜିଲ୍ଲାରେ ବ୍ୟାଡମିଣ୍ଟନ ପ୍ରତି ନୂତନ ପିଢ଼ିର ଆଗ୍ରହ ବଢୁଛି। ତେଣୁ ଆଗାମୀ ଦିନରେ ସମ୍ବଲପୁର ବ୍ୟାଡମିଣ୍ଟନର ଗୋଟେ ହବ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘର ସାଙ୍ଗଠନିକ ସମ୍ପାଦକ ଅଭିଷେକ ବିଶ୍ୱାସ ଓ ମ୍ୟାଚ ରେଫରୀ ଲକ୍ଷପତି ନନ୍ଦ ଟୁର୍ନାମେଣ୍ଟ ପରିଚାଳନାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ରାଜ୍ୟସ୍ତରୀୟ ଟେକ୍ନିକାଲ ଅଫିସିଆଲ ଟିକେଶ୍ୱର ସାହୁ, ନୀଳାଞ୍ଚଳ ସେଠି, ସୂର୍ଯ୍ୟ ପାଣିଗ୍ରାହୀ, ହେମାନନ୍ଦ ଥପା, ମଣି ବେଜି, ଆୟୁଷ ନନ୍ଦ, ବାବୁଲୁ ପ୍ରଧାନ ମ୍ୟାଚଗୁଡ଼ିକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାର ବିଜେତାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨ ଦିନ ଧରି ଆୟୋଜିତ ହୋଇଥିବା ଏହି ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ଜିଲ୍ଲାର ୧୦୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

## ହିନ୍ଦୀ ଭାଷା ଦେଶର ଗର୍ବ ଏବଂ ଗୌରବ

ସମ୍ବଲପୁର,୨୧ା୯(ଭବାନୀ ଶଙ୍କର ଭୋଇ)

ସାମ୍ବାଦିକ ଭବନଠାରେ ଭାରତୀୟ ଭାଷା ଅଭିଯାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଦିନ ୨ ଟାରେ ଜୀବନାନନ୍ଦ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଡାକ୍ତର ଉତ୍ତମ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ହିନ୍ଦୀ ବିଭାଗର ସହକାରୀ ପ୍ରାଧ୍ୟାପକ ଅନୁ ଶର୍ମା ଭୌତିକ ବିଜ୍ଞାନ ପ୍ରଧ୍ୟାପକ ନଉ ବିହାରୀ ପ୍ରଧାନ, ହାଇକୋର୍ଟ ଓକିଲ ସନ୍ତୋଷ କୁମାର ଦ୍ୱିବେଦୀ, ପ୍ରଦଲ୍ଲାଦ ସାହୁ, ଅମ୍ବୁଜ କୁମାର ଦାସ ଯୋଗ ଦେଇଥିଲେ। ହିନ୍ଦୀ ଭାଷା କେବଳ ମାତୃଭାଷା ନୁହେଁ ବରଂ ଦେଶର ଗର୍ବ ଏବଂ ଗୌରବ ବୋଲି ଆଲୋଚନା କରାଯାଇଥିଲା। ଯଦି ସମସ୍ତେ ସଂକଳ୍ପ ନେବେ ତେବେ ହିନ୍ଦୀ ଦେଶର ସମସ୍ତ ଭାଷା ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା ସହ ଅନ୍ତରାଷ୍ଟ୍ରୀୟ ସ୍ତରରେ ବ୍ୟବହାର ହେବ ବୋଲି ଅତିଥି ମାନେ କହିଥିଲେ। ଶେଷରେ ଅଘେଶ କୁମାର ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଭାରତୀୟ ଭାଷା ଅଭିଯାନ ଉତ୍ସବରେ ଅତିଥି।

# ପ୍ରଦୀପ ଜେନା ଭୁବନେଶ୍ୱର କ୍ଲବ୍ ସଭାପତି

ଭୁବନେଶ୍ୱର,୨୧ା୯(ରବିନାରାୟଣ ଜେନା)

ରାଜ୍ୟର ସବୁଠାରୁ ଚର୍ଚ୍ଚିତ ଭୁବନେଶ୍ୱର କ୍ଲବ ନିର୍ବାଚନରେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ‘ଓଇଆରସି’ର ଅଧ୍ୟକ୍ଷ ପ୍ରଦୀପ ଜେନା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରଦୀପ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ୧୮ଖଣ୍ଡ ଭୋଟରେ ପରାଜିତ କରିଛନ୍ତି।

ସେହିପରି ଉପସଭାପତି ଭାବେ ପ୍ରଗତି କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୬୦ଖଣ୍ଡ ଭୋଟରେ ପରାଜିତ କରିଥିବାବେଳେ ପୂର୍ବତନ ଆଇପିଏସ୍ ଅଧିକାରୀ ଲଳିତ ଦାସ ଭୁବନେଶ୍ୱର କ୍ଲବ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଲଳିତ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୭୬ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିବାବେଳେ ସମ୍ବିତ ମହାନ୍ତି ୬୮ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରି ଯୁଗ୍ମସମ୍ପାଦକ ଭାବେ ବିଜୟୀ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ଚଳିତଥର ଭୁବନେଶ୍ୱର କ୍ଲବ ନିର୍ବାଚନରେ ସଭାପତିପଦ ପାଇଁ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏବଂ ପ୍ରଦୀପ କୁମାର ଜେନାଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ଚଳିତଥର ଇ-ଭୋଟିଂ ସହିତ ପ୍ରତ୍ୟକ୍ଷ ନିର୍ବାଚନ କରାଯାଇଥିଲା। ପ୍ରାୟ ୯ଟି ପର୍ଯ୍ୟାୟ ଯାଏ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଏହି ଅବସରରେ ନବନିର୍ବାଚିତ ସଭାପତି ପ୍ରଦୀପ କହିଛନ୍ତି



ଯେ, ଚଳିତଥର ନିର୍ବାଚନରେ ଭଲ ଲଢ଼େଇ ହୋଇଥିଲା। ଏହା ତାଙ୍କ ଜୀବନକାଳ ମଧ୍ୟରେ ଦ୍ୱିତୀୟ ନିର୍ବାଚନ। କେନ୍ଦୁଝରର କଲେଜରେ ଛାତ୍ରାବାସ ମୁଖପତ୍ରର ସମ୍ପାଦକ ପାଇଁ ନିର୍ବାଚନ ଲଢ଼ିଥିଲେ। ତେବେ ଏହି ନିର୍ବାଚନରେ କୌଣସି ବଡ଼ ପ୍ରଚାର ହୋଇ ନ ଥିଲା, କେବଳ ଫୋନ୍ ଯୋଗେ ସବୁ ସଦସ୍ୟଙ୍କ ସହ ସେ କଥା ହୋଇଥିଲେ। ପ୍ରାୟ ୧୬ ଶହ ସଦସ୍ୟଙ୍କ ସହ ସେ ବ୍ୟକ୍ତିଗତ ଭାବେ କଥା ହୋଇଥିଲେ। ସେ ତାଙ୍କ ଚିନ୍ତାଧାରା ସମସ୍ତଙ୍କୁ ଜଣାଇଥିଲେ ବୋଲି କହିଛନ୍ତି। ସେମାନେ ଯେଉଁ ସମର୍ଥନ ଜଣାଇଛନ୍ତି ସେମାନଙ୍କୁ ସେ ସମ୍ମାନ ଜଣାଇଥିବା ପ୍ରଦୀପ କହିଛନ୍ତି। ସେ ପୁଣି କହିଛନ୍ତି ଯେ, ଭୁବନେଶ୍ୱର କ୍ଲବର ସଭାପତି ଓ ସମ୍ପାଦକ ଜୀବନ କାଳମଧ୍ୟରେ ଦୁଇ ଥରରୁ ଅଧିକ କେହି ଯେପରି ରହିପାରିବେ ନାହିଁ ସେନେଇ କାର୍ଯ୍ୟନିର୍ବାହୀ ପରିଷଦର ପ୍ରଥମ ବୈଠକରେ ପ୍ରସ୍ତାବ ଦିଆଯିବ। ଏହାପରେ ସାଧାରଣ ପରିଷଦ ବୈଠକରେ ଏହାକୁ ଅନୁମୋଦିତ କରାଯିବ। ଏହି ନିର୍ବାଚନ ପ୍ରଥମ ଥର ପାଇଁ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଶନିବାର ଇ-ଭୋଟିଂ ଏବଂ ରବିବାର ବାଲଟ୍ ଭୋଟିଂ ହୋଇଥିଲା। କ୍ଲବରେ ମୋଟ ୨,୩୨୧ ଭୋଟର ଥିବା ବେଳେ ୧,୯୨୨ ବ୍ୟକ୍ତିଗତ ଏବଂ ୩୯୯ କର୍ପୋରେଟ ସଦସ୍ୟ ଭୋଟ ଦେଇଥିଲେ। ରବିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କ୍ଲବ ପରିସରରେ ୫ଟି ବୁଥ୍‌ରେ ବାଲଟ୍ ଭୋଟିଂ ହୋଇଥିଲା ଏବଂ ସନ୍ଧ୍ୟା ପରେ ଫଳାଫଳ ଘୋଷଣା କରାଯାଇଥିଲା। ଅସିତ ତ୍ରିପାଠୀ ପୂର୍ବରୁ ଦୁଇ ଥର ସଭାପତି ହୋଇଥିବା ବେଳେ ଏଥର ତୃତୀୟ ଥର ପାଇଁ ପ୍ରାର୍ଥୀ ହୋଇଥିଲେ ଏବଂ ତାଙ୍କର ନିର୍ବାଚନ ସ୍ଲୋଗାନ୍ ଥିଲା ବିକାଶ ଏକ ଯାତ୍ରା ବୋଲି ପ୍ରଦୀପ କହିଛନ୍ତି।

ଚଳିତ ନିର୍ବାଚନରେ ଅସିତଙ୍କ ପ୍ୟାନେଲରୁ ଉପସଭାପତି ଭାବେ ପ୍ରଗତି କୁମାର ମହାନ୍ତି ଏବଂ ଯୁଗ୍ମ ସମ୍ପାଦକ ଭାବେ ସମ୍ବିତ ମହାନ୍ତି ଜିତିଥିବାବେଳେ ସମ୍ପାଦକ ପଦବୀ ପାଇଁ ହୋଇଥିବା ନିର୍ବାଚନରେ ଟୁଟୁଲ କିଶୋର ଦାସ ପରାଜିତ ହୋଇଛନ୍ତି। ଅନ୍ୟପକ୍ଷରେ ପ୍ରଦୀପଙ୍କ ପ୍ୟାନେଲରୁ ଉପସଭାପତି ଭାବେ ଲଢୁଥିବା ଡକ୍ଟର ପି.ଭି. ମୋହନ ଏବଂ ଯୁଗ୍ମ ସମ୍ପାଦକ ଭାବେ ଲଢୁଥିବା ପ୍ରଶାନ୍ତ ନାଥ ପରାଜିତ ହୋଇଥିବା ବେଳେ ସମ୍ପାଦକ ଭାବେ ଆଇପିଏସ ଅଫିସର ଲଳିତ ଦାସ ବିଜୟ ଲାଭ କରିଛନ୍ତି। ତେବେ ଉଭୟ ପ୍ୟାନେଲରୁ ୬ ଜଣ ଲେଖାଏଁ କାର୍ଯ୍ୟକାରୀ କମିଟି ସଦସ୍ୟ ପଦ ପାଇଁ ପ୍ରାର୍ଥୀ ହୋଇଥିଲେ। ଏହି ନିର୍ବାଚନ ରାଜନୈତିକ ଏବଂ ପ୍ରଶାସନିକ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


କଲ୍ୟାଣୀ
ପରିବାରବର୍ଗ


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅପହର୍ତ୍ତାଙ୍କ ନଜରବନ୍ଦୀରେ ଆତ୍ମହତ୍ୟା

**ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧରଙ୍କ ମୃତଦେହ ଜବତ ଘଟଣା**

- ୨.୪୦ କୋଟି ପାଇବାକୁ ହୋଇଥିଲା ଅପହରଣ
- ଠକେଇ ମାଷ୍ଟରମାଇଣ୍ଡ୍ ଜ୍ୟୋତ୍ସ୍ନାଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର,୨୧।୯(ସତ୍ୟଜିତ୍ ରାଉତ)

ଚନ୍ଦକା-ବାରଙ୍ଗ ରାସ୍ତାପାର୍ଶ୍ୱ ଦାରୁଠେଙ୍ଗ ଜୁଝଗଡ଼ ଡ୍ରେନ୍ ନିକଟରୁ ଟ୍ୟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତଦେହ ଜବତ ଘଟଣା ଭିନ୍ନ ମୋଡ଼ ନେଇଛି। ଅପହରଣ ପରେ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ଅପହର୍ତ୍ତାଙ୍କ ନଜରବନ୍ଦୀରେ ବିଦ୍ୟାଧର ଆତ୍ମହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଏହି ଘଟଣା ପଛରେ ବଡ଼ ଚାକିରି ଠକେଇ ରାକେଟ୍ ସାମ୍ନାକୁ ଆସିଛି। ଠକେଇର ଶିକାର ପୀଡ଼ିତମାନେ ହିଁ ଅପହର୍ତ୍ତା ସାଜିଥିବା ସ୍ପଷ୍ଟ ହୋଇଛି। ତେବେ ଟଙ୍କା ଠକିଥିବା ଜ୍ୟୋତ୍ସ୍ନା ନାମ୍ନୀ ମହିଳାଙ୍କୁ କମିଶନରେଟ୍ ପୋଲିସ ଧରିବାକୁ ଖୋଜାଖୋଜି ଚଳାଇଛି। ଅପହରଣ ଓ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାକୁ ନେଇ ବଡ଼ଗଡ ଥାନା ପୋଲିସ କେତେଜଣ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି। ଘଟଣା ପଛରେ ବହୁ ରହସ୍ୟ ଛପି ରହିଥିବାରୁ ପୋଲିସ ଘଟଣାକୁ ଗୁରୁତ୍ୱର ସହ ତଦନ୍ତ କରୁଛି। କମିଶନରେଟ୍ ପୋଲିସ ଏହି ଘଟଣାରେ ଖୁବ୍‌ଶୀଘ୍ର ଖବରଦାତା ସମ୍ମିଳନୀ କରି ରହସ୍ୟ ଉନ୍ମୋଚନ କରିବ ବୋଲି ସୂଚନା ମିଳିଛି। ପୋଲିସ ତଦନ୍ତରୁ ମିଳିଥିବା ସୂଚନା ଅନୁଯାୟୀ, ଜ୍ୟୋତ୍ସ୍ନା ଖଣ୍ଡଗିରିଠାରେ ଏକ କନ୍‌ସଲ୍‌ଟାନ୍ସି ଅଫିସ କରି ଆଶାୟୀମାନଙ୍କଠାରୁ ଟଙ୍କା ନେଇ ଚାକିରି ଯୋଗାଉଥିଲେ। ତେବେ ଜ୍ୟୋତ୍ସ୍ନାଙ୍କୁ ବିଦ୍ୟାଧର ନିଜ କାର୍‌ରେ ନେବାଆଣିବା କରିବା ସହ ତାଙ୍କ ଅଫିସରେ ଟଙ୍କା କାରବାର କଥା ବୁଝୁଥିଲେ। ବିଦ୍ୟାଧର କେତେକ ଘଟଣାରେ ମଧ୍ୟସ୍ଥ ସାଜୁଥିଲେ। ଏପରିକି ଜ୍ୟୋତ୍ସ୍ନାଙ୍କ କଥାରେ ପଡି ବିଦ୍ୟାଧର କିଛି ଫେକ୍ ଦସ୍ତାବିଜ୍‌ରେ ସରକାରୀ ଅଧିକାରୀ ସାଜି ଦସ୍ତଖତ ମଧ୍ୟ କରିଥିଲେ। ତେବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଚାକିରି ଠକେଇର ଶିକାର ହୋଇଥିବା ପୀଡ଼ିତମାନଙ୍କୁ ଜ୍ୟୋତ୍ସ୍ନା ଟଙ୍କା ଫେରାଇବାକୁ କହି ଦିନ ଗଡ଼ାଉଥିଲେ। ତେବେ ଜ୍ୟୋତ୍ସ୍ନାଙ୍କୁ ନ ପାଇ ଠକେଇର ଶିକାର ପୀଡ଼ିତମାନେ ବିଦ୍ୟାଧରଙ୍କୁ ଅପହରଣ କରିନେଇଥିଲେ। ସେମାନେ ତାଙ୍କୁ ଯାଜପୁର ନେଇଯାଇ ଏକ ଘରେ ବନ୍ଦୀ କରି ରଖିଥିଲେ। ପରେ ବିଦ୍ୟାଧରଙ୍କ ସ୍ତ୍ରୀ ମାମିନାଙ୍କୁ ମଧ୍ୟ ଅପହର୍ତ୍ତାମାନେ କଲ୍ କରି ୨.୪୦ କୋଟି ଟଙ୍କା ମାଗିଥିଲେ। ସେହି ସମୟରେ କନ୍‌ସଲଟାନ୍ସି ସଂସ୍ଥାର ମାଲିକାଣୀ ଜ୍ୟୋତ୍ସ୍ନାଙ୍କୁ ବିଦ୍ୟାଧର କଲ୍ କରି ସବୁ କଥା କହିଥିଲେ। ହେଲେ ଜ୍ୟୋତ୍ସ୍ନା ତାଙ୍କ କଥାକୁ ଏଡାଇ ଦେଇଥିଲେ। ଫଳରେ ବିଦ୍ୟାଧର ଉପାୟଶୂନ୍ୟ ହୋଇ ଉକ୍ତ ଘରେ ଫ୍ୟାନରେ ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ଏହାପରେ ଅଭିଯୁକ୍ତମାନେ ଗିରଫଦାରି ଭୟରେ ବିଦ୍ୟାଧରଙ୍କୁ ତାଙ୍କ କାର୍‌ରେ ଭୁବନେଶ୍ୱର ଆଣି ଚନ୍ଦକାରେ ଫିଙ୍ଗି ଦେଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।


ବିଦ୍ୟାଧର ସାହୁ

## ‘ସ୍ୱାମୀଙ୍କୁ ମୁକୁଳାଇବାକୁ ଚାହୁଁଥିଲେ ସେ ମାଡାମ୍‌ଙ୍କୁ ଖୋଜି ବାହାର କର’

### ଅପହର୍ତ୍ତାଙ୍କ କଲ୍ ରେକର୍ଡିଂ ଭାଇରାଲ

ଅପହର୍ତ୍ତାମାନେ ବିଦ୍ୟାଧରଙ୍କ ସ୍ତ୍ରୀ ମାମିନାଙ୍କୁ କଲ୍ କରିଥିବା ବେଳେ ରବିବାର ଏହାର ଅଡିଓ ରେକର୍ଡିଂ ଭାଇରାଲ ହୋଇଛି। ମାଡାମ୍‌ଙ୍କୁ ଖୋଜି ବାହାର କରିବାକୁ ଅଭିଯୁକ୍ତ କହୁଥିବା ଶୁଣିବାକୁ ମିଳୁଛି। ମାମିନାଙ୍କୁ କଲ୍ କରିଥିବା ଅପହର୍ତ୍ତା ଜଣକ କହିଥିଲେ, ଆମର ପଇସା ଦରକାର। ୨ କୋଟି ୪୦ ଲକ୍ଷ ଟଙ୍କା ନ ଫେରାଇଲେ ତୁମ ସ୍ୱାମୀ ମୁକୁଳିପାରିବେ ନାହିଁ। ମା’ ତୋ ମୁହଁକୁ ଚାହିଁ ତୋ ସ୍ୱାମୀଙ୍କର ଆମେ କିଛି କରୁନାହୁଁ। ସ୍ୱାମୀଙ୍କୁ ମୁକୁଳାଇବାକୁ ଚାହୁଁଥିଲେ ସେ ମାଡାମଙ୍କୁ ଖୋଜି ବାହାର କର। ବିଦ୍ୟାଧର କାହିଁକି ସରକାରୀ ଅଫିସର ବନିଥିଲା। ତୋ ସ୍ୱାମୀ ବହୁତ କାମ କରିଛି, ତାହାର ପ୍ରାୟଶ୍ଚିତ ତୁ କରେ। ଅଢ଼େଇ ବର୍ଷ ହେଲା ବିଦ୍ୟାଧର ଆମ ସହ ଖେଳୁଥିଲା। ଏପଟୁ ସ୍ତ୍ରୀ ମାମିନା କହିଥିଲେ, ଆମ ପାଖରେ ଟଙ୍କା ନାହିଁ। ଯଦି ଟଙ୍କା ଥାଆନ୍ତା, ମୋ ସ୍ୱାମୀ ୫/୭ ଦିନ ହେଲା ତୁମ ପାଖରେ ନ ଥାନ୍ତା। ମାଡାମ କହିଥିଲେ ବୋଲି ସେ କରିଥିଲେ। ସହରରେ ମୁଁ କାହାକୁ ଚିହ୍ନିନି କି ଜାଣିନି। କେଉଁଠୁ ମାଡାମଙ୍କୁ ଖୋଜି ଆଣିବି। ଭୁବନେଶ୍ୱରରେ ସ୍ୱାମୀ ବିନା କେମିତି ଏକା ଖାଇ ପି ରହିବି ବୋଲି ମାମିନା କହି ବିଦ୍ୟାଧରଙ୍କୁ ଛାଡି ଦେବାକୁ ନେହୁରା ହୋଇଥିଲେ।

# ଗୁଣିଗାରେଡ଼ି ସନ୍ଦେହରେ ଗଛରେ ବାନ୍ଧି ମାଡ଼

ସୋର,୨୧।୯(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ମଲ୍ଲିଚୁଆ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ସ୍ଥାନୀୟ ଲୋକେ ଜଣେ ବ୍ୟକ୍ତିଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ସୋର ପୋଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲେଶ୍ୱର ମେଡିକାଲ ପଠାଇଛି।

ସୂଚନା ଅନୁଯାୟୀ, ମଲ୍ଲିଚୁଆ ଗ୍ରାମର ଚଇତା ସିଂ ଶନିବାର ଘରେ ପୂଜା କରୁଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବିରୋଧ କରିବା ସହିତ ସେ ଗୁଣିଗାରେଡ଼ି କରି ଗାଁର ଅନେକ ଲୋକଙ୍କୁ ଅସୁସ୍ଥ କରି ମାରୁଥିବା ଅଭିଯୋଗ ଆଣି ତାଙ୍କୁ ଏକ ଗଛରେ ବାନ୍ଧି ମାଡ଼ ମାରିଥିଲେ। ଏହାକୁ ଚଇତାଙ୍କ ସ୍ତ୍ରୀ ମୁନି ଓ ଭାଉଜ ଚୁନି ସିଂ ବିରୋଧ କରିବାରୁ ଲୋକେ ସେମାନଙ୍କୁ ମଧ୍ୟ ମାଡ଼ ମାରିବା ସହ ଶନିବାର ମଧ୍ୟାହ୍ନରୁ ରବିବାର ସକାଳ ପର୍ଯ୍ୟନ୍ତ ଅଟକ ରଖିଥିଲେ। ଏ ବାବଦରେ ଚଇତାଙ୍କ ଭଣଜା ଜାଣିବା ପରେ ରବିବାର ସକାଳେ ସୋର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗାଁକୁ ଯାଇଥିବା ବେଳେ ସ୍ଥାନୀୟ ଲୋକେ ରାସ୍ତାରେ କାଠଗଣ୍ଡି ପକାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳକୁ ଛାଡ଼ି ନ ଥିଲେ। ପରେ ପୋଲିସ ଲୋକଙ୍କୁ ବୁଝାଶୁଝା କରି ଚଇତା ଓ ତାଙ୍କ ପରିବାର ଲୋକଙ୍କୁ ଉଦ୍ଧାର କରିଥିଲା। ଏ ସମ୍ପର୍କରେ ଆଇଆଇସି ସୁଦୀପ୍ତ କୁମାର ସାହୁଙ୍କୁ ପଚାରିବାରୁ ଚଇତାଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ମେଡିକାଲ ପଠାଯାଇଛି। ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କଲେ ମାମଲା ରୁଜୁ ହେବ ବୋଲି ସେ କହିଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



କଲ୍ୟାଣୀ ସାହୁ
ଜନ୍ମ ତାରିଖ- ୨୨।୦୯।୨୦୦୨
ସ୍ୱାମୀ- ବ୍ରହ୍ମାନନ୍ଦ
ସହୀଦ ନଗର, ଭୁବନେଶ୍ୱର
ଭଗବାନ ଆପଣଙ୍କ ମଙ୍ଗଳ କରନ୍ତୁ ଏବଂ ଆପଣଙ୍କ ଜୀବନରେ ସବୁ ଖୁସି ମିଳୁ, ଏହା ମୋର ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି।
ଧ-୨୦୬୯


# ସ୍ୱାମୀ ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ବେତନଟୀ,୨୧।୯(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ପୁରିନ୍ଦା ପଞ୍ଚାୟତର ସଂସା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ସ୍ୱାମୀଙ୍କ ଠେଙ୍ଗାମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସତ୍ୟଭାମା ମହାନ୍ତ। ଏନେଇ ପୋଲିସ ଏକ ମାମଲା(ନଂ.୩୩୧/୨୫) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଗଣେଶ ମହାନ୍ତଙ୍କୁ ଗିରଫ କରିଛି। ପାରିବାରିକ କଳହରୁ ଉତ୍‌କ୍ଷିପ୍ତ ହୋଇ ସତ୍ୟଭାମା ଖଟିଆରେ ଶୋଇଥିବା ବେଳେ ଗଣେଶ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ମହିଳାଙ୍କ ଝିଅ ପାଖ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ଗଣେଶ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ଗ୍ରାମବାସୀଙ୍କଠାରୁ ଖବରପାଇ ବେତନଟୀ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ମହିଳାଙ୍କ ବେକ କାଟିଲେ ଦୁର୍ବୃତ୍ତ

ବାରିପଦା/ଉଦଳା,୨୧।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବଡ଼ଖମଣ ଗ୍ରାମରେ ରବିବାର ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଶୌଚ ହେବାକୁ ଯାଇଥିବା ତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କାଟି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ପରିବାର ଲୋକେ ଗୁରୁତର ଅବସ୍ଥାରେ ଏକ ଲଟାବୁଦା ମୂଳରୁ ମହିଳାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମହିଳା ଜଣକ ହେଲେ ନମିତା ନାଏକ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ବାରିପଦା ସ୍ଥିତ ପିଆରଏମ୍ ମେଡ଼ିକାଲକୁ ଯାଇ ବୟାନ ସଂଗ୍ରହ କରିଛି ।

ସୂଚନାଯୋଗ୍ୟ, ରବିବାର ମଧ୍ୟାହ୍ନରେ ନମିତା ଶୌଚ ହେବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ସେଠାରେ କେହି ଦୁର୍ବୃତ୍ତ ନମିତାଙ୍କ ମୁଣ୍ଡ ଓ ବେକକୁ କାଟି ଦେଇ ଫେରାର ହୋଇଯାଇଥିଲା । ପରିବାର ଲୋକେ ଖୋଜିବାକୁ ଯାଇ ତାଙ୍କୁ ଏଭଳି ଅବସ୍ଥାରେ ଦେଖି ଉଦ୍ଧାର କରିବା ସହ ପ୍ରଥମେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ନମିତାଙ୍କ ସ୍ୱାମୀ ବାପି ମଢ଼େଇ ବାହାର ରାଜ୍ୟରେ କାମ କରିବାକୁ ଯାଇଥିବା ବେଳେ ୩ ମାସ ପୂର୍ବରୁ ସେମାନଙ୍କ ବିବାହ ହୋଇଛି।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ୨ ଛାତ୍ରୀଙ୍କୁ ନିଶା ସ୍ପ୍ରେ କରି ଅପହରଣ, ଅପହର୍ତ୍ତା ୨ ଯୁବକ ଗିରଫ

ମହାକାଳପଡ଼ା,୨୧।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳର ଶୁକ୍ରବାର ୨ ଛାତ୍ରୀଙ୍କୁ ସ୍କୁଲ ଯିବା ବାଟରେ ନିଶା ଦ୍ରବ୍ୟ ସ୍ପ୍ରେ କରି ଉକ୍ତ ଅଞ୍ଚଳର ୨ ଯୁବକ ଏକ କାର୍ ଯୋଗେ ଉଠାଇ ନେଇ ଅପହରଣ କରିଥିଲେ। ପରେ ଦିନ ୧ ଟାରେ ୨ ଛାତ୍ରୀଙ୍କୁ ଉକ୍ତ ଅଞ୍ଚଳର ହନୁମାନ ମନ୍ଦିର ନିକଟରେ ୨ ଯୁବକ ଛାଡ଼ି ଦେଇ ଫେରାର ହୋଇ ଯାଇଥିଲେ। ଚେତା ଫେରିବା ପରେ ୨ ଛାତ୍ରୀ ଘରକୁ ଫେରି ସବୁ ଘଟଣା ପରିବାର ନିକଟରେ ପ୍ରକାଶ କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣାକୁ ହୋଇଥିବାରୁ କେତେଜଣ ଭଦ୍ର ଲୋକଙ୍କ ମାଧ୍ୟମରେ ଆପୋସ ବୁଝାମଣା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘଣ୍ଟା ଚକଟା ଚାଲିଥିଲା। କିଛି ବୁଝାମଣା ନ ହେବାରୁ ଛାତ୍ରୀଙ୍କ ପରିବାର ଉକ୍ତ ବିଳମ୍ବିତ ରାତିରେ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ।

ଅଭିଯୋଗକୁ ଭିତ୍ତିକରି ପୋଲିସ ୨ ଯୁବକଙ୍କୁ ରାମନଗର ଅଞ୍ଚଳରୁ ଶନିବାର ଉଠାଇ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ରବିବାର ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅପରପକ୍ଷରେ ଶନିବାର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା ପରେ ମହାକାଳପଡ଼ା ଥାନାର ମହିଳା ଅଧିକାରୀ ୧୮୦ ଭାରତୀୟ ନ୍ୟାୟ ସଂହିତା ଧାରା ଅନୁସାରେ ବୟାନ ରେକର୍ଡ କରିଛନ୍ତି। ରବିବାର ଛାତ୍ରୀଙ୍କଠାରୁ କେନ୍ଦ୍ରାପଡ଼ା ପୋକ୍‌ସୋ ଅଦାଲତରେ ୧୮୩ ଭାରତୀୟ ନ୍ୟାୟ ସଂହିତା ଧାରା ଅନୁସାରେ ବୟାନ ରେକର୍ଡ କରାଯାଇଛି ବୋଲି ଆଇଆଇସି ସୌମ୍ୟ ରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି। ୨ ଯୁବକ ଛାତ୍ରୀ ଦ୍ୱୟଙ୍କୁ କାହିଁକି ଅପହରଣ କରି ପରେ ଛାଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ ପୋଲିସ ନଂ. ୧୯୭/୨୫ରେ ମାମଲା ରୁଜୁ ହୋଇଛି। ଶିଶୁ ଯୌନ ଉତ୍ପୀଡନ ନିରୋଧ ଆଇନ-୨୦୧୩ ଅନୁଯାୟୀ, ଧାରା ୧୨ ପଞ୍ଜୀକୃତ ହୋଇଛି। ଧାରା ୭୪, ୧୧୫(୨) ୩୫୧(୨) ୩୫୧(୪) ୩ କ୍ଲଜ ( ୫ )


ଅପହରଣ ଅଭିଯୋଗରେ ୨ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଉଛି।

### ପୋକ୍‌ସୋ କୋର୍ଟ ଚାଲାଣ

ଓ ବେଆଇନ ଭାବେ ନିଶା ଦ୍ରବ୍ୟ (ସ୍ପ୍ରେ)ପ୍ରୟୋଗ ଆଇନ ୧୨୩ ଧାରାରେ ମାମଲା ରୁଜୁ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି ଓ ଆଇନ ଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ରାମନଗର ଅଞ୍ଚଳର ଅପହର୍ତ୍ତା ଯୁବକ ଦ୍ୱୟ ହେଉଛନ୍ତି ତରୁଣ କୁମାର ଦେହୁରୀ (୨୭) ଓ ଇନ୍ଦ୍ରଜିତ ପାଲ (୨୮) ଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରବିବାର କେନ୍ଦ୍ରାପଡ଼ା ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଛି। ଜବତ ହୋଇଥିବା କାର୍ ନମ୍ବର ଓଆର ୦୫ଏମ୍ ୬୨୧୯ ବୋଲି ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

### ସଂକଳ୍ପ ପୂରଣ କରିବେ...

ଧୂମପାନ, ଗଞ୍ଜେଇ ଏବଂ ବିଭିନ୍ନ ଡ୍ରଗ୍ସ ପରି ବିଭିନ୍ନ ମାଦକଦ୍ରବ୍ୟର ପ୍ରଭାବ ଭୟଙ୍କର ଭାବରେ ବଢୁଛି। ନିଶା କେବଳ ଜଣେ ବ୍ୟକ୍ତିଙ୍କୁ ନଷ୍ଟ କରେ ତା’ ନୁହେଁ, ନିଶା ନିଜ ସହିତ ନିଜ ପରିବାର ଓ ସମାଜକୁ ଛାରଖାର କରିଦିଏ।

ଉକ୍ତ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ମେ’ ଫେୟାର ଛକଠାରେ ଥିବା ଏକ ଚା’ ଦୋକାନରେ ଚା’ ପିଇବା ସହିତ ସେଠାରେ ଥିବା ଜନସାଧାରଣଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଣେ ବୁଢ଼ୀ ମାଆଟିର ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଥିଲେ। ପାଖରେ ଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ଭଲ ପାଠ ପଢ଼ିବା ଏବଂ ଯୁବବର୍ଗଙ୍କୁ ନିଶା ସେବନର ଅପକାରିତା ବିଷୟରେ ବୁଝାଇଥିଲେ।

କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ୩୦ ସୁଦ୍ଧା ଏସ୍‌ଆଇଆର୍...

ତାଲିକା ଥିବାବେଳେ ଉତ୍ତରାଖଣ୍ଡର ମୁଖ୍ୟ ନିର୍ବାଚନ ଅଧିକାରୀ ୨୦୦୬ର ଇଲେକ୍ଟୋରାଲ ରୋଲ୍‌କୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଛନ୍ତି। ବିହାରରେ ୨୦୦୩ର ଭୋଟର ତାଲିକାକୁ ଇସି ଏସ୍‌ଆଇଆର୍ ପାଇଁ ଯେପରି ବ୍ୟବହାର କରୁଛନ୍ତି, ସେହିପରି ଅନ୍ୟ ରାଜ୍ୟଗୁଡ଼ିକ ଲାଗି ଗତ ଏସ୍‌ଆଇଆର୍ କଟ୍‌ଅଫ୍ ଡେଟ୍ ଭାବେ କାର୍ଯ୍ୟ କରିବ। ଅଧିକାଂଶ ରାଜ୍ୟରେ ଶେଷ ଏସ୍‌ଆଇଆର୍ ୨୦୦୨ରୁ ୨୦୦୪ ମଧ୍ୟରେ ହୋଇଥିଲା। ସେହି ରାଜ୍ୟଗୁଡ଼ିକ ବର୍ତ୍ତମାନର ଭୋଟରଙ୍କୁ ଚିହ୍ନଟ ପ୍ରକ୍ରିୟା ପ୍ରାୟତଃ ଶେଷ କରିଦେଲେଣି। ବିହାର ପରେ ସାରା ଦେଶରେ ଏସ୍‌ଆଇଆର୍ କରାଯିବ ବୋଲି ଇସି କହିଛନ୍ତି। ୨୦୨୬ରେ ଆସାମ, କେରଳ, ପଣ୍ଡିଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

ବାଂଲାଦେଶ ଓ ମ୍ୟାନ୍‌ମାର ସମେତ ଅନ୍ୟ ଦେଶଗୁଡ଼ିକରୁ ଆସି ଭାରତରେ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ଭୋଟର ତାଲିକାରୁ ହଟାଇବା ଏବଂ ରାଜ୍ୟଗୁଡ଼ିକର ନୂତନ ମତଦାତାଙ୍କୁ ଏଥିରେ ସାମିଲ କରିବା ଏସ୍‌ଆଇଆର୍‌ର ମୂଳ ଉଦ୍ଦେଶ୍ୟ ବୋଲି ଇସି କହିଛନ୍ତି।

### ରୋଗ ଯନ୍ତ୍ରଣା ଅସହ୍ୟ...

ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଦିଲୀପ କିଛିଦିନ ହେଲା ପେଟରୋଗରେ ପୀଡ଼ିତ। ରବିବାର ତାଙ୍କୁ ମେଡିକାଲରେ ଭର୍ତ୍ତି କରିବାର ଥିଲା। କିନ୍ତୁ ସକାଳ ୭ଟା ବେଳେ ପୂର୍ବରୁ ରଖିଥିବା ବହୁ ମେଡିସିନ ଖାଇବା ସହ ସେ ଘର ପାଖ ଏକ ଗଡ଼ିଆ ନିକଟରେ ନିଜ ଦେହରେ ଡିଜେଲ ଢାଳି ନିଆଁ ଲଗାଇ ଦେଇଥିଲେ। ପୁଅ ଜଳୁଥିବାର ଦେଖି ତାଙ୍କ ମା’ ନିଆଁ ଲିଭାଇବା ପାଇଁ ଦିଲୀପଙ୍କୁ ଗଡ଼ିଆକୁ ଠେଲି ଦେଇଥିଲେ। ଗଡ଼ିଆ ପାଣିରେ ପଡ଼ିଯିବା ପରେ ନିଆଁ ଲିଭିଯାଇଥିଲା। କିନ୍ତୁ ତାଙ୍କ ବେକଠାରୁ ଅଣ୍ଟା ପର୍ଯ୍ୟନ୍ତ ପୋଡ଼ିଯାଇଛି। ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବାରୁ ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ରକ୍ଷା ପାଇଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସରପଞ୍ଚ ନିରୋଦ ରାଉତ କହିଛନ୍ତି। ଦିଲୀପ ଚାନ୍ଦବାଲିରେ ଏକ ମୋଟର ଗ୍ୟାରେଜ୍‌ରେ ମେକାନିକ୍ ଭାବେ କାମ କରନ୍ତି।


# Classified Everyday

0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941

CDA and RERA approved plot near Trisulia, CISF Campus, Black Loan facilities, Bank top road, Water supply, Electricity, Drainage. Contact- 7008513309. D-2062

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613. D-1985




The massage felt totally professional & comfortable at all times-7978109255. D-76495

Newly open health benefits spa by experts therapist con 8658088274. D-1866

## AFFIDAVIT

ଆମ୍ଭେ ଅଶୋକ କୁମାର ପରିଡ଼ା, ପିତା- କୃଷ୍ଣଚନ୍ଦ୍ର ପରିଡ଼ା, ସା- ଅରିଓଦା, ପୋ- ନାଉଗାଁ, ଥାନା- ନାଉଗାଁ ହାଟ, ଜିଲ୍ଲା- ଜଗତସିଂହପୁର ସତ୍ୟପାଠ ଜରିଆରେ ଆମ୍ଭର ସଂଜ୍ଞା ସାହୁ ରୁ ପୈତୃକ ସଂଜ୍ଞା ପରିଡ଼ା କୁ ପରିବର୍ତ୍ତନ କରିଛି। ଏବେ ଆମ୍ଭେ ଅଶୋକ କୁମାର ସାହୁ ପରିବର୍ତ୍ତେ ଅଶୋକ କୁମାର ପରିଡ଼ା ରୂପେ ସମସ୍ତ ସରକାରୀ ଓ ବେସରକାରୀ ନଥିପତ୍ର ଏବଂ ବ୍ୟାଙ୍କ, ଜୀବନ ବୀମା ଆଦି ସମସ୍ତ ଅର୍ଥନୈତିକ ନିର୍ବାହ ପାଇଁ ଅଶୋକ କୁମାର ପରିଡ଼ା ରୂପେ ପରିଚିତ ହେବୁ। ଧ- ୨୦୬୬

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar, dated- 08.07.2025 I, Renuka Kanhar, residing at Dedigunda, P.O.- Keredi, P.S.- Bisipada, Dist.- Kandhamal, PIN-762029 declare that I have changed my minor son's name from Dipun Kanhar (old name) to Pratyush Kanhar (new name). Henceforth he shall be known as Pratyush Kanhar for all purposes. D- 2064

I, Pratima Behera (31), W/o- Joginath Pradhan, Vill- Singadapalli, P.O.- Panditgaon, P.S.- Khallikote, Ganjam declared by this affidavit No.- A-3/10.05.2000 sworn before the Notary Khallikote that I want to change my surname Behera to Pradhan after marrige to Joginath Pradhan. Henceforth I shall be known as Pratima Pradhan all future purpose. D-2065

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୭।୧୦।୨୦୦୨
(ତିଥି- ଆଶ୍ୱିନ ଶୁକ୍ଳ ପ୍ରତିପଦା)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୭୬୮୫୫

### ୫ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶାରଦା ପ୍ରସାଦ ସେନ୍
ଏ/୭, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୩୯
ତିରୋଧାନ: ୧୭।୦୯।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୨୦୬୮

# ଭାରତୀୟ ବୋଲର ପ୍ରଭାବୀ

**ଏସିଆ କପ୍ ସୁପର-୪**



ଉଇକେଟ ନେବା ପରେ ଶିବମ ଦୁବେଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ଦୁବାଇ, ୨୧।୯**

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ସୁପର-୪ ମ୍ୟାଚ ଅନୁଷ୍ଠିତ ହୋଇଛି। ପାୱାରପ୍ଲେରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ଫିକା ରହିଥିଲେ ହେଁ ପରେ ପ୍ରଭାବୀ ବୋଲିଂ କରି ପାକିସ୍ତାନ ରନ ହାରରେ ଅଙ୍କୁଶ ଲଗାଇଛନ୍ତି। ଫଳରେ ପାକିସ୍ତାନ ୨୦ ଓଭରରେ ୫ ଉଇକେଟ ହରାଇ ୧୭୧ ରନ କରିଛି। ଲିଗ୍ ପର୍ଯ୍ୟାୟରେ ଭାରତ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଥିଲା।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଭାରତ। ପୂର୍ବ ମ୍ୟାଚ ଭଳି ଏଥର ମଧ୍ୟ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନ ଅଧିନାୟକ ସଲମାନ ଆଘାଙ୍କ ସହ କରମର୍ଦ୍ଦନ କରି ନ ଥିଲେ। ପାକିସ୍ତାନ ପକ୍ଷରୁ ଶାଇବଜାଦା ଫରହାନ ଓ ଫଖର ଜମନ ଇନିଂସ ଓପନ କରିଥିଲେ। ଜମନ ୯ ବଲ୍‌ରୁ ୧୫ ରନ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ ଉଇକେଟ କିପର ସଞ୍ଜୁ ସାମସନଙ୍କୁ ଏକ ଲୋ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏଥିରେ ଜମନ ସନ୍ତୁଷ୍ଟ ନ ଥିଲେ ହେଁ ରିପ୍ଲେରେ ସାମସନଙ୍କ ଗ୍ଲୋଭ୍ସ ଗ୍ରାଉଣ୍ଡ ଉପରେ ରହିଥିବା ସ୍ପଷ୍ଟ ହୋଇଥିଲା। ଫରହାନ ଏବଂ ୩ ନମ୍ବର ବ୍ୟାଟର ସଇମ ଆୟୁବ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଅନ୍ୟପକ୍ଷରେ ପାୱାରପ୍ଲେରେ ଭାରତୀୟ ବୋଲିଂ ଏବଂ ଫିଲ୍ଡିଂ ଫିକା ରହିଥିଲା। ଶାହିବଜାଦା ଖାତା ଖୋଲି ନ ଥିବାବେଳେ ହାର୍ଦ୍ଦିକଙ୍କ ବଲ୍‌ରେ ଅଭିଷେକ ତାଙ୍କ କ୍ୟାଚ ଡ୍ରପ୍ କରିଥିଲେ। ସେହିପରି ଆୟୁବ ୪ ରନ କରିଥିବାବେଳେ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂରେ ତାଙ୍କର ଏକ କ୍ୟାଚକୁ କୁଲଦୀପ ଯାଦବ ହାତଛଡ଼ା କରିଥିଲେ। ଏହାର ସୁଯୋଗ ନେଇ ପାକିସ୍ତାନ ପାୱାରପ୍ଲେରେ ୧ ଉଇକେଟ ହରାଇ ୫୫ ରନ ସଂଗ୍ରହ କରି ନେଇଥିଲା। ଭାରତ ବିପକ୍ଷ ୧୫ଟି ଟି୨୦ ଅନ୍ତର୍ଜାତୀୟରେ ପାକିସ୍ତାନର ଏହା ସର୍ବାଧିକ ପାୱାରପ୍ଲେ ସ୍କୋର। ଯଶପ୍ରୀତ୍ ବୁମ୍‌ରା ନିଜ ପ୍ରଥମ ୩ ଓଭରରେ ୩୪ ରନ ବ୍ୟୟ କରିଥିଲେ। ପାୱାରପ୍ଲେରେ ଏହା ବୁମ୍‌ରାଙ୍କର ସବୁଠାରୁ ମହଙ୍ଗା ସ୍ପେଲ୍। ଦ୍ୱିତୀୟ ଉଇକେଟରେ ୪୯ ବଲ୍‌ରୁ ୭୨ ରନର ଭାଗୀଦାରି ପରେ ଭାରତକୁ ବ୍ରେକ୍‌ଥ୍ରୁ ଦେଇଥିଲେ ଶିବମ ଦୁବେ। ସେ ନିଜ ପ୍ରଥମ ଓଭରର ୩ୟ ବଲ୍‌ରେ ସଇମ ଆୟୁବଙ୍କୁ ଅଭିଷେକ ଶର୍ମାଙ୍କ ହାତରେ କ୍ୟାଚ କରାଇ ଯୋଡ଼ି ଭାଙ୍ଗିଥିଲେ। ଆୟୁବ ୧୭ ବଲ୍‌ରୁ ୨୧ ରନ କରିଥିଲେ। ଏହାପରେ ମ୍ୟାଚର ମୋଡ଼ ବୁଲିଥିଲା। ୧୪ତମ ଓଭରର ପ୍ରଥମ ବଲ୍‌ରେ ହୁସେନ ତଲତଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ କୁଲଦୀପ ଯାଦ। ତଲତ ୧୧ ବଲ୍‌ରୁ ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। ଅର୍ଦ୍ଧଶତକ ହାସଲକାରୀ ଶାହିବଜାଦା ଫରହାନ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୪୫ ବଲ୍‌ରୁ ୫୮ (୫ ଚୌକା, ୩ ଛକା) ରନ କରିଥିବାବେଳେ ଶିବମ୍ ଦୁବେଙ୍କ ବଲ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କୁ କ୍ୟାଚ ଦେଇଥିଲେ। ଶେଷ ଭାଗରେ ମହମ୍ମଦ ନୱାଜ ୨୧, ଅଧିନାୟକ ସଲମାନ ଆଘା ୧୭* ଓ ଫହିମ ଅଶ୍ରଫ ୮ ବଲ୍‌ରୁ ୨୦* ରନ କରିବାରୁ ପାକିସ୍ତାନ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଭାରତ ପକ୍ଷରୁ ଶିବମ୍ ଦୁବେ ୨ଟି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୭୧/୫ (ଶାହିବଜାଦା ଫରହାନ-୫୮, ସାଇମ ଆୟୁବ-୨୧, ମହମ୍ମଦ ନୱାଜ-୨୧, ଶିବମ୍ ଦୁବେ-୨/୩୩, ହାର୍ଦ୍ଦିକ ପାଣ୍ଡ୍ୟା-୧/୨୯, କୁଲଦୀପ ଯାଦବ-୧/୩୧)।

**୧୯ ବର୍ଷରୁ କମ୍ କ୍ରିକେଟ**

## ଅଷ୍ଟ୍ରେଲିଆକୁ ୭ ଉଇକେଟରେ ହରାଇଲା ଭାରତ

**ବ୍ରିସ୍‌ବେନ୍, ୨୧।୯ (ପି.ଟି.):** ଉଇକେଟକିପର ଅଭିଜ୍ଞ କୁଣ୍ଡୁ ଓ ବେଦାନ୍ତ ତ୍ରିବେଦୀ ଅପରାଜିତ ଅର୍ଦ୍ଧଶତକ ଏବଂ ୧୪ ବର୍ଷୀୟ ବିସ୍ମୟ ବାଳକ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀଙ୍କ ଆକର୍ଷଣୀୟ ୩୮ ରନ (୨୨ବଲ, ୭ ଚୌକା) ସହାୟତାରେ ଭାରତର ୧୯ବର୍ଷରୁ କମ୍ ପୁରୁଷ ଦଳ ୧୯ବର୍ଷରୁ କମ୍ ଅଷ୍ଟ୍ରେଲିଆ ଦଳକୁ ୭ଉଇକେଟରେ ହରାଇ ଦେଇଛି। ଇଆନ ହିଲି ଓଭାଲଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଭାରତୀୟ ବୋଲିଂର ଉଚିତ ମୁକାବିଲା କରି ନ ପାରି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ମାତ୍ର ୨୨୫ ରନ କରିଥିଲା। ଭାରତ ୧୧୭ ବଲ୍ ବାକିଥାଇ ମ୍ୟାଚ ଜିତି ନେଇଥିଲା। କୁଣ୍ଡୁ ଓ ତ୍ରିବେଦୀ ଯଥାକ୍ରମେ ୮୭ ଓ ୬୧ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ : ୫୦ ଓଭରରେ ୨୨୫/୯ ( ଜନ୍ ଜେମ୍ସ-୭୭, ଟମ୍ ହୋଗାନ-୪୧ ; ହେନିଲ ପଟେଲ-୩/୩୮, କନିଷ୍କ ଚୌଧହାନ-୨/୩୯)। ୧୯ ବର୍ଷରୁ କମ୍ ଭାରତ: ୨୨୭/୩ (ଅଭିଜ୍ଞ କୁଣ୍ଡୁ-୮୭* ବେଦାନ୍ତ ତ୍ରିବେଦୀ-୬୧* ; ଚାର୍ଲ୍ସ ଲାଚ୍‌ମଣ୍ଡ-୨/୪୬)।

# ପ୍ରମୋଦଙ୍କ ସ୍ୱର୍ଣ୍ଣିମ ପ୍ରତ୍ୟାବର୍ତ୍ତନ


ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସହ ପ୍ରମୋଦ ଭଗତ।

**ଭୁବନେଶ୍ୱର, ୨୧।୯ (ତପନ ସ୍ୱାଇଁ)**

ଭାରତ ଏବଂ ଓଡ଼ିଶାର ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ କୋର୍ଟକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୀର୍ଘ ୧୮ ମାସର ଅନୁପସ୍ଥିତି ପରେ ସେ ଚାଇନା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନର ଏସ୍‌ଏଲ୍‌୩ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଇଣ୍ଡୋନେସିଆର ମୁହ ଅଲ୍ ଇମରାନଙ୍କ ବିପକ୍ଷ ଫାଇନାଲରେ ସେ ପ୍ରଥମ ସେଟ୍‌ରେ ୧୫-୨୧ରେ ପରାଜିତ ହୋଇଥିଲେ ହେଁ ନାଟକୀୟ ଭାବେ ପରବର୍ତ୍ତୀ ୨ ସେଟ୍‌କୁ ୨୧-୧୯ ଓ ୨୧-୧୬ରେ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। 'ଥ୍ରୀ ହୋୟାରଏବାଉଟ୍ ଫେଲ୍ୟୁରର୍ସ' ଯୋଗୁ ପ୍ରମୋଦ ବାସନ୍ଦ ହୋଇଥିବାରୁ ପ୍ୟାରିସ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିପାରି ନ ଥିଲେ। ଏବେ ସ୍ୱର୍ଣ୍ଣିମ ପ୍ରତ୍ୟାବର୍ତ୍ତନ ତାଙ୍କୁ ଅତ୍ୟନ୍ତ ଭାବପ୍ରବଣ କରିଛି। କେବଳ ସ୍ୱର୍ଣ୍ଣ ନୁହେଁ, ସେ ଡବଲ୍ସରେ ମଧ୍ୟ ରୌପ୍ୟ ପଦକ ହାସଲ କରିଛନ୍ତି। ସୁକାନ୍ତ କଦମ ଏବଂ ପ୍ରମୋଦଙ୍କ ଯୋଡ଼ି ଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ନଭୀନ ଶିବକୁମାର ଓ ଜଗଦୀଶ ଦିଲିଙ୍କଠାରୁ ୧୮-୨୧, ୨୨-୨୦, ୧୮-୨୧ରେ ହାରି ଯାଇଛନ୍ତି। ସ୍ୱର୍ଣ୍ଣ ଓ ରୌପ୍ୟ ବିଜୟ ପାଇଁ ପ୍ରମୋଦଙ୍କୁ କୋଚ୍ ଶିବ ପ୍ରସାଦ ଦାସ, ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ଏହି ସ୍ୱର୍ଣ୍ଣ ମୋ ପାଇଁ ସ୍ୱତନ୍ତ୍ର

"ଏହି ସ୍ୱର୍ଣ୍ଣ ପଦକ ମୋ ପାଇଁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଦୀର୍ଘ ୧୮ ମାସର ଅନୁପସ୍ଥିତି ପରେ ନିଜକୁ ପ୍ରମାଣିତ କରିବା ସହଜ ନ ଥିଲା। ତେଣୁ ଏହା ଭିନ୍ନ ଅନୁଭବ ଆଣିଛି। ଏଥିପାଇଁ ମୋ କୋଚ୍, ସମର୍ଥକ ଏବଂ ମୋ ଉପରେ ବିଶ୍ୱାସ ରଖିଥିବା ସମସ୍ତ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଉଛି। ପ୍ରତ୍ୟାବର୍ତ୍ତନରେ ଏହା ମୋ ପାଇଁ କେବଳ ଏକ ଆରମ୍ଭ ମାତ୍ର" ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି।

# ଭର୍ଷ୍ଟାପେନ୍ ଜିତିଲେ ଆଜରବୈଜାନ ଗ୍ରାଁ ପ୍ରି




**ବାକୁ (ଆଜରବୈଜାନ), ୨୧।୯ (ଏପି)**

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଆଜରବୈଜାନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଥିବା ବେଳେ ପ୍ରଥମ ଲାପ୍‌ରେ ଚାମ୍ପିୟନଶିପ୍ ଲିଡର ଓସ୍କାର ପିଆଷ୍ଟ୍ରିଙ୍କ ଦୁର୍ଘଟଣା ଯୋଗୁ ଲାଣ୍ଡୋ ନୋରିସ ତାଙ୍କ ପଏଣ୍ଟ ବ୍ୟବଧାନକୁ ହ୍ରାସ କରିବାରେ ସମର୍ଥ ହୋଇଛନ୍ତି। ଶନିବାର ସଂଘର୍ଷପୂର୍ଣ୍ଣ କ୍ୱାଲିଫାଇଙ୍ଗ ସେସନରେ ପୋଲ୍ ପୋଜିଶନ ହାସଲ କରି ଭର୍ଷ୍ଟାପେନ୍ ରବିବାର ରେସ୍‌ରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ଥିଲେ। ମର୍ସିଡିଜର ଜର୍ଜ ରସେଲ ଦ୍ୱିତୀୟ ହୋଇଥିବା ବେଳେ ୱିଲିୟମ୍ସର କାର୍ଲୋସ ସେଞ୍ଜ ଜୁନିୟର ୪ବର୍ଷରେ ପ୍ରଥମ ଥର ପୋଡିୟମ ଫିନିଶ କରିବାରେ ସମର୍ଥ ହୋଇଛନ୍ତି। ପିଆଷ୍ଟ୍ରିଙ୍କ ତ୍ରୁଟିରୁ ନୋରିସ ସମ୍ପୂର୍ଣ୍ଣ ଫାଇଦା ଉଠାଇ ପାରି ନ ଥିଲେ। ସେ କେବଳ ଫର୍ମୁଲା-୧ ଟାଇଟଲ ଲଢେଇରେ ଅଷ୍ଟ୍ରେଲୀୟ ଡ୍ରାଇଭରଙ୍କ ଅଗ୍ରଣୀ ବ୍ୟବଧାନ ୨୫କୁ ହ୍ରାସ କରିପାରିଛନ୍ତି। ଚଳିତ ସିଜନର ଆଉ ୭ଟି ରେସ୍ ବାକି ରହିଛି। ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିବା ଅନ୍ୟ ଡ୍ରାଇଭରମାନେ ହେଲେ କିମି ଆଣ୍ଟୋନେଲି (ମର୍ସିଡିଜ୍), ଲିଆମ ଲସନ (ଆର୍‌ବି), ୟୁକି ଟିସୁନୋଡା (ରେଡ୍‌ବୁଲ୍), ଲାଣ୍ଡୋ ନୋରିସ (ମ୍ୟାକଲରେନ), ଲୁଇସ୍ ହାମିଲଟନ(ଫେରାରି), ଚାର୍ଲ୍ସ ଲେକ୍‌ରେକ୍ (ଫେରାରି) ଓ ଇସାକ୍ ହାଜାର (ଆର୍‌ବି)।

# ରାଜ୍ୟ ଓପନ ଚେସ୍: ଜ୍ଞାନରଞ୍ଜନ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୧।୯ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ବଡ଼ଗଡ଼ସ୍ଥିତ ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ଓପନ ଚେସ୍‌ରେ ଜ୍ଞାନ ରଞ୍ଜନ ସେଠୀ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଜ୍ଞାନ ଓ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ୪.୫ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ଆଦିତ୍ୟ ରଞ୍ଜନ ଦାସ, ସତ୍ୟଜିତ ପଟ୍ଟନାୟକ, ସଞ୍ଜୀବନ ନାୟକ, ହର ପ୍ରସାଦ ଚାଟାର୍ଜୀ, ଦେବାଶିଷ ଦାସ ଓ ସୁଜିତ କୁମାର ଚମ୍ପତି ପରିବର୍ତ୍ତୀ ୬ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏକ୍ସଆଇଏମ୍ ୟୁନିଭର୍ସିଟି ପ୍ରଫେସର ଶୁଭ୍ର ପଟ୍ଟନାୟକ, ପାରାଦୀପ ପୋର୍ଟ ଟ୍ରଷ୍ଟର ମୁଖ୍ୟ ଇଞ୍ଜିନିୟର ସୁନୀଲ କୁମାର ପଟ୍ଟନାୟକ, ସ୍କୁଲ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ ବେହୁରା ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ମିଥୁନ ମାନହସ ବିସିସିଆଇ ସଭାପତି ଲାଗି ନାମାଙ୍କନ ଦାଖଲ କଲେ

**ମୁମ୍ବାଇ, ୨୧।୯(ପି.ଟି.)**

ଦିଲ୍ଲୀର ପୂର୍ବତନ ଅଧିନାୟକ ମିଥୁନ ମାନହସ ରବିବାର ବିସିସିଆଇର ସଭାପତି ପଦ ଲାଗି ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଛନ୍ତି। ଗତ ମାସରେ ସଭାପତି ପଦରୁ ପୂର୍ବତନ କ୍ରିକେଟର ରୋଜର ବିନି ବିଦାୟ ନେଇଥିଲେ। ମାନହସ କ୍ରିକେଟର ଭାବେ ୧୫୭ ଫାଷ୍ଟ-କ୍ଲାସ, ୧୩୦ ଲିଷ୍ଟ ଏ ଓ ୫୫ ଆଇପିଏଲ୍ ମ୍ୟାଚ୍ ଖେଳିଥିଲେ। ନୂଆଦିଲ୍ଲୀରେ ବସିଥିବା ବୈଠକରେ ୪୫ ବର୍ଷୀୟ ମାନହସଙ୍କ ନାମକୁ ବିସିସିଆଇର ମୁଖ୍ୟ ପଦ ଲାଗି ଚୟନ କରାଯାଇଥିଲା। ଆସନ୍ତା ସପ୍ତାହରେ ହେବାକୁ ଥିବା ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ବିସିସିଆଇର ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ହେବ। ପରବର୍ତ୍ତୀ କାର୍ଯ୍ୟକାଳ ପାଇଁ ଏକ ପରିଷଦ ଗଠନ କରାଯାଉଛି। ପୂର୍ବତନ ଖେଳାଳି ମାନହସଙ୍କୁ ବିସିସିଆଇର ସଭାପତି କରିବାକୁ ନିଷ୍ପତ୍ତି ନିଆଯାଇଛି। ଅରୁଣ ଧୁମଲ ଆଇପିଏଲ୍ ଗଭର୍ନିଂ କାଉନସିଲର ଚେୟାରମ୍ୟାନ ଅଛନ୍ତି ଏବଂ ସେ ନିଜ ଦାୟିତ୍ୱ ତୁଲାଇବା ଜାରି ରଖିବେ ବୋଲି ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା କହିଛନ୍ତି। ବିସିସିଆଇର ବିଭିନ୍ନ ପଦବୀ ଲାଗି ସମ୍ପାଦକ ଦେବଜିତ ସାଇକିଆ, ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲର ଚେୟାରମ୍ୟାନ ଧୁମଲ, କର୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ସଭାପତି ଓ ପୂର୍ବତନ କ୍ରିକେଟର ରଘୁରାମ ଭଟ ନାମାଙ୍କନ ଦାଖଲ କରିଛନ୍ତି। କୋଷାଧ୍ୟକ୍ଷ ଥିବା ପ୍ରଭତେଜ ଭାଟିଆ ଉପସଭାପତି ଭାବେ ରୋହନ ଗୌନ୍ସ ଦେଶାଇଙ୍କ ସ୍ଥାନ ନେବେ।

## ସାତ୍ତ୍ୱିକ-ଚିରାଗ ରନର ଅପ୍

**ଶେନ୍‌ଝେନ୍, ୨୧।୯ (ପି.ଟି.):** ଭାରତର ଟପ୍ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରନରଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେମାନେ ବିଶ୍ୱର ନମ୍ବର ୱାନ କିମ୍ ଓନ୍ ହୋ ଓ ସିଓ ସେଅଙ୍ଗ୍ ଜାଇଙ୍କଠାରୁ ୧୯-୨୧, ୧୫-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୪୫ ମିନିଟରେ ଶେଷ ହୋଇଥିଲା। ସାତ୍ତ୍ୱିକ-ଚିରାଗଙ୍କର ଏହା ଥିଲା କ୍ରମାଗତ ଦ୍ୱିତୀୟ ଫାଇନାଲ। ଚଳିତ ସିଜନରେ ପୂର୍ବରୁ ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କର ଦ୍ୱିତୀୟ ବ୍ରୋଞ୍ଜ ଜିତିବା ପରେ ହଂକଂ ଓପନରେ ରନରଅପ୍ ହୋଇଥିଲେ। ଅନ୍ୟପକ୍ଷରେ ୨୦୧୫ରେ କିମ୍ ଓ ସିଓଙ୍କର ଏହାଥିଲା ୯ମ ଫାଇନାଲ।

# ଇଗା ସ୍ୱିଟେକଙ୍କୁ ଟାଇଟଲ




**ସିଓଲ, ୨୧।୯ (ଏପି)**

ଇଗା ସ୍ୱିଟେକ୍ ରବିବାର କୋରିଆ ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଫାଇନାଲରେ ସେ ୨ୟ ସିଡ୍ ଏକାଟରିନା ଆଲେଜାଣ୍ଡ୍ରୋଭାଙ୍କୁ ୧-୬, ୭-୬ (୩), ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ସିଓଲ ଅଲିମ୍ପିକ ପାର୍କରେ ଅନୁଷ୍ଠିତ ଏହି ମ୍ୟାଚ ପାଖାପାଖି ୩ ଘଣ୍ଟା ଧରି ଚାଲିଥିଲା। ୬ଥର ଗ୍ରାଣ୍ଡସ୍ଲାମ ବିଜେତାଙ୍କ ଚଳିତବର୍ଷ ଏହା ହେଉଛି ତୃତୀୟ ଏବଂ ଓଭରଅଲ ୨୫ତମ ଟାଇଟଲ। ପୋଲାଣ୍ଡର ଏହି ୨୪ ବର୍ଷୀୟା ଖେଳାଳି ଗତମାସରେ ସିନ୍‌ସିନାଟି ଓପନ ଜିତିଥିବା ବେଳେ ଜୁଲାଇରେ ତାଙ୍କର ପ୍ରଥମ ୱିମ୍ବେଲଡନ ଟାଇଟଲ ହାସଲ କରିଥିଲେ।

## କବାଡ଼ି ମ୍ୟାଚ୍ ବେଳେ ଦୁର୍ଘଟଣା, ୩ ମୃତ

**ରାୟପୁର, ୨୧।୯**

ଏକ କବାଡି ମ୍ୟାଚ୍ ଚାଲିଥିବା ବେଳେ ବିଦ୍ୟୁତ ଆଘାତରେ ୩ ଜଣ ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଛତିଶଗଡ଼ର କୋଣ୍ଡାଗାଓଁ ଜିଲାର ରାବାସ୍ୱାହି ଗ୍ରାମରେ ଏଭଳି ଘଟଣା ଘଟିଛି। ଶନିବାର ରାତିରେ କବାଡ଼ି ମ୍ୟାଚ୍ ଚାଲୁଥିବା ବେଳେ ହଠାତ ଝଡ଼ କାରଣରୁ ୧୧-କେଭି ତାର ମ୍ୟାଚ୍ ଲାଗି ବନ୍ଧାଯାଇଥିବା ଟେଣ୍ଟର ଲୁହା ରଡ଼ରେ ବାଜିଥିଲା। ଫଳରେ ଅନେକଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ସ୍ଥାନୀୟ ଗ୍ରାମବାସୀ ୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରେ ସତିଶ ନେତାମ ନାମକ ଜଣେ କବାଡ଼ି ଖେଳାଳି ଥିଲେ, ଯିଏକି ଦର୍ଶକଙ୍କ ମଧ୍ୟରେ ବସିଥିଲେ। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ଜେଏମ୍ ସ୍ପୋର୍ଟ୍ସର ଦିବ୍ୟାଂଶଙ୍କୁ ବ୍ରୋଞ୍ଜ

**ସିବିଏସି ନ୍ୟାଶନାଲ ଜିମ୍ନାଷ୍ଟିକ୍ସ**


ପଦକ ସହ ଦିବ୍ୟାଂଶ ପାଣିଗ୍ରାହୀ।

**ଭୁବନେଶ୍ୱର, ୨୧।୯ (ତପନ ସ୍ୱାଇଁ)**

ମହାରାଷ୍ଟ୍ର ଶିରିଡ଼ିଠାରେ ସାଧଭି ପ୍ରୀତିସୁଧାଜୀ ଇଣ୍ଟରନ୍ୟାଶନାଲ ସ୍କୁଲରେ ରବିବାର ଶେଷ ହୋଇଥିବା ସିବିଏସି ନ୍ୟାଶନାଲ ଜିମ୍ନାଷ୍ଟିକ୍ ଚାମ୍ପିୟନଶିପ୍‌ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପ୍ରତିଯୋଗୀ ସଫଳତା ହାସଲ କରିଛନ୍ତି। ଏକାଡେମୀରୁ ମୋଟି ୨ ଜଣ ଜିମ୍ନାଷ୍ଟ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୧ବର୍ଷରୁ କମ ବାଳକ ବର୍ଗରେ ୮ ବର୍ଷୀୟ ଦିବ୍ୟାଂଶ ପାଣିଗ୍ରାହୀ ୪ଟି ଆପାରେଟ୍ସ ଯଥା ଫ୍ଲୋର ଏକ୍ସରସାଇଜ, ଭଲ୍ଟିଂ ଟେବୁଲ୍, ପାରାଲାଲ ବାର ଓ ପୋମେଲ ହର୍ସରେ ଭାଗ ନେଇଥିବାବେଳେ ପୋମେଲ୍ ହର୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୧ ବର୍ଷରୁ କମ ବାଳକ ବର୍ଗରେ ମୋଟ ୪୫୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ଦିଭ୍ୟାନ୍ସ ନିଜ ପ୍ରତିଭା ପ୍ରଦର୍ଶନ ପୋଡିୟମ ମଣ୍ଡନ କରି ଏକାଡେମୀ ଏବଂ ଓଡ଼ିଶାକୁ ଗର୍ବିତ କରିଛନ୍ତି। ସେହିପରି ୧୧ ବର୍ଷରୁ କମ ବାଳିକା ବର୍ଗରେ ୭ ବର୍ଷୀୟା ଦିବ୍ୟାଞ୍ଜଳି ମହନ୍ତ ୪ଟି ଆପାରଟସ ଯଥା ଫ୍ଲୋର ଏକ୍ସରସାଇଜ, ଭଲ୍ଟିଂ ଟେବୁଲ୍, ଅନଇଭେନ୍ ବାର ଓ ବାଲାନ୍ସିଂ ବିମ୍‌ରେ ଭାଗ ନେଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ମୋଟ ୭୬୦ ପ୍ରତିଯୋଗୀଙ୍କ ମଧ୍ୟରେ ଦିବ୍ୟାଞ୍ଜଳି ଭଲ୍ଟିଂ ଟେବୁଲରେ ୫ମ ସ୍ଥାନ ଅଧିକାର କରି ନିଜ ପ୍ରତିଭା ଦେଖାଇଛନ୍ତି। ପ୍ରକାଶଯୋଗ୍ୟ, ଚକେଇସିଆଣିସ୍ଥିତ ଜେଏମ ସ୍ପୋର୍ଟ୍ସ ଏକାଡେମୀ ଓଡ଼ିଶାର ଏକ ମାତ୍ର ଘରୋଇ ଏକାଡେମୀ, ଯେଉଁଠାରେ ଗତ ୧୩ ବର୍ଷ ହେଲା ତୃଣମୂଳ ସ୍ତରରେ ଜିମ୍ନାଷ୍ଟିକ୍ ପ୍ରଶିକ୍ଷଣ ଦିଆଯାଇ ଆସୁଛି। ଏକାଡେମୀ ଏବଂ ରାଜ୍ୟକୁ ଗୌରବାନ୍ୱିତ କରିଥିବା ଏହି ୨ ଜଣ ଶିଶୁ ଜିମ୍ନାଷ୍ଟଙ୍କୁ ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର, ମୁଖ୍ୟ ପୃଷ୍ଠପୋଷକ ଅତିସ କୁମାର ରାଉତ, ସମସ୍ତ କର୍ମକର୍ତ୍ତାବୃନ୍ଦ ଓ ଅଭିଭାବକମାନେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ୍ ତରଫରୁ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ